୬ ମହିଳା ଫାଇନାଲ ଆଶା : ଭିନେଶ ଡିସ୍କ୍ୱାଲିଫାଏଡ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୯୨ ● ୮ ଅଗଷ୍ଟ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-192 ● 8th August 2024, Thursday ● Bhubaneswar
Licensed to post without pre-payment of postage No- BN-60/22-24

# ୩ ସେପ୍ଟେମ୍ବରରେ ୯ ରାଜ୍ୟର ୧୨ ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ




**ନୂଆଦିଲ୍ଲୀ, ୭/୮**

ଦେଶର ୯ଟି ରାଜ୍ୟର ୧୨ଟି ରାଜ୍ୟସଭା ଆସନରେ ସେପ୍ଟେମ୍ବର ୩ରେ ଉପନିର୍ବାଚନ ହେବା ସମ୍ପର୍କରେ ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି। ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଆସାମ, ତ୍ରିପୁରା, ହରିୟାଣା ରାଜସ୍ଥାନ, ବିହାର, ତେଲେଙ୍ଗାନା ଏବଂ ଓଡ଼ିଶା ଆଦି ୯ ରାଜ୍ୟର ୧୨ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ କରାଯିବ। ସେଥି ମଧ୍ୟରେ ମହାରାଷ୍ଟ୍ରର ୨ଟି ଆସନ ଆସାମର ୨, ବିହାରର ୨ ତଥା ହରିୟାଣା, ରାଜସ୍ଥାନ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା ଏବଂ ତ୍ରିପୁରାର ଗୋଟିଏ ଲେଖାଏଁ ଖାଲି ପଡ଼ିଥିବା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ମମତା ମହାନ୍ତଙ୍କ ଇସ୍ତଫା ପରେ ଓଡ଼ିଶାର ଗୋଟିଏ ଆସନ ଖାଲି ପଡ଼ିଛି।

ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଉପନିର୍ବାଚନ ପାଇଁ ୧୪ ଅଗଷ୍ଟରେ ବିଜ୍ଞପ୍ତି ଜାରି କରାଯିବ। ନାମାଙ୍କନ ପତ୍ର ଦାଖଲର ଅନ୍ତିମ ତାରିଖ ଅଗଷ୍ଟ ୨୧ ରହିଛି। ସେହିପରି ଅଗଷ୍ଟ ୨୨ରେ ନାମାଙ୍କନ ପତ୍ରର ଯାଞ୍ଚ କରାଯିବ। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅଗଷ୍ଟ ୨୭ ରହିଛି। ୩ ସେପ୍ଟେମ୍ବରରେ ମତଦାନ ହେବ ଏବଂ ଫଳାଫଳ ସେହିଦିନ ଅର୍ଥାତ୍ ୩ ସେପ୍ଟେମ୍ବର ଅପରାହ୍ନ ୫ଟା ପରେ ଘୋଷଣା କରାଯିବ ।

ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଆସାମ ଏବଂ ତ୍ରିପୁରା ପାଇଁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅଗଷ୍ଟ ୨୬ ରହିଥିବାବେଳେ ହରିୟାଣା ରାଜସ୍ଥାନ, ବିହାର, ତେଲେଙ୍ଗାନା ଏବଂ ଓଡ଼ିଶା ପାଇଁ ଅଗଷ୍ଟ ୨୭ ରହିଛି। ସେପ୍ଟେମ୍ବର ୩ରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ଏବଂ ଭୋଟ୍ ଗଣତି ଅପରାହ୍ନ ୫ଟାରୁ ହେବ।

# ଆସୁଛି ଆଉ ଏକ ଲଘୁଚାପ



**ଭୁବନେଶ୍ୱର, ୭/୮**
**ନ୍ୟୁଜ ବ୍ୟୁରୋ**

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ଉପରେ ସମାନ୍ତରାଳ ଭାବେ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟାରେ ଉକ୍ତ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ସହିତ ଦୀଘା ଦେଇ ଅତିକ୍ରମ କରୁଥିବା ମନସୁନ୍ ଟ୍ରଫ୍ ପ୍ରଭାବରେ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ ଅନୁଯାୟୀ, ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, କୋରାପୁଟ ଓ ନବରଙ୍ଗପୁରର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ (୭ରୁ ୨୦ ସିଏମ୍) ବର୍ଷା ହୋଇପାରେ। ସେଥିପାଇଁ ଏହି ସବୁ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ମାଲକାନଗିରି, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର *(ପୃଷ୍ଠା ୭ରେ)*

## ଜମ୍ମୁ କଶ୍ମୀର ଡିଜିପି ହେଲେ ଓଡ଼ିଆ ଆଇପିଏସ୍ ରଶ୍ମୀ ରଞ୍ଜନ ସ୍ୱାଇଁ



**ଜମ୍ମୁ, ୭/୮**

ଜମ୍ମୁ କଶ୍ମୀର ପୁଲିସ ଡିଜି ହେଲେ ଜଣେ ଓଡ଼ିଆ ଆଇପିଏସ୍ ଅଫିସର । ଓଡ଼ିଶାର ରଶ୍ମୀ ରଞ୍ଜନ ସ୍ୱାଇଁ ହେଲେ ପରବର୍ତ୍ତୀ ଜମ୍ମୁ ଓ କଶ୍ମୀର ଡିଜିପି। ରଶ୍ମୀ ରଞ୍ଜନଙ୍କ ନିଯୁକ୍ତି ନେଇ ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଏଜିଏମ୍ୟୁଟି କ୍ୟାଡରର ୧୯୯୧ ବ୍ୟାଚର ଓଡ଼ିଆ ଆଇପିଏସ୍ ହେଉଛନ୍ତି ରଶ୍ମୀ ରଞ୍ଜନ ସ୍ୱାଇଁ । ରଶ୍ମୀ ରଞ୍ଜନ ଜଣେ ଦକ୍ଷ ପୁଲିସ୍ ଅଧିକାରୀ ଭାବେ ବେଶ୍ ପରିଚିତ। ଜମ୍ମୁ କଶ୍ମୀରର ବିଭିନ୍ନ ସ୍ଥାନରେ ହେଉଥିବା ଆତଙ୍କବାଦୀ ହମଲାର ସେ ବେଶ୍ ସଫଳତାର ସହ ସାମନା କରିଥିବା ବେଳେ ଆତଙ୍କବାଦୀଙ୍କ ମୂଳୋତ୍ପାଟନ ନିମନ୍ତେ ବି ବେଶ୍ ସକ୍ରିୟ ଅଛନ୍ତି।

ରଶ୍ମୀ ରଞ୍ଜନ ସ୍ୱାଇଁ ଭ୍ରଷ୍ଟାଚାର, ଦୁର୍ନୀତିକୁ କେବେ ବି ବରଦାସ୍ତ କରନ୍ତି ନାହିଁ। ତେଣୁ ସେ ଜଣେ ସଚ୍ଚୋଟ ପୁଲିସ୍ ଅଫିସର ଭାବେ ବେଶ୍ ଜଣାଶୁଣା। ଜମ୍ମୁ କଶ୍ମୀର ପୁଲିସ ଡିଜି ଭାବେ କାର୍ଯ୍ୟ କରିବେ । ଏବେ ସେ ଜମ୍ମୁ, କଶ୍ମୀରର ଭାରପ୍ରାପ୍ତ ଡିଜିପି ଭାବେ କାର୍ଯ୍ୟରତ ଅଛନ୍ତି।




# କର୍ମଚାରୀଙ୍କ ଗୁପ୍ତ ଚରିତ୍ର ପଞ୍ଜିକାରେ ରହିବନି '୫ଟି ଟାର୍ଟର' ଓ 'ମୋ ସରକାର'

**ଭୁବନେଶ୍ୱର, ୭/୮**
**ନ୍ୟୁଜ ବ୍ୟୁରୋ**

ରାଜ୍ୟର ସମସ୍ତ ବର୍ଗର କର୍ମଚାରୀଙ୍କ ଗୁପ୍ତ ଚରିତ୍ର ପଞ୍ଜିକାରୁ '୫-ଟି ଟାର୍ଟର' ଓ 'ମୋ ସରକାର'କୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଏବେ ଏହାର କୌଣସି ଆବଶ୍ୟକତା ନଥିବା ଦର୍ଶାଇ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର, ସମସ୍ତ ରାଜସ୍ୱ ଡିଭିଜନାଲ ଆୟୁକ୍ତ ଓ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ସରକାର ହୃଦୟଙ୍ଗମ କରିଛନ୍ତି ଯେ ବର୍ତ୍ତମାନ ପରିପ୍ରେକ୍ଷୀରେ '୫-ଟି ଟାର୍ଟର' ଏବଂ 'ମୋ ସରକାର'ର ମୂଲ୍ୟାଙ୍କନର କୌଣସି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ନାହିଁ।




ତେଣୁ ଉକ୍ତ ଉପାଦାନଗୁଡ଼ିକୁ ରାଜ୍ୟର ସମସ୍ତ ବର୍ଗର (କ, ଖ ଏବଂ ଗ) କର୍ମଚାରୀଙ୍କ ପାଇଁ ଏବେ ପ୍ରଚଳିତ ଥିବା ପିଏଆର/ସିସିଆର ଫର୍ମାଟରୁ ପ୍ରତ୍ୟାହାର କରି ୨୦୧୯-୨୦ ପୂର୍ବରୁ ପ୍ରଚଳିତ ପିଏଆର/ସିସିଆର ଫର୍ମାଟକୁ ୨୦୨୪-୨୫ ଠାରୁ ପୁନଶ୍ଚ ପ୍ରଚଳନ କରିବାକୁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

# ପ୍ରଥମ ଥର ପାଇଁ ୫୮.୫୭ ଲକ୍ଷ ଟିକସଦାତା ଆୟକର ରିଟର୍ଣ୍ଣ ଦାଖଲ କଲେ : ସୀତାରମଣ


**ନୂଆଦିଲ୍ଲୀ, ୦୭/୮**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୁଧବାର କହିଛନ୍ତି ଯେ ପ୍ରଥମ ଥର ପାଇଁ ୫୮.୫୭ ଲକ୍ଷ ଟିକସଦାତା ଆୟକର ରିଟର୍ଣ୍ଣ (ଆଇଟିଆର) ଦାଖଲ କରିଛନ୍ତି। ଏହା ବଢୁଥିବା ଟିକସ ଦାଖଲ ଆଧାରର ପ୍ରମାଣ । ଅର୍ଥମନ୍ତ୍ରୀ କହିଛନ୍ତି ଯେ ଟ୍ୟାକ୍ସ ରିଟର୍ଣ୍ଣ ଦାଖଲ କରିବାକୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଯୋଗୁଁ ଏହି ପରିବର୍ତ୍ତନ ଆସିଛି। ଲୋକସଭାରେ ଫାଇନାନ୍ସ ବିଲ୍ ୨୦୨୪ ଉପରେ ହୋଇଥିବା ଆଲୋଚନାର ସୀତାରମଣ ଜବାବ ଦେଇଛନ୍ତି। ଅର୍ଥମନ୍ତ୍ରୀ ୨୦୨୩ ମସିହାରେ ବ୍ୟକ୍ତିଗତ ଆୟକର ସ୍ଲାବର ପୂର୍ବ ସଂଶୋଧନକୁ ଆଲୋକିତ କରିଥିବାବେଳେ ମଧ୍ୟବିତ୍ତଙ୍କ କଲ୍ୟାଣ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ସ୍ଲାବଗୁଡିକୁ 'ଉଦାରବାଦୀ' କରାଯାଇଛି, ଫଳସ୍ୱରୂପ ସମସ୍ତ ଟିକସଦାତା ୩୭,୫୦୦ ଟଙ୍କା ହ୍ରାସ କରି ଟିକସ ଦାୟିତ୍ୱର ଲାଭ ପାଇଛନ୍ତି।



ନିମ୍ନରେ ଥିବା ସ୍ଲାବରେ ପୁଣିଥରେ ପରିବର୍ତ୍ତନ କରାଯାଇଛି । ସେ କହିଛନ୍ତି ଯେ ୨୦୨୩ ମସିହାରେ ୧୫ ଲକ୍ଷ ଟଙ୍କା ଆୟ ଉପରେ ପ୍ରଭାବଶାଳୀ ଟିକସକୁ ୧୦ ପ୍ରତିଶତକୁ ହ୍ରାସ କରାଯାଇଛି, ଯାହାକି ଚଳିତ ବର୍ଷ ୨୦୨୪ରେ ହ୍ରାସ *(ପୃଷ୍ଠା ୭ରେ)*

# ପୁରୀରେ କାର୍ଯ୍ୟକାରୀ ହେବ ଉଚ୍ଚମାନର ରୋଗୀ-କେନ୍ଦ୍ରୀତ ସମନ୍ୱିତ ମଡେଲ୍




**ପୁରୀ, ୭/୮**
**ନ୍ୟୁଜ ବ୍ୟୁରୋ**

ଭାରତୀୟ ଚିକିତ୍ସା ଗବେଷଣା ପରିଷଦ – ଆଇସିଏମ୍ଆର୍ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ଗବେଷଣା ପ୍ରାଥମିକତା ପ୍ରକଳ୍ପରେ ପୁରୀ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି। ଦେଶର ୫ଟି ଜିଲ୍ଲା ମଧ୍ୟରେ ଚୟନ ହୋଇଥିବା ପୁରୀରେ ଅତ୍ୟାଧୁନିକ ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥାର ବିକାଶ ଉଦ୍ଦେଶ୍ୟରେ ଉଚ୍ଚମାନର ରୋଗୀ-କେନ୍ଦ୍ରୀତ ସମନ୍ୱିତ ମଡେଲ୍ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଆଶୁତୋଷ ବିଶ୍ୱାସ କହିଛନ୍ତି। ଭୁବନେଶ୍ୱରସ୍ଥ ଏମ୍ସ , ଆଇସିଏମଆର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ପ୍ରକ୍ରିୟାରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଦକ୍ଷତା ବୃଦ୍ଧି, ସୂଚନା ପ୍ରଯୁକ୍ତି ବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ଉପକରଣ ବ୍ୟବହାର ଏବଂ ମ୍ୟାପିଂ ଦ୍ୱାରା ଜରୁରୀକାଳୀନ ସେବା ବୃଦ୍ଧି କରାଯିବ। ଏହି ପ୍ରକଳ୍ପ ଦ୍ୱାରା ହୃଦଘାତ, ମସ୍ତିଷ୍କ ଆଘାତ, ଟ୍ରମା, ସାପ କାମୁଡ଼ା, ବିଷକ୍ରିୟା, ଶ୍ୱାସକ୍ରିୟା ଭଳି ଜରୁରୀକାଳୀନ ପରିସ୍ଥିତି ଏବଂ ନବଜାତ ଶିଶୁ ଓ ମାତୃ ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିକୁ ସମାଧାନ କରାଯିବ ବୋଲି ଡ.ବିଶ୍ୱାସ କହିଛନ୍ତି। ଏମ୍ସ ଭୁବନେଶ୍ୱର, ଆଇସିଏମଆର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାରେ ଏହି ପ୍ରକଳ୍ପର ନେତୃତ୍ୱ ନେଉଛି। ଏମ୍ସ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟସ୍ତରୀୟ ପରାମର୍ଶ ସହ ସମୀକ୍ଷା ବୈଠକରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଏହି ପଦକ୍ଷେପ ସମ୍ପର୍କରେ କହିଛନ୍ତି। ରାଜ୍ୟ ସରକାରଙ୍କ ସହଯୋଗରେ ଏହି ମଡେଲକୁ ବିକଶିତ ଓ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ଏମ୍ସର ଅତିରିକ୍ତ ପ୍ରଫେସର ଅରବିନ୍ଦ କୁମାର ସିଂହଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି।

# ଇଡି କାର୍ଯ୍ୟକଳାପକୁ ନେଇ ଚିନ୍ତାପ୍ରକଟ କଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୭/୮**

ମାମଲା ରୁଜୁ କରିବାରେ ଧୁରନ୍ଧର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କିନ୍ତୁ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ବିଫଳ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ମାମଲାଗୁଡ଼ିକରେ ଆଇନଗତ କାର୍ଯ୍ୟାନୁଷ୍ଠାନରେ ଉନ୍ନତି ଆଣିବାକୁ ବୁଧବାର ସର୍ବୋଚ୍ଚ ନ୍ୟାୟାଳୟ ଇଡିକୁ ପରାମର୍ଶ ଦେଇଛନ୍ତି। ଛତିଶଗଡ଼ର ଜଣେ ବ୍ୟବସାୟୀ ସୁନୀଲ କୁମାର ଅଗ୍ରୱାଲଙ୍କ ବିରୋଧରେ ଆଗତ ଏକ ଆର୍ଥିକ ହେରଫେର ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଇଡିକୁ ଏଭଳି କହିଛନ୍ତି। ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠନ ଖଣ୍ଡପୀଠ ଇଡିର ପ୍ରଦର୍ଶନକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଜଷ୍ଟିସ ଭୂୟାଁ କହିଥିଲେ, ଇଡି ୫୦୦୦ ମାମଲା ପଞ୍ଜୀକୃତ କରିଛି। କିନ୍ତୁ ମାତ୍ର ୪୦ଟି *(ପୃଷ୍ଠା ୭ରେ)*

## ବାଂଲାଦେଶ ସୀମାରେ ହାଇ ଆଲର୍ଟ ଜାରି କଲା ବିଏସ୍ଏଫ୍

**ଗୌହାଟୀ, ୭/୮**

ପଡୋଶୀ ଦେଶ ବାଂଲାଦେଶରେ ହିଂସାକୁ ଦୃଷ୍ଟିରେ ରଖି ଗୌହାଟୀ ସ୍ଥିତ ସୀମାସୁରକ୍ଷା ବଳର ମୁଖ୍ୟାଳୟରୁ ଭାରତ-ବାଂଲାଦେଶ ଅନ୍ତର୍ଜାତୀୟ ସୀମା ଉପରେ ହାଇଆଲର୍ଟ ଜାରି କରାଯାଇଛି । ସ୍ଥିତି ଉପରେ ନଜର ରଖିବା ପାଇଁ ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବୃଦ୍ଧି କରାଯାଇଛି । ଗୌହାଟୀ ବିଏସ୍ଏଫ୍ର ମୁଖପାତ୍ର ଏକ ବୟାନ ଜାରି କରି କହିଛନ୍ତି ଯେ, ସ୍ଥିତିର ଗମ୍ଭୀରତାକୁ ଦେଖି କୌଣସି ପ୍ରକାରର ସୁରକ୍ଷା ବିପଦକୁ ରୋକିବା ପାଇଁ ସୀମାରେ ହାଇଆଲର୍ଟ ଘୋଷଣା କରାଯାଇଛି । ସମସ୍ତ ସ୍ତରରେ କମାଣ୍ଡରଙ୍କୁ ସତର୍କ ରହିବା ଉପରେ କୌଣସି ଅପ୍ରତ୍ୟାଶିତ ସ୍ଥିତିର ମୁକାବିଲା ପାଇଁ ତତ୍ପର ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ବ୍ୟାପକ ସଂଖ୍ୟାରେ ସୁରକ୍ଷା ବଳ ମୁତୟନ କରାଯିବା ସହ ତ୍ୱରିତ ପ୍ରତିକ୍ରିୟା ଟିମ୍ ଗଠନ କରି ସୀମାରେ କଡ଼ା ନଜର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଏକାଳ ସକାଳ



କି ଲାଭ ଘୋଡାଇଲେ ମୁହଁ
କରମ ଗୁଡାକ କଳା
ଅଧିକାରୀଙ୍କ ଅମାପ ସମ୍ପତ୍ତି
ଖାଲି ସୁନା ରୂପା ହୀରା ଲୀଳା
ଚାଲିଛି ତଡାଖୋଳା
ପାବାରଫୁଲ ଲୋକଗୁଡାପରା
ଏମିତି କରନ୍ତି ଲୀଳା

# ରାଜ୍ୟ ସଭାକୁ କିଏ ଯିବେ ? କିଛି ନେତାଙ୍କ ନାଁକୁ ନେଇ ଚାଲିଛି ଜୋରଦାର ଚର୍ଚ୍ଚା





**ଭୁବନେଶ୍ୱର, ୭/୮**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ସେପ୍ଟେମ୍ବର ୩ ତାରିଖରେ ଓଡ଼ିଶା ସମେତ ୯ଟି ରାଜ୍ୟର ୧୨ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟସଭା ଏମ୍ପି ପଦରୁ ମମତା ମହାନ୍ତ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ରାଜ୍ୟ ସଭାକୁ କିଏ ଯିବେ ସେନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ଏହା ମଧ୍ୟରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ନାଁ ବେଶ୍ ଆଗରେ ରହିଛି। ଅନ୍ୟପକ୍ଷରେ ମନମୋହନ ସାମଲ କହିଛନ୍ତି, ଯାହା କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେବେ ସେ ଅନୁସାରେ କାର୍ଯ୍ୟ ହେବ। ସେ କହିଛନ୍ତି, ଗଣମାଧ୍ୟମରେ ଯାହା ଚର୍ଚ୍ଚା ହୁଏ, ସେଥିରେ କିଛି ନାହିଁ। ବିଧାୟକ, ଲୋକସଭା ପ୍ରାର୍ଥୀ ରାଜ୍ୟସଭା ହେଉ କି ଲୋକସଭା ସବୁକିଛି ଦିଲ୍ଲୀରେ ପାର୍ଟିର ସଂସଦୀୟ ବୋର୍ଡ ହିଁ ନିଷ୍ପତ୍ତି ନେବ। ରାଜ୍ୟସଭା ସଭ୍ୟପଦ ପାଇଁ ମନମୋହନ ସାମଲଙ୍କ ନାମ ସହିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଏବଂ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନାମ ମଧ୍ୟ ଚର୍ଚ୍ଚା ହେଉଛି। ଏମାନଙ୍କ ମଧ୍ୟରୁ ଜଣଙ୍କୁ କେନ୍ଦ୍ରୀୟ ନେତୃତ୍ୱ ବାଛି ପାରନ୍ତି ଯେ କି ରାଜ୍ୟସଭା ପ୍ରାର୍ଥୀ ହୋଇପାରନ୍ତି । ସୂଚନାଯୋଗ୍ୟ, *(ପୃଷ୍ଠା ୭ରେ)*

# ବାଂଲାଦେଶ ହିଂସା ମଧ୍ୟରେ ବଡ଼ ନିଷ୍ପତ୍ତି ନେଲା ଭାରତ



**ନୂଆଦିଲ୍ଲୀ, ୭।୮**

ବାଂଲାଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ଭାରତ ହାଇ କମିଶନ ଏବଂ କନସୁଲେଟ୍ରେ ପୋଷ୍ଟ ହୋଇଥିବା ଅନାବଶ୍ୟକ କର୍ମଚାରୀଙ୍କୁ ଫେରାଇବାକୁ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ସରକାର ମଧ୍ୟ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ସୂଚନାଯୋଗ୍ୟ, ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନା ବର୍ତ୍ତମାନ ଭାରତରେ ଅଛନ୍ତି। ଅନ୍ୟପକ୍ଷରେ ବାଂଲାଦେଶରେ ହିନ୍ଦୁ ଘର ଏବଂ ମନ୍ଦିର ଉପରେ ଆକ୍ରମଣ ମଧ୍ୟ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ଅଗଷ୍ଟ ୨୦୨୪ ଗୁରୁବାର





# ଉଠା ଜଳସେଚନ ବିଭାଗରେ ୧କୋଟି ୧୯ଲକ୍ଷ ଟଙ୍କାର ଅନିୟମିତତା ଅଭିଯୋଗ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଉଠା ଜଳସେଚନ ନିଗମ ଏକାଉଣ୍ଟର ୧କୋଟି୧୯ଲକ୍ଷ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡିଛି । ଏଭଳି ଏକ ସ୍ୱର୍ଶକାତର ଘଟଣା ଜଣାପଡ଼ିବା ପରେ ସହକାରୀ ହିସାବ ରକ୍ଷକ ବଳରାମ ମେହେର ଫେରାର୍ ହୋଇଯାଇଛନ୍ତି ।ଅନ୍ୟପକ୍ଷରେ ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ଏକ ଉଚ୍ଚ ସ୍ତରୀୟ ଟିମ୍ ଦ୍ୱାରା ଅନିୟମିତତାର ତଦନ୍ତ ଆରମ୍ଭ ହୋଇଥିଲା ।ଭିଜିଲାନ୍ସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଜିଲ୍ଲାରେ ଗଭୀର ନଳକୂପ ଖନନ ସହ ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥ ନିଗମର ନିର୍ବାହୀ ଯନ୍ତ୍ରୀଙ୍କ ନାମରେ ସ୍ଥାନୀୟ ୟୁନିୟନ୍ ବ୍ୟାଙ୍କରେ ଜମା କରାଯାଇଛି ।କିନ୍ତୁ ନିର୍ବାହୀ ଯନ୍ତ୍ରୀଙ୍କ ଆଇଡି, ପାସ୍ୱାର୍ଡ, ଚେକ୍ ଓ ସିଲ୍ ବ୍ୟବହାର କରି ସହକାରୀ ହିସାବ ନିରୀକ୍ଷକ ବଳରାମ ମେହେର ବିଭିନ୍ନ ସମୟରେ ବିପୁଳ ପରିମାଣର ଟଙ୍କା ନିଜର ଫାର୍ମ ଏକାଉଣ୍ଟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ଜଣାପଡ଼ିବା ପରେ ନିଗମର ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରା ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ସହକାରୀ ହିସାବ ରକ୍ଷକ ଜାଲିଆତି କରି ୧ କୋଟି ୧୯ ଲକ୍ଷ ୭୧ ହଜାର ଟଙ୍କା ନିଜ ଫାର୍ମ ନାମରେ ଥିବା ଏକାଉଣ୍ଟକୁ ସ୍ଥାନାନ୍ତର କରିଥିବା ଅଭିଯୋଗ କରିଛନ୍ତି । ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହୋଇଥିବାରୁ ଭିଜିଲାନ୍ସ କିମ୍ବା ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ତଦନ୍ତ କରାଯିବାର ବ୍ୟବସ୍ଥା ଥିବା ଥାନା ଅଧିକାରୀ ରମେଶ ମାହାଣା ପରାମର୍ଶ ଦେବା ପରେ ଭିଜିଲାନ୍ସ ଖୋଳତାଡ ଆରମ୍ଭ କରିଛି ।ଅଭିଯୋଗ ମିଳିବା ପରେ ନିଗମର ଭୁବନେଶ୍ୱର ମୁଖ୍ୟାଳୟରୁ ମୁଖ୍ୟ ହିସାବ ରକ୍ଷକ ତଥା ଅର୍ଥ ପରାମର୍ଶଦାତା ନିର୍ଝରିଣୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକାଉଣ୍ଟ ଅଫିସର ସାଧନା ବେହେରା ଓ ଡେପୁଟି ଚିଫ୍ ଏକାଉଣ୍ଟ ଅଫିସର ଅଜୟ ନାୟକ ଉଠା ଜଳସେଚନ ନିଗମ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି । ସହକାରୀ ହିସାବ ରକ୍ଷକ ବଳରାମ ମେହେରଙ୍କ ସମସ୍ତ ଏକାଉଣ୍ଟକୁ ଫ୍ରିଜ୍ କରାଯିବାକୁ ବ୍ୟାଙ୍କ ମାନଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା ସୂଚନା ମିଳିଛି । ଏ ସମ୍ପର୍କରେ ସୋନପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପଧାନଙ୍କୁ ପଚାରିବାରୁ ଭିଜିଲାନ୍ସ ଟିମ୍ ସମ୍ପୃକ୍ତ କାର୍ଯ୍ୟାଳୟକୁ ଯାଇ ଅନିୟମିତତା ସମ୍ପର୍କିତ ଆବଶ୍ୟକ ଫାଇଲ୍ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ଖାଲି ପଡ଼ିଛି ୧୧୦ ଡିଏସ୍‌ପି ପଦ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପାଖାପାଖି ୧୧୦ ଡିଏସ୍‌ପି ପଦବି ଖାଲି ପଡ଼ିଛି । ଏବେ ପାଖାପାଖି ୧୫୦ ଜଣ ଇନ୍‌ସପେକ୍ଟର ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେଲେଣି। ଏମାନେ ଥାନାରେ ୧୧ ବର୍ଷରୁ ଅଧିକ କାଳ ଇନ୍‌ସପେକ୍ଟର ଭାବେ କାର୍ଯ୍ୟ କରି ସାରିଲେଣି । ଏଭଳି ପରିସ୍ଥିତିରେ ପଦୋନ୍ନତି ବୋର୍ଡ ବସିବା ପୂର୍ବରୁ ଆଇଜି ପର୍ସୋନେଲ୍‌ଙ୍କ ପକ୍ଷରୁ ବୋର୍ଡ ସେକ୍ସନ୍ ମାଧ୍ୟମରେ ପ୍ରତ୍ୟେକ ଜିଲ୍ଲାର ଏସ୍‌ପିଙ୍କୁ ନୋମିନେସନ୍ ମାଗିବା ପାଇଁ ଚିଠି ଲେଖିଥାନ୍ତି । କିନ୍ତୁ ପର୍ସୋନେଲ ସେକ୍ସନ୍‌ରେ ଏହି ପ୍ରକ୍ରିୟା ପୂର୍ବ ସରକାର ସମୟରେ ସାଧାରଣ ନିର୍ବାଚନ ପୂର୍ବରୁ ଅଟକି ରହିଥିବା ଅଭିଯୋଗ ଉଠିଛି । ଓଡ଼ିଶା ପୋଲିସର ନିୟମ ଅନୁଯାୟୀ, ଯେଉଁ ଅଫିସର ୫ ବର୍ଷ ଇନ୍‌ସପେକ୍ଟର ଭାବେ କାର୍ଯ୍ୟ କରିଥିବେ ଓ ଡିଏସ୍‌ପି ପଦବି ଖାଲିଥିବ, ସେଭଳି କ୍ଷେତ୍ରରେ ପୋଲିସ ମୁଖ୍ୟାଳୟରେ ଥିବା ବୋର୍ଡ ସେକ୍ସନ୍ ପକ୍ଷରୁ ପର୍ସୋନେଲ୍ ସେକ୍ସନ୍‌କୁ ପଦୋନ୍ନତି ବୋର୍ଡ ବସାଇବା ପାଇଁ ବରିଷ୍ଠତା ଭିତ୍ତିରେ ଅଫିସରଙ୍କ ତାଲିକା ମାଗିଥାଏ । ପର୍ସୋନେଲ ସେକ୍ସନ୍ ପକ୍ଷରୁ ବରିଷ୍ଠତା ଭିତ୍ତିରେ ଇନ୍‌ସପେକ୍ଟରଙ୍କ ଏକ ତାଲିକା ଦେଇଥାନ୍ତି । ପରେ ପର୍ସୋନେଲ ସେକ୍ସନ୍ ପକ୍ଷରୁ ବୋର୍ଡ ସେକ୍ସନ୍‌କୁ ପ୍ରତ୍ୟେକ ଜିଲ୍ଲାର ଏସ୍‌ପିଙ୍କୁ ନୋମିନେସନ୍ ମାଗିବା ପାଇଁ ଚିଠି ଲେଖିଥାନ୍ତି । ଜିଲ୍ଲା ଏସ୍‌ପିଙ୍କ ପକ୍ଷରୁ ନୋମିନେସନ୍ ଆସିବା ପରେ ବୋର୍ଡ ସେକ୍ସନ୍ ପକ୍ଷରୁ ଏସିଆର୍ ସେଲ୍‌କୁ ଏହାକୁ ପଠାଯାଇଥାଏ । ଏହାପରେ ଏସିଆର୍ ସେଲ୍ ସମ୍ପୃକ୍ତ ଇନ୍‌ସପେକ୍ଟରଙ୍କ ସିସିଆର ଦେବାକୁ ଏସ୍‌ପିଙ୍କୁ କହିଥାନ୍ତି । ସିସିଆର୍ ଆସିବା ପରେ ଏସିଆର ସେଲ୍ ବୋର୍ଡ ସେକ୍ସନ୍‌କୁ ଦେଇଥାଏ । ବୋର୍ଡ ସେକ୍ସନ୍ ଏହାକୁ ଆଇଜି ପର୍ସୋନେଲ୍‌ଙ୍କ ନିକଟରେ ଦାଖଲ କରିଥାନ୍ତି । ଆଇଜି ପର୍ସୋନେଲ ଡିଜିଙ୍କ ନିକଟରେ ଦାଖଲ କରିବା ପରେ ଡିଜି ଅନୁମୋଦନ କରିଥାନ୍ତି । ଏହାପରେ ଧାର୍ଯ୍ୟ ତାରିଖରେ ଜଣେ ଡିଜି ପାହ୍ୟାର ଅଧିକାରୀଙ୍କ ଅଧକ୍ଷତାରେ ଏକ ପଦୋନ୍ନତି ବୋର୍ଡ ବସି ଇନ୍‌ସପେକ୍ଟରଙ୍କ ପଦୋନ୍ନତି କରାଯାଇଥାଏ । ଯେଉଁ ଅଫିସରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଥାଏ କିମ୍ବା ଦଣ୍ଡ ଦିଆଯାଇଥାଏ, ସେମାନଙ୍କୁ ପଦୋନ୍ନତି ପ୍ରକ୍ରିୟାରୁ ବାଦ୍ ଦିଆଯାଇଥାଏ । ଓଡ଼ିଶା ପୋଲିସରେ ୨୦୦୫ ବ୍ୟାଚ୍‌ର ୨୯୦ ଏସ୍‌ଆଇ ଭାବେ ନିଯୁକ୍ତି ପାଇଥିଲେ ପ୍ରାୟ ୩୨ ଜଣ ଅନ୍ୟତ୍ର ଚାକିରି ପାଇଯାଇଥିଲେ । ପରେ ପ୍ରାୟ ୨୫୮ ଏସ୍‌ଆଇ ପଦୋନ୍ନତି ପାଇ ୨୦୧୩ରେ ଇନ୍‌ସପେକ୍ଟର ହୋଇଥିଲେ । ଏଥିରୁ ପାଖାପାଖି ୫୦ ପ୍ରତିଶତ ୨୦୨୩ରେ ସାଧାରଣବର୍ଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଇନ୍‌ସପେକ୍ଟର ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି । ୨୦୦୫ ବ୍ୟାଚ୍ ଯାଏ ପଦୋନ୍ନତି ପାଇଁ ପ୍ରାୟ ୧୫୦ ଇନ୍‌ସପେକ୍ଟର ପାହ୍ୟାର ଅଫିସର ଯୋଗ୍ୟ ହୋଇଛନ୍ତି । ଇନ୍‌ସପେକ୍ଟର ଭାବେ ୫ ବର୍ଷ କାର୍ଯ୍ୟ କଲେ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇବାର ନିୟମ ଥିବାବେଳେ ଏହି ଅଫିସରମାନେ ୧୧ ବର୍ଷରୁ ଉର୍ଦ୍ଧ୍ୱ ଇନ୍‌ସପେକ୍ଟର ଭାବେ କାର୍ଯ୍ୟ କରିସାରିଥିବା ବେଳେ ପଦୋନ୍ନତି ପାଇନାହାନ୍ତି । ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ପୋଲିସ ମୁଖ୍ୟାଳୟର ବୋର୍ଡ ସେକ୍ସନ୍ ପକ୍ଷରୁ ଜିଲ୍ଲା ଏସ୍‌ପିଙ୍କୁ ନୋମିନେସନ୍ ମଗାଯିବାରେ ବିଳମ୍ବ ହେଉଛି । ଆଇଜି ପର୍ସୋନେଲ୍‌ଙ୍କ କାର୍ଯ୍ୟାଳୟରେ ଏହି ଫାଇଲ୍ ଅଟକି ରହିଥିବା କୁହାଯାଉଛି । ନିର୍ବାଚନ ସମୟରେ ଲୋକ ବଳର ଅଭାବ ଦର୍ଶାଇ ଏହି ପ୍ରକ୍ରିୟା ବିଳମ୍ବ ହୋଇଥିଲା । ଇନ୍‌ସପେକ୍ଟର ପାହ୍ୟାର ଅଧିକାରୀମାନେ ପୋଲିସ ମୁଖ୍ୟାଳୟରେ ଉପରିସ୍ଥ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଭେଟି ତ୍ୱରିତ୍ ପଦକ୍ଷେପ ପାଇଁ ମଧ୍ୟ ଦାବି କରିଛନ୍ତି । ଅନ୍ୟପଟେ ଏଭଳି ଘଟଣାକୁ ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ ଗୁରୁତ୍ୱର ସହିତ ନେଇଛନ୍ତି । ଶ୍ରୀ ଷଡ଼ଙ୍ଗୀଙ୍କ କହିବା ଅନୁଯାୟୀ, ଇନ୍‌ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଖୁବ୍‌ଶୀଘ୍ର ପଦୋନ୍ନତି କରାଯିବ ।

# ୨୬ ଲକ୍ଷ ଟଙ୍କା ଠକେଇ:୨ ସାଇବର ଠକ ଗିରଫ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନିଜକୁ ସିବିଆଇ ଓ କ୍ରାଇମବ୍ରାଞ୍ଚର ଅଧିକାରୀ ବୋଲି ପରିଚୟ ଦେଇ ବ୍ରହ୍ମପୁରର ଜଣେ ଅବସରପ୍ରାପ୍ତ ବାୟୁ ସେନା କର୍ମଚାରୀଙ୍କ ଠାରୁ ୨୬ ଲକ୍ଷ ଟଙ୍କା ଠକି ନେଇଥିବା ୨ ଜଣ ସାଇବର ଠକଙ୍କୁ ଗିରଫ କରିଛି କଟକ କ୍ରାଇମବ୍ରାଞ୍ଚ । ଏହି ୨ ସାଇବର ଠକ ଓଡ଼ିଶାର ବୋଲି ଜଣାପଡିଛି। ଗିରଫ ୨ ଅଭିଯୁକ୍ତ ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଚକାପାଦର ଦିବ୍ୟଜ୍ୟୋତି ରଥ (୪୮) ଓ ଖୋର୍ଦ୍ଧା ଜିଲ୍ଲା ମଞ୍ଚେଶ୍ୱର ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ନାୟକ । ପ୍ରକାଶଥାଉକି, ବ୍ରହ୍ମପୁର ଅଳକାପୁରୀରେ ରହୁଥିବା ଅବସରପ୍ରାପ୍ତ ବାୟୁ ସେନା କର୍ମଚାରୀ ସନ୍ତୋଷ କୁମାର ବିଶ୍ୱାଳଙ୍କ ନିକଟକୁ ସପ୍ତାହ ତଳେ ଏକ ଫୋନ୍ କଲ୍ ଆସିଥିଲା । ତାଙ୍କ ନାମରେ ବ୍ୟାଙ୍କକରୁ ଏକ ପାର୍ସଲ୍ ଆସିଛି ଏବଂ ସେଥିରେ କିଛି ବେଆଇନ୍ ନିଶା ଦ୍ରବ୍ୟ, ୫ଟି ପାସପୋର୍ଟ, ଲାପ୍‌ଟପ୍ ଆଦି ରହିଥିବା ତାଙ୍କୁ କୁହାଯିବା ସହିତ ଉକ୍ତ କଲ୍‌କୁ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚକୁ ଟ୍ରାନ୍ସଫର କରାଯାଉଛି ଏବଂ ସେଠାକାର ଅଧିକାରୀ ତାଙ୍କୁ କିଛି ପଚରାଉଚରା କରିବେ ବୋଲି ଯୁବତୀ ଜଣଙ୍କ ସନ୍ତୋଷଙ୍କୁ କହିଥିଲେ । ନକଲି କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ସହ ସନ୍ତୋଷ କଥାବାର୍ତ୍ତା କରିବା ପରେ ତାଙ୍କ ନାଁରେ ଏକ ଏଚଡିଏଫସି ଆକାଉଣ୍ଟ ଖୋଲାଯାଇଛି ଏବଂ ସେଥିରେ ବିଦେଶରୁ ୧୦୦ ମିଲିୟନ ଟଙ୍କା ନେଣଦେଣ ହୋଇଥିବା, ଶିଶୁଙ୍କ ଅଙ୍ଗପ୍ରତ୍ୟଙ୍ଗ ବିକ୍ରି କରି ଟଙ୍କା କାରବାର ହୋଇଥିବା ଇତ୍ୟାଦି ତାଙ୍କୁ କୁହାଯାଇଥିଲା । କିଛି ଘଣ୍ଟା ପରେ ଜଣେ ନକଲି ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇ ସନ୍ତୋଷଙ୍କୁ ଜେରା କରି ଡରାଇବା ସହ ପାର୍ସଲ୍ ମାମଲା ରଫାଦଫା କରିବାକୁ ପ୍ରଚୁର ଟଙ୍କା ଜମା କରିବାକୁ କହିଥିଲେ । ଏଥିପାଇଁ ସାଇବର ଠକମାନେ ସାଇକ୍ରିଷ୍ଣା ଟ୍ରେଡର୍ସ ନାମରେ ଥିବା ଏକ ବ୍ୟାଙ୍କ ଆକାଉଣ୍ଟ ଦେଇଥିଲେ । ସେଥିରେ ଟଙ୍କା ଜମା କରିବା ପରେ ଆରବିଆଇ ପକ୍ଷରୁ କ୍ଲିଏରାନ୍ସ ମିଳିବ ଏବଂ ତା' ପରେ ତାଙ୍କ ନାମରେ ଥିବା ମାମଲା ପ୍ରତ୍ୟାହାର ହୋଇଯିବ ବୋଲି କହିଥିଲେ । ଏହାପରେ ସନ୍ତୋଷ ବ୍ରହ୍ମପୁରର ଏକ ଷ୍ଟେଟ୍‌ବ୍ୟାଙ୍କକୁ ଯାଇ ସାଇବର ଠକମାନେ ଦେଇଥିବା ଆକାଉଣ୍ଟରେ ୨୬,୧୦,୫୧୫ ଟଙ୍କା ଜମା କରିଥିଲେ । ପରେ ଠକମାନେ ତାଙ୍କୁ ଏକ ନକଲି କ୍ଲିଏରାନ୍ସ ସାର୍ଟିଫିକେଟ ଦେଇ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ କରିଦେଇଥିଲେ । ଠକେଇର ଶିକାର ହୋଇଥିବା ଜାଣିବା ପରେ ସନ୍ତୋଷ କଟକ କ୍ରାଇମ୍‌ବ୍ରାଞ୍ଚରେ ଏକ ମାମଲା ରୁଜୁ କରିଥିଲେ । ସେହିକ୍ରମରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ତଦନ୍ତ କରାଯାଇ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା । କ୍ରାଇମ୍‌ବ୍ରାଞ୍ଚ ଉଭୟ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଆଣି ଏଠାକାର ଏସଜେଏମ୍ ଅଦାଲତରେ ହାଜର କରିଥିଲା ।



# ଆଧାରକେନ୍ଦ୍ରରୁ ପ୍ରିଣ୍ଟର ଓ ଆଇ ସ୍କାନର ଚୋରି

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ପରିସର ମଧ୍ୟରେ ଥିବା ଆଧାର କେନ୍ଦ୍ରରୁ ପ୍ରିଣ୍ଟର ଓ ଆଇ ସ୍କାନର ଚୋରି ହୋଇଥିବା ନେଇ ଆଧାର କେନ୍ଦ୍ରର ପରିଚାଳକ ସୁରେନ ସାହୁ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୁରେନ ସାହୁ ଶନିବାର ଦିନ ସନ୍ଧ୍ୟା ୫ ବେଳେ ଆଧାର କେନ୍ଦ୍ର ବନ୍ଦ କରି ନିଜ ଘର ସିମନବାଡ଼ି ଗ୍ରାମକୁ ଯାଇଥିଲେ । ରବିବାର ଛୁଟି ଥିବା ଯୋଗୁଁ ସୋମବାର ଦିନ ୧୦ଟା ବେଳେ ଆଧାର କେନ୍ଦ୍ରକୁ ଆସିଥିଲେ ହେଲେ ଆସି ଦେଖିଲା ବେଳେ ଝରକା ତାଡ଼ି କେହି ଦୁର୍ବୃତ୍ତ ପ୍ରିଣ୍ଟର ସହ ଆଇ ସ୍କାନର ଚୋରି କରି ନେଇଥିବା ଦେଖିଥିଲେ । ଫଳରେ ଆଧାର କାର୍ଡ ପାଇଁ ବହୁ ଦୂର ଦୁରାନ୍ତରୁ ଆସିଥିବା ଲୋକେ ଅଯଥା ଖର୍ଚ୍ଚାନ୍ତ ହୋଇ ଘରକୁ ଫେରି ଯାଇଥିଲେ । ଯେଉଁଠାରେ ଆଧାର କେନ୍ଦ୍ର ରହିଛି ଉକ୍ତ ଘର ଛୋଟ ଥିବାବେଳେ କବାଟ ଝରକା ଠିକ୍ ନଥିବା ଯୋଗୁଁ ଏଭଳି ଚୋରି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି । ଏତଲା ପାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି ।

# କୋଟିଆ ମାମଲାରେ ସୁପ୍ରିମକୋର୍ଟରୁ ନ୍ୟାୟ ଚାହୁଁଛି ଓଡ଼ିଶା

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

କୋଟିଆ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଠାରୁ ଓଡ଼ିଶା ସରକାର ନ୍ୟାୟ ଚାହୁଁଛନ୍ତି । ୨୦୨୪ ନିର୍ବାଚନରେ ଓଡ଼ିଶାରେ ବିଜେପି ସରକାର ଏବଂ ଆନ୍ଧ୍ର ପ୍ରଦେଶରେ ତେଲୁଗୁଦେଶମ ନେତୃତ୍ୱାଧୀନ ଏନଡିଏ ସରକାର ଗଠନ ପରେ ରାଜନୈତିକ ସ୍ତରରେ ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ଆଶା କରାଯାଉଥିଲା । କିନ୍ତୁ ଗତ ୨୯ ଜୁଲାଇରେ କୋଟିଆ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଓରିଜିନାଲ ସୁଟ ଆବେଦନର ସଂଶୋଧନ ଲାଗି ଓଡ଼ିଶା ସରକାର ଆଇ.ଏ ଦାଖଲ କରିଛନ୍ତି । ସଂଶୋଧନ ଆବେଦନଟି କୋଟିଆ ମାମଲାରେ ନ୍ୟାୟାଳୟ ମାଧ୍ୟମରେ ନ୍ୟାୟ ପାଇବାକୁ ରାଜ୍ୟର ବିଜେପି ସରକାରଙ୍କ ପ୍ରୟାସ ଆଡ଼କୁ ସଙ୍କେତ ଦେଉଛି । ୨୦୨୧ରେ ଆନ୍ଧ୍ର ପ୍ରଦେଶ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ବିବାଦ ଦେଖାଦେଇଥିଲା । ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ଆଦେଶସତ୍ତ୍ୱେ ଆନ୍ଧ୍ର ପ୍ରଦେଶ ସରକାର ଜୋର୍ ଜବରଦସ୍ତ କୋଟିଆ ଅଞ୍ଚଳରେ ନିର୍ବାଚନ ଅନୁଷ୍ଠିତ କରାଇଥିଲେ । ସେତେବେଳେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଓଡ଼ିଶା ସରକାର ଅଦାଲତ ଅବମାନନା ମାମଲା ଆଗତ କରିଥିଲେ । ଯାହା କି ନ୍ୟାୟାଳୟଙ୍କ ବିଚରାଧୀନ ରହିଛି । କୋଟିଆ ବିବାଦର ସମାଧାନ ପାଇଁ ମୁଖ୍ୟ ପ୍ରତିବନ୍ଧକ ସାଜିଥିବା ଭାରତୀୟ ସମ୍ବିଧାନର ଧାରା ୧୩୧କୁ ଉଚ୍ଛେଦ ଲାଗି ଓଡ଼ିଶା ସରକାର ୨୦୨୩ରେ ନ୍ୟାୟାଳୟରେ ଓରିଜିନାଲ ସୁଟ୍ ଦାଖଲ କରିଛନ୍ତି । କୋଟିଆ ବିବାଦର ସମାଧାନ ପାଇଁ ୧୯୬୮ରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆଗତ ଓରିଜିନାଲ ସୁଟର ଶୁଣାଣି କରି ୨୦୦୬ରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ପ୍ରଦାନ କରିଥିଲେ । ଦର୍ଶାଇଥିଲେ ଯେ ସମ୍ବିଧାନର ଧାରା ୧୩୧ ଅନୁଯାୟୀ କୋଟିଆ ବିବାଦ ସମ୍ପର୍କିତ ଓଡ଼ିଶା ସରକାରଙ୍କ ଓରିଜିନାଲ ସୁଟ ବିଚାରଯୋଗ୍ୟ ନୁହେଁ । ଏଥିସହ କୋଟିଆ ଅଞ୍ଚଳରେ ସ୍ଥିତାବସ୍ଥା ଜାରି କରିବା ସହ ଭାରତୀୟ ସଂସଦ ଏହି ସମସ୍ୟାକୁ ସମାଧାନ କରିପାରିବେ ବୋଲି ନ୍ୟାୟାଳୟ ଟିପ୍ପଣୀ କରିଥିଲେ । ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଉଜ୍ଜ୍ୱଳ ଭୂୟାଁଙ୍କ ଚ୍ୟାମ୍ବର ଖଣ୍ଡପୀଠରେ ସୋମବାର ଓଡ଼ିଶା ସରକାରଙ୍କ ଦ୍ୱାରା ଆଗତ ସଂଶୋଧନ ଆବେଦନଟି ଶୁଣାଣି ଲାଗି ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ସମୟ ଅଭାବରୁ ଶୁଣାଣି ହୋଇପାରିନଥିଲା । ଅନ୍ୟପକ୍ଷରେ ଚଳିତ ଅଗଷ୍ଟ ୧ରେ କୋଟିଆ ଅଞ୍ଚଳରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ହସ୍ତକ୍ଷେପ ରୋକିବା ଲାଗି ଭାରତ ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେବାକୁ ଲୋକସଭାରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା ଦାବି ଉପସ୍ଥାପନ କରିଥିଲେ । ସାଂସଦ ଉଲାକା ଦର୍ଶାଇଥିଲେ ଯେ ଜୟପୁର ଗଡ଼ଜାତ ଅଧିନରେ ଥିବା କୋଟିଆ ଅଞ୍ଚଳ ୧୯୩୬ ମସିହା ଠାରୁ ଓଡ଼ିଶା ସରକାରଙ୍କ ନିୟନ୍ତ୍ରଣରେ ରହିଛି । ୧୯୫୫ରେ ଆନ୍ଧ୍ର ପ୍ରଦେଶ ଗଠନ ହୋଇଥିଲା । କୋଟିଆ ଅଞ୍ଚଳରେ ଆନ୍ଧ୍ରର ହସ୍ତକ୍ଷେପକୁ ବିରୋଧ କରି ଓଡ଼ିଶା ସରକାର ୧୯୬୮ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଳୟ ଏହି ମାମଲାର ବିଚାର କରି ଦର୍ଶାଇଥିଲେ ଯେ ଉଭୟ ରାଜ୍ୟ ମଧ୍ୟରେ ରହିଥିବା ସୀମା ବିବାଦକୁ ସଂସଦ ସମାଧାନ କରିପାରିବେ ଏବଂ କୋଟିଆ ଅଞ୍ଚଳରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ କୋଟିଆ ଅଞ୍ଚଳରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦ୍ୱାରା ବାରମ୍ବାର ହସ୍ତକ୍ଷେପ ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି ।



# ଖିଣ୍ଡାରେ ପାନୀୟ ଜଳ ପାଇଁ ଶାହା ହୋଇଛି ସୋଲାର ନଳକୂପ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଖିଣ୍ଡା ପଞ୍ଚାୟତ ନିକଟରେ ଅନେକ ନଳକୂପ ଅଚଳ, ପାଣି ପାଇପ ଓ ପାଣି ଟ୍ୟାଙ୍କରରେ ମଇଳା ପାଣି ଦେବା ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଥିଲା । ପରେ କେବଳ ଦୁଇଟି ନଳକୂପ ସଚଳ କରାଯାଇଥିବାବେଳେ ଏବେବି ଅନେକ ଅଚଳ ରହିଅଛି । ବର୍ଷାଦିନରେ ପିଇବା ପାଣି ପାଇଁ ବହୁତ ଅସୁବିଧା ଭୋଗୁଥିବା ଲୋକଙ୍କୁ ଶାହା ହୋଇଛି ଏନଏଲସିର ସୌର ନଳକୂପ । କିଛି ବର୍ଷ ପୂର୍ବରୁ ଅନେକ ସୋଲାର ନଳକୂପ (ସୌର ନଳକୂପ) ଲଗାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା । ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ତତ୍ତ୍ୱାବଧାନରେ ବାବୁଣ୍ଡା, ଦନ୍ତାମୂରା, ବୁଧିଆପାଲି, ମୁଣ୍ଡାପଡା ସମେତ ଅନେକ ସ୍ଥାନରେ ସୋଲାର ନଳକୂପ ଭଲ ଭାବରେ ଚାଲୁଅଛି । ବର୍ତ୍ତମାନ ପିଇବାପାଣିର ଅସୁବିଧା ସମୟରେ ବାବୁଣ୍ଡା ଧୋବାପଡା ଠାରେ ଥିବା ସୋଲାର ନଳକୂପର କ୍ଷମତା ଠାରୁ ଅଧିକ ପାଣି ବାହାରୁଥିବାରୁ ଅସୁବିଧା ସମୟରେ ସବୁ ପଡାର ଲୋକେ ପିଇବାପାଣି ଆଣି ବେଶ୍ ପ୍ରଶଂସା କରୁଛନ୍ତି ।

# ଅବଢ଼ା ପାଇଁ କୁଢୁଆ ଓ କାଠର ଅଭାବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଶ୍ରୀଲିଙ୍ଗରାଜ ଓ ଅନନ୍ତ ବାସୁଦେବ ମନ୍ଦିରରେ ପ୍ରସାଦ ପ୍ରସ୍ତୁତିରେ ଲାଗୁଥିବା ପ୍ରାୟ ସବୁ ସାମଗ୍ରୀର ଦରବୃଦ୍ଧି ହେଉଛି । ସେହିପରି ଶ୍ରୀଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର ଓ କେଦାରଗୌରୀ ମନ୍ଦିରରେ ଶ୍ରୀଜୀଉଙ୍କ କୋଠଭୋଗ ଏବଂ ଭକ୍ତଙ୍କ ଚାହିଦା ମୁତାବକ ବରାଦି ଅବଢ଼ା ପ୍ରସ୍ତୁତ ପାଇଁ ଜାଳେଣି କାଠର ଅଭାବ ଦେଖାଦେଇଛି । ଏହା ସେବାୟତମାନଙ୍କ ଚିନ୍ତାର ବିଷୟ ପାଲଟିଛି । ଏକାମ୍ର କ୍ଷେତ୍ର ଓ ଆଖପାଖ କାଠ ଗୋଲାରେ ମିଳୁଥିବା ଝାଉଁ କାଠରେ ଦିଅଁଙ୍କ ଅବଢ଼ା ଓ ଅନ୍ନ ପ୍ରସାଦ ପ୍ରସ୍ତୁତ ହୁଏ । ପ୍ରତିଦିନ ପ୍ରାୟ ୫୦ କ୍ୱିଣ୍ଟାଲ କାଠ ଦରକାର ହୋଇଥାଏ । କିନ୍ତୁ ଏବେ କାଠ ମିଳୁନଥିବାରୁ ପୁରୁଣା ଭୁବନେଶ୍ୱରରେ ୨ଟି କାଠଗୋଲା ବନ୍ଦ ହୋଇଯାଇଛି । ସେମାନେ ଆଉ କାଠ ଯୋଗାଇପାରିବେନି ବୋଲି ମନ୍ଦିର ସେବାୟତଙ୍କୁ ଜଣାଇ ଦେଇଛନ୍ତି । ପୂର୍ବରୁ ଶ୍ରୀଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର ଓ କେଦାରଗୌରୀ ମନ୍ଦିର ପାଇଁ ପ୍ରତିଦିନ ୫ରୁ ୧୦ଟି ଗାଡ଼ି କାଠ ଆସୁଥିଲା । ଏବେ ମାସକୁ ଗୋଟିଏ କିମ୍ବା ଦୁଇଟି ଗାଡ଼ି ଆସୁଛି । ସେବାୟତଙ୍କ କହିବା ଅନୁଯାୟୀ, ଝାଉଁକାଠ ନିଆଁରେ ଅବଢ଼ା ପ୍ରସ୍ତୁତି ସହଜ ତେଣୁ ପୁରୀ ଓ ଏକାମ୍ରରେ ଅବଢ଼ା ପ୍ରସ୍ତୁତି ପାଇଁ ଝାଉଁକାଠ ବ୍ୟବହାର କରାଯାଏ । କିନ୍ତୁ ଏବେ ବଜାରରେ ଝାଉଁକାଠ ମିଳୁନି । ପ୍ରତିଦିନ ଗାଁ ଗହଳିରୁ କାଠ ସଂଗ୍ରହ କରିବା ସମ୍ଭବ ହେଉନି । ମାସକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ କାଠ ଯୋଗାଇ ଦିଆଗଲେ ମନ୍ଦିରକୁ କାଠ ଯୋଗାଣରେ ସମସ୍ୟା ହେବନି । ନଚେତ୍ ଆଗାମୀ ଦିନରେ ଅବଢ଼ା ପ୍ରସ୍ତୁତିରେ ବହୁ ସମସ୍ୟା ଉପୁଜିବ ବୋଲି କାଠ ବ୍ୟବସାୟୀ ସେବାୟତଙ୍କୁ ଜଣାଇ ଦେଇଛନ୍ତି । ଏହାକୁ ନେଇ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ଅନୁରୋଧ କରିଛନ୍ତି । ସେପଟେ ପରିବେଶବିତ୍ ମାନଙ୍କ କହିବା କଥା ହେଉଛି, କାଠ କାହାର ଦରକାର ଓ କେଉଁ କାଠ କଟାଯାଇ ପାରିବ ତାଉପରେ ସରକାର ଚିନ୍ତାକରି ନିଷ୍ପତ୍ତି ନିଅନ୍ତୁ କେବଳ ଠାକୁରଙ୍କ କୋଠଭୋଗ ପାଇଁ ନା ଏହା ସହିତ ଅବଢ଼ା ବ୍ୟବସାୟୀଙ୍କ ପାଇଁ ମଧ୍ୟ କାଠ ଯୋଗାଇ ଦିଆଯିବ, ସେନେଇ ଆଲୋଚନା ହେଉ । ଅନ୍ୟପଟେ କୁଢୁଆ ନମିଳିବା କାରଣରୁ ମଧ୍ୟ ଅବଢ଼ା ରାନ୍ଧା ପାଇଁ ସମସ୍ୟା ଲାଗି ରହୁଛି । ଏବେ ଯେତିକି ଆବଶ୍ୟକ, ତାଠୁ ଯଥେଷ୍ଟ କମ୍ କୁଢୁଆ ଆସୁଛି ବୋଲି ସୁଆର ସେବାୟତମାନେ ଅଭିଯୋଗ କରୁଛନ୍ତି । ଶ୍ରୀଜଗନ୍ନାଥଙ୍କ ଅବଢ଼ା ସଦୃଶ ଭୁବନେଶ୍ୱରର ଓ ଏହାର ଆଖପାଖ ଅଞ୍ଚଳରେ ଅନନ୍ତ ବାସୁଦେବଙ୍କ ପ୍ରସାଦର ବେଶ୍ ଚାହିଦା ରହିଛି । ବାସୁଦେବ ମନ୍ଦିରରେ ୨୦ଜଣ ମାଲିକଙ୍କର ୨୬ଟି କାଠଚୁଲା ରହିଛି । ସେଠାରେ ବାଇହାଣ୍ଡି, ମଠହାଣ୍ଡି, ନିରସା ମଠ, ଗୋଟିକିଆ ପ୍ରମୁଖ ବିଭିନ୍ନ ହାଣ୍ଡିରେ ଅବଢ଼ା ପ୍ରସ୍ତୁତ ହୋଇଥାଏ । ପୁରୀ ଢାଞ୍ଚାରେ ଏଠାରେ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ । ଘିଅ ଅନ୍ନ, ମିଠା ଅନ୍ନ, ସାଧା ଅନ୍ନ, ଡାଲି, ଡାଲମା, ବେସର, ଶାଗ, ମହୁର, ଜହ୍ନି ପୋସ୍ତକ, ପୋଟଳ ରସା, ବୁଟ ତରକାରି, ଖଜୁରୀ ଖଟା, ଦହି ବାଇଗଣ, ଚଉଳ ଖିରି ପ୍ରମୁଖ ଭୋଗ ହୋଇଥାଏ । ଏହାବାଦ୍ ଭକ୍ତଙ୍କ ଚାହିଦାକୁ ଦେଖି ଦହି ପାଚେଡ଼ି, କ୍ଷୀରା, ଆମ୍ବୁଲ ରାଇ ଇତ୍ୟାଦି ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ପ୍ରତିଦିନ ପୂର୍ବାହ୍ନରେ ସାଢ଼େ ୧୦ଟାରେ ଭୋଗ ବାହାରୁଥିବା ବେଳେ କାର୍ତ୍ତିକ ମାସରେ ସକାଳ ୯ଟାରୁ ଆନନ୍ଦବଜାରରେ ଦିନ ୩ଟା ପର୍ଯ୍ୟନ୍ତ ଅବଢ଼ା ମିଳେ । ଏହା ବାଦ୍ ବରାଦି ଅବଢ଼ା ସନ୍ଧ୍ୟା ସାଢ଼େ ୫ଟାରେ ପୂଜା ହୋଇ ବାହାରିଥାଏ । ପୂର୍ବରୁ ୧,୦୦୦ରୁ ୨,୫୦୦ ଲୋକଙ୍କ ପାଇଁ ଅବଢ଼ା ପ୍ରସ୍ତୁତ ହେଉଥିବା ବେଳେ ଏବେ ଦିନକୁ ପ୍ରାୟ ୪,୦୦୦ ଲୋକଙ୍କ ପାଇଁ ତିଆରି ହେଉଛି । ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ବିବାହ, ବ୍ରତ ଓ ଶ୍ରାଦ୍ଧ କର୍ମରେ ଅନନ୍ତ ବାସୁଦେବ ଓ ଶ୍ରୀଲିଙ୍ଗରାଜଙ୍କ ପ୍ରସାଦ ଉପରେ ଅଞ୍ଚଳବାସୀ ପ୍ରାୟତଃ ନିର୍ଭର କରନ୍ତି । କାର୍ତ୍ତିକ ମାସ, ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ଓ ଅନନ୍ତ ଚତୁର୍ଦ୍ଦଶୀରେ ଏହି ପୀଠରେ ସ୍ୱତନ୍ତ୍ର ନୀତି ବେଳେ ଅବଢ଼ାର ଚାହିଦା ଆହୁରି ବଢ଼ିଯାଏ । ତେବେ ଉଭୟ କାଠ ଓ କୁଢୁଆର ଅଭାବ ଏହାକୁ ପ୍ରଭାବିତ କରୁଛି । ଏଦିଗରେ କିଛି ସ୍ଥାୟୀ ପ୍ରତିକାର ପାଇଁ ସେବାୟତମାନେ ଦାବି କରିଛନ୍ତି ।

# ବେଆଇନ୍ ଗୋରୁ ଚାଲାଣ ଘଟଣା:୨୧ ଗୋରୁ ଉଦ୍ଧାର, ଗାଡ଼ି ସହ ୩ ଆସାମୀ ଗିରଫ

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

କଳିଙ୍ଗନଗର ଯାଜପୁର ଜିଲ୍ଲା ହରିପୁର ହାଟରୁ ବେଆଇନ୍ ଭାବେ ଭଦ୍ରକ ଯାଉଥିବା ଗୋରୁ ଗାଡିକୁ ଯଖପୁରା ପୋଲିସ ପଙ୍କପାଳ ଛକ ନିକଟରୁ ଜବତ କରିଛି । ପୂର୍ବ ଖବରପାଇ ପଙ୍କପାଳ ନିକଟରେ ଯଖପୁରା ପୋଲିସ ଜଗିଥିବା ସମୟରେ ବୋଲେରୋ ପିକ୍‌ଅପ୍ ଗାଡିରେ ୨୧ ଗୋରୁ ଉଦ୍ଧାର ସହ ୩ ଜଣ ଆସାମୀଙ୍କୁ ଗିରଫ କରିଥିଲା ବେଳେ ଡ୍ରାଇଭର ଖସି ପଳାଇବାକୁ ସକ୍ଷମ ହୋଇଛି । ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଆସାମୀମାନେ ହେଲେ ଭଦ୍ରକ ପୁରୁଣାବଜାର ଥାନା ନଂଘାମାହଲର ଆବିଦ ଖାଁଙ୍କ ପୁଅ ସଦାଫ ହୋସେନ୍ ଖାଁ (୨୬), ଯାଜପୁର ସୁକିନ୍ଦା ହରିପୁରର ମହେଶ୍ୱର ଗୋଛାୟତଙ୍କ ପୁଅ ଜିତୁ ଗୋଛାୟତ (୨୭) ଓ ସୁକିନ୍ଦା ହରିପୁରର ବାବୁ ରାଉତଙ୍କ ପୁଅ ବୀର ରାଉତ (୪୫) । ଯଖପୁରା ପୋଲିସ କେସ୍ ନମ୍ବର - ୧୩୬/୩୦୩(୨)/ ୩୧୭(୨)/୩(୫) ଏନ ଏସ ୨୦୨୩/୧୧ ଆନିମଲ୍ ପ୍ରିବେନ୍‌ସନ୍ କ୍ରୁଏଲଟି ଆକ୍ଟ /୭ ରାଜ୍ୟକାଓ ସ୍ଲାଟର ଆକ୍ଟରେ ମାମଲା ରୁଜୁ କରିଛି । ହରିପୁର ହାଟରୁ ସୋମବାର ଓ ମଙ୍ଗଳବାର ରାତି ୧ ଘଟିକାରୁ ୩ ଘଟିକା ସମୟରେ ଯଖପୁରା ଥାନା ଅଞ୍ଚଳ ଦେଇ ବହୁ ସମୟରେ ଗୋରୁ ଗାଡି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଆଗକୁ ଏପରି ବେଆଇନ୍ ଚୋରା ଗୋରୁ ଚାଲାଣ ବନ୍ଦ କରିବାକୁ ଯଖପୁରା ଥାନା ଅଞ୍ଚଳର ବଜରଙ୍ଗ ଦଳ କର୍ମକର୍ତ୍ତା ପହଞ୍ଚି ଥାନା ଅଧିକାରିଣୀଙ୍କୁ ଅନୁରୋଧ କରିଥିଲେ । ଗୋରୁ ଗାଡି ସହ ୨୧ଗୋରୁ ଜବତ କରିଥିବାରୁ ଯଖପୁରା ଥାନା ଅଧିକାରୀ ଲିଜାରାଣୀ ବିଶ୍ୱାଳଙ୍କୁ ସାଧୁବାଦ ଜଣାଇଥିଲେ ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୧୧ ବୃହ ୧୨ | ୧୦ | ରା ୯ ଶ ୮ |
| ରଲ | ୧୨ / ୬ | ୭ |
| ୨ ଶୁକ୍ର ୩ କେ | ୪ | ୬ ୫ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୮।୮।୨୦୨୪, ଶ୍ରାବଣ ଦି୨୪ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୨୪।୫୧** **ଚନ୍ଦ୍ରୋଦୟ- ଦିଘ୮।୨୫।୦୯**


**ଚତୁର୍ଥୀ**- ରାଘ ୧୨।୩୭ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନି ନକ୍ଷତ୍ର** - ରାଘ ୧୧।୩୪ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର**- ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ମୂଳା ରାଘ ୧୨।୩୭ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୨୯ ଗତେ ଘ ୭।୧୧ ମଧ୍ୟେ । ଦିଘ ୧୦।୨୬ ଗତେ ଘ ୧।୦୯ ମଧ୍ୟେ ।




**ମେଷ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆର୍ଥିକ ଅଭିବୃଦ୍ଧିର ଆଶା । ସମସ୍ୟା ହେତୁ ବନ୍ଧୁ ଆପଣଙ୍କ ସାହାଯ୍ୟ କରିବେ । ପାରିବାରିକ ସୁଖ ଶାନ୍ତି ଲାଭ ସହିତ ପ୍ରତିଷ୍ଠା ଲାଭ କରିବେ ।



**ବୃଷ:** ଘାତଚନ୍ଦ୍ର ହେତୁ ସାବଧାନ ରହିବେ । ହଠାତ୍ ସମସ୍ୟା ଦେଖାଦେଇପାରେ । ଏଣୁ ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ବଢ଼ିବ। ପରିବାରରେ ସମସ୍ୟା ଦେଖାଦେଇପାରେ ।



**ମିଥୁନ:** ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ପାରିବାରିକ ସମସ୍ୟା ଦେଖାଦେଇପାରେ । ସୁସ୍ଥ ନିରାମୟ ଜୀବନଯାପନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



**କର୍କଟ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବନାହିଁ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ବିବାଦୀୟ ବିତର୍କ ଠାରୁ ଦୂରେଇ ରହିବା ଭଲ । ମହିଳାମାନେ ଗର୍ବୀ ହେବେ ।




**ସିଂହ:** ଆଶା ରଖି କାର୍ଯ୍ୟ କରି ସଫଳତା ହାସଲ କରିବେ । ଶୁଭ ଖବା ପାଇପାରନ୍ତି । ପରୋପକାରୀ ହେବେ । ଅର୍ଥ ପ୍ରାପ୍ତି ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦୂରଯାତ୍ରା କରିପାରନ୍ତି ।




**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ମାନସିକ ଶାନ୍ତି ଅବ୍ୟାହତ ରହିବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନ ମିଳିପାରେ। ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଆଜି ଆପଣଙ୍କର ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ସାମାନ୍ୟ ଅସୁସ୍ଥତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଶତ୍ରୁଙ୍କ ପ୍ରତି ସତର୍କ ରହିବେ । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।




**ବିଛା:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ବନ୍ଧୁଙ୍କ ଆଗମନର ସୂଚନା । ସୁସ୍ୱାଦୁ ଭୋଜନ ମିଳିପାରେ । ପାରିବାରିକ ସୁଖ ଓ ସମ୍ମାନ ଲାଭ ହେବ ।




**ଧନୁ:** କର୍ତ୍ତବ୍ୟ ପରାୟଣ ହେବେ । କର୍ମକ୍ଷେତ୍ର ଉଜ୍ଜ୍ୱଳମୟ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାରର ପରିମାଣ ସ୍ଥିର ରହିବ। ଠକମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ମନ ଅସ୍ଥିର ରହିବ ।



**ମକର:** ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ସୃଷ୍ଟି ହେବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** ଶାରୀରିକ ପୀଡ଼ା ଦେଖାଦେଇପାରେ । ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଅଧିକ ପରିଶ୍ରମ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ପରିବାରରେ ଆନନ୍ଦ ଉତ୍ସାହ ଲାଗି ରହିବ । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଧନ ଲାଭ ହେବ । ବାକିଥିବା କାମ ସମ୍ପାଦନ ହେବ । ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୯।୮।୨୦୨୪, ଶ୍ରାବଣ ଦି୨୫ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୨୫।୧୦** **ଚନ୍ଦ୍ରୋଦୟ- ଦିଘ୯।୧୨।୦୩**

**ପଞ୍ଚମୀ**- ରାଘ ୩।୧୫ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର** - ରାଘ ୨।୪୪ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର**- ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ବେଲ ରାଘ ୩।୧୫ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୨୯ ଗତେ ଘ ୬।୨୦ ମଧ୍ୟେ । ଦିଘ ୧୨।୧୮ ଗତେ ଘ ୨।୫୧ ମଧ୍ୟେ । **ପର୍ବୋତ୍ସବ** - ଜାଗ୍ରଦ୍ ଗୌରତୀ ବା ଜାଗୁଲାଇ ପଞ୍ଚମୀ, ଅଗଷ୍ଟ କ୍ରାନ୍ତି ଦିବସ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ସେନସେକ୍ସ ଅପେକ୍ଷା ସୁନା ଦେଇଛି ଅଧିକ ଲାଭ

ଗତ କିଛିବର୍ଷ ହେଲା ଷ୍ଟକ ମାର୍କେଟ ଦ୍ରୁତବେଗରେ ଉପରକୁ ଉଠୁଛି । ଷ୍ଟକ ମାର୍କେଟରେ ଲାଭ ମିଳୁଥିବାରୁ ନିବେଶକମାନେ ଏଥିରେ ନିବେଶ କରିବାକୁ ପୂର୍ବାପେକ୍ଷା ଅଧିକ ମାତ୍ରାରେ ଆଗଭର ହୋଇଛନ୍ତି । ନିବେଶକମାନଙ୍କ ପାଇଁ ପୁଞ୍ଜି ବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଇକ୍ୱିଟି କାରବାର ବଢିବା ସହିତ ଦେଶରେ ଡିମାଟ ଆକାଉଣ୍ଟ ବହୁସଂଖ୍ୟାରେ ଖୋଲିଛି । ଏହାସତ୍ତ୍ୱେ ସୁନା ଭଳି ପାରମ୍ପରିକ ଧାତୁରେ ନିବେଶ କରୁଥିବା ନିବେଶକମାନେ ଇକ୍ୱିଟି ତୁଳନାରେ ଅଧିକ ଲାଭ ପାଇଛନ୍ତି । ନିକଟରେ ସୁନା ମୂଲ୍ୟରେ ବୃଦ୍ଧି ଯୋଗୁ ନିବେଶକମାନେ ଅଧିକ ଲାଭବାନ ହୋଇପାରିଛନ୍ତି । ରୁପା ମୂଲ୍ୟରେ ବି ବୃଦ୍ଧି ଘଟିଛି । ତେବେ ରୁପାରୁ ମିଳିଥିବା ଲାଭ ଇକ୍ୱିଟି ତୁଳନାରେ ସାମାନ୍ୟ କମ ରହିଛି । ଦେଶରେ ଚଳିତବର୍ଷ ଆରମ୍ଭରୁ ଡିସେମ୍ବର ୯ ତାରିଖ ସୁଦ୍ଧା ସୁନା ମୂଲ୍ୟରେ ୧୨.୬ ପ୍ରତିଶତ ବୃଦ୍ଧି ଘଟିଛି । ତେବେ ଏହି ସମୟ ମଧ୍ୟରେ ସେନସେକ୍ସ ୬.୭ ପ୍ରତିଶତ ବୃଦ୍ଧି ଘଟିଛି । ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ)ର ତଥ୍ୟ ଅନୁଯାୟୀ, ଗତ ଶୁକ୍ରବାର ଦିନ ମୁମ୍ବାଇରେ ୨୪ କ୍ୟାରେଟ ଯୁକ୍ତ ୧୦ ଗ୍ରାମ ସୁନା ମୂଲ୍ୟ ୫୩୯୧୪ ଟଙ୍କା ରହିଛି । ୨୦୨୧ ଡିସେମ୍ବର ମାସ ଶେଷରେ ସୁନା ମୂଲ୍ୟ ୪୭୯୮୦ ଟଙ୍କା ରହିଥିଲା । ଅନ୍ୟପକ୍ଷରେ ୨୦୨୧ ବର୍ଷର ଶେଷ କାରବାର ଦିବସରେ ସେନସେକ୍ସ ୫୮୨୫୪ ପଏଣ୍ଟ ଥିବାବେଳେ ଗତ ଗୁରୁବାର ଏହା ୬୨୧୮୨ ପଏଣ୍ଟ ରହିଥିଲା । କେବଳ ଗତ ବର୍ଷକ ମଧ୍ୟରେ ନୁହେଁ, ୫ ବର୍ଷର ତଥ୍ୟକୁ ବିଚାରକୁ ନେଲେ ସୁନା ମୂଲ୍ୟ ଇକ୍ୱିଟି ତୁଳନାରେ ଅଧିକ ରହିଛି । ୫ ବର୍ଷ ମଧ୍ୟରେ ସୁନା ମୂଲ୍ୟ ଭାରତରେ ୭୮ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ସେନସେକ୍ସ ୭୩ ପ୍ରତିଶତ ବୃଦ୍ଧି ଘଟିଛି । ଚଳିତବର୍ଷର ତଥ୍ୟକୁ ଦେଖିଲେ ରୁପା ମୂଲ୍ୟ ଇକ୍ୱିଟି ତୁଳନାରେ ଭଲ ରହିଛି । କିନ୍ତୁ ୫ ବର୍ଷର ତଥ୍ୟକୁ ଦେଖିଲେ ଉଭୟ ସୁନା ଏବଂ ଇକ୍ୱିଟି ତୁଳନାରେ ରୁପା ମୂଲ୍ୟରେ କମ ବୃଦ୍ଧି ଘଟିଛି । ଚଳିତବର୍ଷ ଅଗଷ୍ଟରେ ରୁପା ମୂଲ୍ୟ ୫୨ ସପ୍ତାହର ସର୍ବନିମ୍ନ ସ୍ତରକୁ ଖସିଯାଇଥିଲା । ସେବେଠାରୁ ବର୍ତ୍ତମାନ ସୁଦ୍ଧା ଏହାର ମୂଲ୍ୟରେ ପାଖାପାଖି ୨୨ ପ୍ରତିଶତ ବୃଦ୍ଧି ଘଟିଛି । ତେବେ ଏହି ସମୟ ମଧ୍ୟରେ ସୁନା ମୂଲ୍ୟ ଏବଂ ସେନସେକ୍ସ ଯଥାକ୍ରମେ ୬ ପ୍ରତିଶତ ଏବଂ ୪ ପ୍ରତିଶତ ବୃଦ୍ଧି ହୋଇଛି। ନିକଟରେ ରୁପା ମୂଲ୍ୟରେ ବୃଦ୍ଧି ଯୋଗୁ ଚଳିତବର୍ଷ ଆରମ୍ଭରୁ ବର୍ତ୍ତମାନ ମଧ୍ୟରେ ଏହାର ମୂଲ୍ୟ ୭ ପ୍ରତିଶତ ବଢିଛି । କିନ୍ତୁ ୨୦୧୮ ଜାନୁଆରୀଠାରୁ ଦେଖିଲେ ଏହାର ମୂଲ୍ୟରେ ୬୯.୩ ପ୍ରତିଶତ ବୃଦ୍ଧି ଘଟିଛି, ଯାହାକି ସେନସେକ୍ସ ତୁଳନାରେ ସାମାନ୍ୟ କମ । ବିଶ୍ୱ ବଜାରରେ ମଧ ଏହି ଦୁଇ ମୂଲ୍ୟବାନ ଧାତୁର ପ୍ରଦର୍ଶନ ଇକ୍ୱିଟି ତୁଳନାରେ ଭଲ ରହିଛି । ଉଦାହରଣ ସ୍ୱରୂପ ଆମେରିକାରେ ଚଳିତବର୍ଷ ଆରମ୍ଭରୁ ବର୍ତ୍ତମାନ ମଧ୍ୟରେ ପ୍ରାୟ ୧ ପ୍ରତିଶତ ହ୍ରାସ ପାଇଛି । ରୁପା ମୂଲ୍ୟ ଏହି ସମୟ ମଧ୍ୟରେ ଅପରିବର୍ତ୍ତିତ ରହିଛି । ଏହି ସମୟ ମଧ୍ୟରେ ଡାଓ ଜୋନ୍ସ ଇଣ୍ଡଷ୍ଟ୍ରିଆନ ଆଭରେଜ ୭ ପ୍ରତିଶତ ତଳକୁ ଖସିଛି । ଆମେରିକାରେ ଗତ ୫ ବର୍ଷ ମଧ୍ୟରେ ଅର୍ଥାତ ୨୦୧୮ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ସୁନା ମୂଲ୍ୟ ପାଖାପାଖି ୩୪.୭ ପ୍ରତିଶତ ଏବଂ ରୁପା ମୂଲ୍ୟ ୩୪.୫ ପ୍ରତିଶତ ବୃଦ୍ଧି ଘଟିଛି । କିନ୍ତୁ ଏହି ସମୟ ମଧ୍ୟରେ ଡାଓ ଜୋନ୍ସ ଇଣ୍ଡଷ୍ଟ୍ରିଆଲ ଆଭରେଜ ୨୯.୨ ପ୍ରତିଶତ ବଢିଛି । ହିସାବରୁ ଜଣାଯାଇଛି ଯଦି ଜଣେ ୧୦୦ ଟଙ୍କାର ସୁନା ଚଳିତବର୍ଷ ଆରମ୍ଭରେ କିଣିଥାନ୍ତି ତାହେଲେ ତାହାର ମୂଲ୍ୟ ଏବେ ୧୭୮ ଟଙ୍କା ୩୦ ପଇସାରେ ପହଞ୍ଚିଛି । ସେହିଭଳି ରୁପା ମୂଲ୍ୟ ୧୭୨ ଟଙ୍କା ୯୦ ପଇସା ହୋଇଛି । କିନ୍ତୁ ସେନସେକ୍ସରେ ୧୦୦ ଟଙ୍କା ଖଟାଇଥିଲେ ଏଥିରୁ ୧୭୨ ଟଙ୍କା ୯୦ ପଇସା ମିଳିଛି । ସେହିଭଳି ଅନ୍ତର୍ଜାତୀୟ ବଜାରରେ ସୁନାରେ ଚଳିତବର୍ଷ ଆରମ୍ଭରେ ୧୦୦ ଡଲାର ନିବେଶ କରିଥିବା ବ୍ୟକ୍ତି ୧୩୪.୭୦ ଡଲାର ପାଉଥିବାବେଳେ ରୁପାରେ ୧୩୪.୫୦ ଡଲାର ପାଉଛନ୍ତି । ତେବେ ଡାଓ ଜୋନ୍ସରେ ୧୦୦ ଡଲାର ନିବେଶ କରିଥିବା ବ୍ୟକ୍ତି ୧୨୯.୨ ଡଲାର ପାଉଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

#### ପ୍ରଥମ ଅଧ୍ୟାୟ

**ମା**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

# ଆମ ପଡୋଶୀ ବାଂଲାଦେଶ ଜଳୁଛି



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ଗଣତନ୍ତ୍ର ଦେଶରେ ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ଯାଇ ଏକ ବା ଏକାଧିକ ଗୋଷ୍ଠୀ ଯେଉଁଠାରେ ଏକତ୍ରିତ ହୋଇ ନିଜର ନ୍ୟାର୍ଯ୍ୟ ଦାବିକୁ ଶାନ୍ତି ପୂର୍ଣ୍ଣ ଭାବେ ସରକାରଙ୍କ ପାଖରେ ଉପସ୍ଥାପିତ କରି ଥା'ନ୍ତି ତାହାକୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କହି ପାରିବା । କ୍ଷମତାରେ ଥିବା ସରକାର ବିଦ୍ରୋହୀଙ୍କ ଦାବିକୁ ସହୃଦୟତାର ସହ ବିଚାର କରି ଦେଖିବା ଉଚିତ୍ ଏବଂ ଦରକାର ପଡିଲେ ଆନ୍ଦୋଳନ / ବିଦ୍ରୋହ କରୁଥିବା ଦଳର ନେତାଙ୍କ ସହିତ ବିଚାର ବିମର୍ଷ କରି ପରିସ୍ଥିତିକୁ ଶାନ୍ତ କରିବା ଉଚିତ୍ । କିଛି ସରକାର ବିଦ୍ରୋହୀ ମାନଙ୍କୁ ହେୟ ଜ୍ଞାନ କରି ନିଜ ଜିଦ୍ ରେ ଅଟଳ ରହିବା ଦ୍ୱାରା ବିଦ୍ରୋହ ଚରମ ସୀମାରେ ପହଞ୍ଚି ଥାଏ ଏହାର ଫଳ ସ୍ୱରୂପ ସରକାରୀ ତଥା ବେସରକାରୀ ସମ୍ପତ୍ତି ନଷ୍ଟ, ପୋଡା ଜଳା, ହିଂସା, ଦ୍ୱେଷ ବଢି ଯାଇ ଥାଏ, ସରକାରଙ୍କ ବିଦ୍ରୋହ ଦମନ ନୀତି ତଥା ବଳ ପ୍ରୟୋଗ ସମଚକ୍ରରେ ବୁମେରାଙ୍ଗ ପରି ସାବ୍ୟସ୍ତ ହୁଏ, ଧନ ସହିତ ଅନେକ ମୂଲ୍ୟବାନ ଜୀବନ ମଧ୍ୟ ଚାଲି ଯାଏ ଯାହା କି ଦେଶ ପାଇଁ ଏକ ବଡ଼ କ୍ଷତି ବୋଲି ସାବ୍ୟସ୍ତ ହୁଏ । କ୍ଷମତା ଲୋଭି ଶାସକ ନିଜ ଚୌକି ବଞ୍ଚାଇବା ଜିଦ୍ ଯୋଗୁ ଦେଶର ସାଙ୍ଘାତିକ କ୍ଷତି କରି ବିଶ୍ୱ ଦରବାରରେ କ'ଣ ପ୍ରମାଣିତ କରିବାକୁ ଚାହାନ୍ତି ? ଏବେ ମୂଳ ବିଷୟକୁ ଆସିବା ବାଂଲାଦେଶ ଆଜି ଜଳୁଛି ଅଶାନ୍ତ ଛାତ୍ରମାନେ କୋଟା ବା ସଂରକ୍ଷଣ ବିରୋଧରେ ନାରା ଲଗାଉଛନ୍ତି , ସରକାର ପୋଲିସ ତଥା ସାମରିକ ବାହିନୀ ଦ୍ୱାରା ଛାତ୍ର ମାନଙ୍କୁ ଦମନ କରୁଛନ୍ତି ଏହା ମଧ୍ୟରେ ପ୍ରାୟ ୩ ଶହ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି କୋଟି କୋଟି ଟଙ୍କା ର ସମ୍ପତ୍ତି ନଷ୍ଟ ହୋଇ ଗଲାଣି ତଥାପି ହିଂସା ଥମିବାର ନା ଧରୁନି ।

ବାଂଲାଦେଶ ଛାତ୍ର ବିଦ୍ରୋହ ପଛରେ କେବଳ କୋଟା ବା ସଂରକ୍ଷଣ ବ୍ୟବସ୍ଥା ରହିଛି, ସରକାରୀ ଚାକିରୀ ନିମନ୍ତେ ବର୍ତ୍ତମାନ ବାଂଲାଦେଶ ସରକାର ଲାଗୁ କରିଥିବା କୋଟା ଦ୍ୱାରା ପ୍ରାୟ ୫୬ ପ୍ରତିଶତ ସଂରକ୍ଷିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ । ବାକି ୪୪ ପ୍ରତିଶତ ସାଧାରଣ ବର୍ଗର ଛାତ୍ର ନିଜ ମେଧା ଦ୍ୱାରା ଚାକିରୀ ନିମନ୍ତେ ଚୟନ କାରୀଙ୍କ ଦ୍ୱାରା ଚୟନ ହେବେ ତାହା ପଛରେ ମଧ୍ୟ ଅନେକ ଦୁର୍ନୀତି ଲୁଚି ରହିଛି । ସଂରକ୍ଷିତ ବର୍ଗର ୫୬ ପ୍ରତିଶତ ହେଲେ (୧) ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଂଶଧର ପାଇଁ ୩୦ ପ୍ରତିଶତ (୨) ମହିଳା ମାନଙ୍କ ନିମନ୍ତେ ୧୦ ପ୍ରତିଶତ (୩) ଜନସଂଖ୍ୟା ଆଧାରରେ ଜିଲ୍ଲା ନିମନ୍ତେ ୧୦ ପ୍ରତିଶତ (୪) ଅନୁସୂଚିତ ଜନ ଜାତି ନିମନ୍ତେ ୫ ପ୍ରତିଶତ (୫) ଭିନ୍ନକ୍ଷମ ମାନଙ୍କ ନିମନ୍ତେ ୧ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଛି । ୧୯୭୧ ମସିହାରେ ପାକିସ୍ତାନ ଠାରୁ ଅଲଗା ହୋଇ ସ୍ୱାଧୀନତା ପାଇଥିବା ବାଂଲାଦେଶ ର ସ୍ୱାଧୀନତା ପାଇଁ ନିଜ ଜୀବନକୁ ବାଜି ଲଗାଇ ଲଢ଼ି ଥିବା ମୁକ୍ତି ବାହିନୀ ର ସୈନିକ, ମୁକ୍ତି ଯୋଦ୍ଧା ଙ୍କର ପରିବାରକୁ ଚାକିରୀ କ୍ଷେତ୍ରରେ ବାଂଲାଦେଶ ୩୦ ପ୍ରତିଶତ ସଂରକ୍ଷଣ ଯୋଗାଇ ଆସୁଛି । ବର୍ତ୍ତମାନ ଛାତ୍ର ନେତା ମାନେ ଏହି ସଂରକ୍ଷଣ ବିରୋଧୀ, ଦେଶ ସ୍ୱାଧୀନ ହେବାର ୫୩ ବର୍ଷ ଅତିକ୍ରାନ୍ତ ହୋଇ ଗଲାଣି, ମୁକ୍ତି ଯୋଦ୍ଧା ମାନେ ଚିର ନିଦ୍ରାରେ କବର ଭିତରେ ସୋଇ ଯାଇଛନ୍ତି । ତେବେ ସରକାର ମୁକ୍ତି ଯୋଦ୍ଧା ଙ୍କ ପ୍ରଥମ ପିଢ଼ିକୁ ଦେଲେ ଠିକ୍ ଅଛି କିନ୍ତୁ ତାଙ୍କ ନାତି, ନାତୁଣୀଙ୍କ ପାଇଁ କାହିଁକି ସଂରକ୍ଷଣ ରହିବ? ଦେଶ ପାଇଁ ସେମାନେ କ'ଣ କରିଥିଲେ ? ଛାତ୍ର ମାନଙ୍କର ଏହା ଏକ ବଳିଷ୍ଠ ଯୁକ୍ତି କିନ୍ତୁ ସରକାର ଏହାକୁ ମାନି ନେବାକୁ କୁଣ୍ଠିତ ଥିଲେ କାରଣ ଏହା ପଛରେ ହାଇ କୋର୍ଟ ଙ୍କ ନିର୍ଦ୍ଦେଶ ରହିଥିଲା ତଥା ପ୍ରଧାନ ମନ୍ତ୍ରୀ ମହୋଦୟା ଙ୍କ ଏକ ହିଂସା ଉଦ୍ରେକ କାରୀ ମନ୍ତବ୍ୟ ଥିଲା , ଯାହା ହେଲା – 'ମୁକ୍ତି ବାହିନୀ ସହିଦ ମାନଙ୍କ ବଂଶଧର ପାଇବେ ନାହିଁ ତ କ'ଣ ରାଜାକାର ମାନଙ୍କ ବଂଶଧର ମାନେ ପାଇବେ? ' ଏହି କଥା ଛାତ୍ର ମାନଙ୍କୁ ଆଘାତ ଦେଇଛି । ତେବେ ଏହି ରାଜାକାର କିଏ ? ରାଜାକାର ଏକ ପାର୍ଶି ଶବ୍ଦ ଯାହାର ମାନେ ହେଲ୍ପର ବା ସହାୟକ , ଏହି ସହାୟକ ଗୋଷ୍ଠୀ ପଶ୍ଚିମ ପାକିସ୍ତାନ ଦ୍ୱାରା ୧୯୭୧ ମସିହାରେ ଏକ ଅର୍ଦ୍ଧ ସାମରିକ ବାହିନୀ ରୂପେ କାର୍ଯ୍ୟ କରୁଥିଲା ପ୍ରାୟ ୫୦ ହଜାର ରାଜାକାର ଏଥିରେ ସାମିଲ ଥିଲେ, ଯେଉଁମାନେ କି ମୁକ୍ତି ଯୋଦ୍ଧାଙ୍କର ସବୁ ପ୍ରକାର ଗୁପ୍ତ ଖବର ପଶ୍ଚିମ ପାକିସ୍ତାନକୁ ଯୋଗାଇ ଦେଉଥିଲେ ଫଳରେ ଅନେକ ସ୍ଥାନରେ ମୁକ୍ତି ଯୋଦ୍ଧା ମାନେ ପଶ୍ଚିମ ପାକିସ୍ତାନୀ ସୈନ୍ୟ ବାହିନୀ ଦ୍ୱାରା ମୃତାହତ ହେଉଥିଲେ । ଦେଶ ସ୍ୱାଧୀନ ହେବା ପରେ ଏହି ରାଜାକାର ଗୋଷ୍ଠୀଙ୍କୁ ଦେଶ ଦ୍ରୋହୀ ର ମାନ୍ୟତା ଦିଆ ଯାଇଛି ଆଜି ପର୍ଯ୍ୟନ୍ତ ମଧ୍ୟ ଅନେକ ରାଜାକାର ବାଂଲା ଦେଶ ଜେଲ ମଧ୍ୟରେ ଜୀବନ ବିତାଉଛନ୍ତି । ତେବେ ପଶ୍ଚିମ ପାକିସ୍ତାନ ଠାରୁ ପୂର୍ବ ପାକିସ୍ତାନ କାହିଁକି ଅଲଗା ହେଲା ? ଏହା ପଛରେ ଅନେକ ଗୁଡିଏ କାରଣ ଲୁକ୍କାୟିତ ହୋଇ ରହିଛି ଯଥା : ପୂର୍ବ ପାକିସ୍ତାନର ମୁସଲମାନ ମାନେ ବଙ୍ଗଳା ଭାଷା କୁହନ୍ତି ଏବଂ ପଶ୍ଚିମ ପାକିସ୍ତାନର ମୁସଲମାନ ମାନେ ଉର୍ଦ୍ଦୁ ଭାଷା କୁହନ୍ତି , ସେହି ଉର୍ଦ୍ଦୁ ଭାଷାକୁ ପୂର୍ବ ପାକିସ୍ତାନ ଉପରେ ଲଦି ଦେବାକୁ ସରକାରୀ ଚାପ ପଡୁଥିଲା କିନ୍ତୁ ପୂର୍ବ ପାକିସ୍ତାନ ବାସୀ ଏହାକୁ ଗ୍ରହଣ କରି ନ ଥିଲେ । ଅର୍ଥନୈତିକ ଦୃଷ୍ଟିକୋଣରୁ ପୂର୍ବ ପାକିସ୍ତାନ ଅଧିକ ରପ୍ତାନି କରୁଥିବା ସମୟରେ ପଶ୍ଚିମ ପାକିସ୍ତାନ ରପ୍ତାନି ଜନିତ ଲାଭାଂଶ ପୂର୍ବ ପାକିସ୍ତାନ କୁ ଦେଉ ନଥିଲା, ରାଜନୈତିକ ଦୃଷ୍ଟିକୋଣରୁ ପୂର୍ବ ପାକିସ୍ତାନର ନେତା ମାନଙ୍କୁ ସରକାରରେ ସାମିଲ କରାଯାଉ ନଥିଲା । ପୂର୍ବ ପାକିସ୍ତାନ ର ଲୋକ ମାନେ ସତେ ଯେମିତି କ୍ରୀତଦାସ ଏହି କଥା ପଶ୍ଚିମ ପାକିସ୍ତାନର ସରକାର ଭାବୁଥିଲେ , ଅନ୍ୟାୟ ଅତ୍ୟାଚାର ଚରମ ସୀମାକୁ ପହଞ୍ଚି ଯାଇଥିଲା, ଏଥିରେ ଅତିଷ୍ଠ ହୋଇ ଜନତା ପଶ୍ଚିମ ପାକିସ୍ତାନରୁ ଅଲଗା ହୋଇ ଏକ ନୂତନ ଦେଶର ସ୍ୱପ୍ନ ଦେଖିବାକୁ ଲାଗିଲେ । ୧୯୭୦ ମସିହା ନଭେମ୍ବର ମାସ 'ଭୋଲା' ନାମକ ମହାବାତ୍ୟାରେ ପୂର୍ବ ପାକିସ୍ତାନର ପ୍ରାୟ ୩ ଲକ୍ଷ ଲୋକ ପ୍ରାଣ ହରାଇଲେ କିନ୍ତୁ ପଶ୍ଚିମ ପାକିସ୍ତାନ ସରକାର ଲୋକଙ୍କ ପାଇଁ ସେମିତି କିଛି ସାହାଯ୍ୟ ଯୋଗାଇ ପାରି ନଥିଲା । ସବୁଠାରୁ ବଡ ଅସୁବିଧା ହେଲା ପଶ୍ଚିମ ପାକିସ୍ତାନ ପୂର୍ବ ପାକିସ୍ତାନ ଠାରୁ ୨୦୦୦ କିଲୋମିଟର ରୁ ଅଧିକ ଦୂରରେ ଥିବାରୁ ଶାସନ କାର୍ଯ୍ୟ ପାଇଁ ବହୁତ୍ ଅସୁବିଧା ହେଉଥିଲା । ୧୯୭୦ ମସିହା ଭୋଟ ସମୟରେ ପୂର୍ବ ପାକିସ୍ତାନର ଆୱାମି ଲିଗ୍ ୧୬୨ ଆସନ ରେ ଜିତିଥିଲେ ଏବଂ ପାକିସ୍ତାନର ଶାସନ ଭାର ଗ୍ରହଣ କରି ଥାଆନ୍ତେ କିନ୍ତୁ ମିଲିଟାରୀ କମାଣ୍ଡର୍ ୟାହିଆ ଖାଁ ଏହାକୁ ଅସିଦ୍ଧ ଘୋଷଣା କରି ନିଜେ ଶାସନ ଭାର ନେଇ ଥିଲେ । ଏପଟେ ଆୱାମି ଲିଗ୍ ର ନେତା ଶେଖ୍ ମୁଜିବୁର୍ ରେହେମାନ୍ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଯାଇ ଏକ ନୂତନ ଦେଶକୁ ଜନ୍ମ ଦେବାର ପ୍ରଚେଷ୍ଟାରେ ମୁକ୍ତି ଯୋଦ୍ଧାଙ୍କ ଦ୍ୱାରା ପାକିସ୍ତାନ ସରକାରଙ୍କୁ ବିରୋଧ କରି ଚାଲିଲେ । ପରିସ୍ଥିତି ଭୟାବହ ହେଲା ପ୍ରାୟ ଏକ କୋଟି ବଙ୍ଗୀୟ ମୁସଲମାନ /ହିନ୍ଦୁ ଶରଣାର୍ଥୀ ଭାରତରେ ଆଶ୍ରିତ ହେଲେ ଅନେକ ମୃତାହତ ହେଲେ । ଶେଷରେ ଭାରତୀୟ ସେନା ବାହିନୀର ସହଯୋଗରେ ପୂର୍ବ ପାକିସ୍ତାନର ନାମ ନିଶ୍ଚିହ୍ନ ହୋଇ ବଙ୍ଗଳା ଦେଶର ଜନ୍ମ ହେଲା । ଦେଶ ପାଇଁ ଲଢ଼ି ଥିବା, ସହିଦ ହୋଇଥିବା ଅକର୍ମଣ୍ୟ ହୋଇଥିବା ମୁକ୍ତି ଯୋଦ୍ଧା ମାନଙ୍କର ପରିବାର ପାଇଁ ନୂତନ ବାଂଲାଦେଶର ସରକାର ଚାକିରୀ କ୍ଷେତ୍ରରେ ୩୦ ପ୍ରତିଶତ ସଂରକ୍ଷଣ ରଖିଛନ୍ତି । ବର୍ତ୍ତମାନ ଯୁବ ସମାଜ ଏହି ୩୦ ପ୍ରତିଶତ ସଂରକ୍ଷଣକୁ ବିରୋଧ କରି ଚାଲିଛନ୍ତି । ବର୍ତ୍ତମାନ କଥା ଉଠୁଛି ସ୍ୱାଧୀନତାର ୫୩ ବର୍ଷ ପରେ ମଧ୍ୟ କାହିଁକି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପୁଅ, ନାତି ମାନଙ୍କୁ ସଂରକ୍ଷଣ ଦିଆ ଯିବ? ବାପା, ଅଜା ଦେଶ ପାଇଁ ଲଢ଼ି ଥିଲେ ଠିକ୍ ଅଛି ସେମାନେ ଉପଯୁକ୍ତ ସୁବିଧା ସୁଯୋଗ ପାଇବା ଉଚିତ୍ କିନ୍ତୁ ପୁରୁଷାନୁକ୍ରମିକ ଭାବେ ଏହି ସୁବିଧା ହାତେଇବା କେତେଦୂର ଯୁକ୍ତି ଯୁକ୍ତ? ଭୋଟ୍ ରାଜନୀତି ତଥା ନିଜ ଚୌକି ଲାଳସାରେ ମାନ୍ୟବର ପ୍ରଧାନ ମନ୍ତ୍ରୀ ଶେଖ୍ ହାସିନା ଜାଣି ଶୁଣି ଏହି ପ୍ରକାର ବିଶୃଙ୍ଖଳା ସୃଷ୍ଟି କରି ଚାଲିଥିଲେ । ଛାତ୍ରଙ୍କୁ ଦେଶ ଦ୍ରୋହୀ କହିବାକୁ ମଧ୍ୟ ସେ ପଛାଇ ନାହାନ୍ତି । ଗଣତାନ୍ତ୍ରିକ ସରକାରର ଅନ୍ୟାୟ ଦୁର୍ନୀତି କୁ ଯଦି କେହି ନାଗରିକ ବା ଦଳ ବିରୋଧ କରେ ତେବେ ସେ କ'ଣ ଦେଶ ଦ୍ରୋହୀ ? ଆମେରିକୀୟ ଲେଖକ ତଥା ଆକ୍ଟିଭିଟିସ୍ ଏଡ୍ୱାର୍ଡ୍ ଆବେ କହି ଛନ୍ତି 'ଏ ପାଟ୍ରିଏଟ୍ ମଷ୍ଟ ଅଲୱଏଜେ ବି ରେଡି ଟୁ ଡିଫେଣ୍ଡ ହିଜ୍ /ହର୍ କଣ୍ଟ୍ରି ଏଗନେଷ୍ଟ ହିଜ /ହର୍ ଗର୍ଭନମେଣ୍ଟ' ଏହାର ଅର୍ଥ ହେଲା- ଜଣେ ପ୍ରକୃତ ଦେଶ ଭକ୍ତ ନିଜ ସରକାର ବିରୋଧରେ ଯାଇ ଦେଶକୁ ସୁରକ୍ଷା ଦେଇ ପାରିବ । ଏହାକୁ ଯଦି କ୍ଷମତା ଲୋଭି ସରକାର ଦେଶ ଦ୍ରୋହୀ ବୋଲି କହିବେ ତେବେ ବଙ୍ଗଳା ଦେଶରେ ସବୁ ଛାତ୍ର ଛାତ୍ରୀ ମାନେ କ'ଣ ଦେଶ ଦ୍ରୋହୀ ? ଅକ୍ଟୋବର ୨୦୧୮ ମସିହାରେ ପ୍ରଥମ ଶ୍ରେଣୀ ଏବଂ ଦ୍ୱିତୀୟ ଶ୍ରେଣୀ ଅଫିସର ଚାକିରୀ ପାଇଁ ଏହି ସଂରକ୍ଷଣ ବ୍ୟବସ୍ଥାକୁ ଶେଖ୍ ହାସିନା ସରକାର ଉଠାଇ ଦେଇଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ୨୦୨୧ ମସିହାରେ ସାତଜଣ ମୁକ୍ତି ଯୋଦ୍ଧାଙ୍କ ବଂଶଧର ଉଚ୍ଚ ନ୍ୟାୟାଳୟରେ କୋଟା ସପକ୍ଷରେ କେଶ୍ କରିଥିଲେ ଏବଂ ହାଇ କୋର୍ଟ ୫ ଜୁନ ୨୦୨୪ ମସିହାରେ ଏହାର ଶୁଣାଣି କରି କୋଟା ସପକ୍ଷରେ ରାୟ ଦେଇଥିଲେ । ଛାତ୍ର ଗଣ୍ଡଗୋଳର ସୂତ୍ରପାତ ଏହିଠାରୁ ହିଁ ଆରମ୍ଭ ହୁଏ । ବର୍ତ୍ତମାନ ବାଂଲା ଦେଶ ଜଳୁଛି, ୩୦୦ରୁ ଅଧିକ ଛାତ୍ର ୨୦ ରୁ ଅଧିକ ପୋଲିସ ମୃତ୍ୟୁ ବରଣ କରି ସାରିଲେଣି, ଦେଶ ସାରା କର୍ଫ୍ୟୁ ଜାରି ହୋଇଛି, ଇଣ୍ଟରନେଟ୍ ସେବା ବନ୍ଦ, ସ୍କୁଲ କଲେଜ ବନ୍ଦ, ବ୍ୟବସାୟିକ ପ୍ରତିଷ୍ଠାନ, କଳ କାରଖାନା ବନ୍ଦ ହୋଇ ଯାଇଛି । ସାଧାରଣ ଜୀବନଯାତ୍ରା ଠପ୍ ହୋଇ ଯାଇଛି । ମାନନୀୟା ପ୍ରଧାନ ମନ୍ତ୍ରୀ ଶେଖ୍ ହାସିନା ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ଦେଖି ବାଧ ହୋଇ ଅଗଷ୍ଟ ୫ ତାରିଖ ଦିନ ନିଜ ପଦବୀରୁ ଇସ୍ତଫା ଦେଇ ଦେଲେ । ସେନା ମୁଖ୍ୟଙ୍କ ସହଯୋଗରେ ବାଂଲାଦେଶର ରାଜଧାନୀ ଢାକାରୁ ସେନା ହେଲିକପ୍ଟର ଯୋଗେ ଭାରତର ତ୍ରିପୁରା ରାଜ୍ୟର ବାୟୁସେନା ବିମାନ ବନ୍ଦର ପହଞ୍ଚି ସେଠାରୁ ଭାରତୀୟ ବିମାନ ବାହିନୀର ଜେଟ୍ ବିମାନରେ ରେ ଘାଜିଆ ବାଦ୍ ସ୍ଥିତ ହିନ୍ଦନ୍ ସାମରିକ ବିମାନ ବନ୍ଦର ରେ ଓହ୍ଲାଇ ବର୍ତ୍ତମାନ୍ ପାଇଁ ଭାରତରେ ଶରଣ ନେଇଛନ୍ତି ।

ବଙ୍ଗଳା ଦେଶ ହାଇକୋର୍ଟ ନିଜର ପାରିବା ପଣିଆ ଦେଖାଇ ବା ଅହଂ ଭାବ ଦେଖାଇ ରାୟ ପ୍ରକାଶ କରି ଦେଲେ, ଏହି ପ୍ରକାର ସମ୍ବେଦନଶୀଳ ବିଷୟ ଉପରେ ରାୟ ପ୍ରକାଶ କରିବା ପୂର୍ବରୁ ମାନ୍ୟବର ନ୍ୟାୟାଧୀଶ ଅନେକ ବାର ଚିନ୍ତା କରି ଥା'ନ୍ତେ ବା ଦେଶର ପ୍ରଧାନ ମନ୍ତ୍ରୀଙ୍କ ସହିତ ଆଲୋଚନା ମାଧ୍ୟମରେ ସମସ୍ତଙ୍କୁ ସୁହାଇଲା ପରି ରାୟ ପ୍ରକାଶ କରି ଥିଲେ ହୁଏତ ଏପରି ଦୁର୍ଦ୍ଦିନ ଦେଖିବାକୁ ମିଳି ନ ଥା'ନ୍ତା, ପରବର୍ତ୍ତୀ ସମୟରେ ଉଚ୍ଚତମ ନ୍ୟାୟାଳୟ ଏହି ସମ୍ବେଦନଶୀଳ ବିଷୟଟିକୁ ବିଚାର ନିମନ୍ତେ ଗ୍ରହଣ କରିଛନ୍ତି, କିନ୍ତୁ ଛାତ୍ର ମାନେ ହିଂସା ପରିହାର କରିବାକୁ ଚାହୁଁ ନାହାନ୍ତି । ମିଳିତ ଜାତିସଂଘ ବାଂଲାଦେଶର ପରିସ୍ଥିତିକୁ ଅନୁଧ୍ୟାନ କରି ଉଦ୍ବେଗ ପ୍ରକାଶ କରିଛନ୍ତି । ବଙ୍ଗଳା ଦେଶରେ ବର୍ତ୍ତମାନ ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି କିନ୍ତୁ କିଏ କାହା କଥା ଶୁଣୁଛି ? ବାଂଲାଦେଶ ଆଜି କେବଳ ଛାତ୍ର ଆନ୍ଦୋଳନରେ ସିମୀତ ନାହିଁ, ଏହା ଛାତ୍ର ଆନ୍ଦୋଳନରୁ ରାଜନୈତିକ ଆନ୍ଦୋଳନ ହୋଇ ସରକାର୍ ବଦଳାଇ ଦେଇଛି । ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚି ଯାଇଛି, ଲୁଟ୍ ପାଟ୍, ହିଂସା, ଲୁଣ୍ଠନ, ହତ୍ୟା, ସଂଖ୍ୟା ଲଘୁ ସମ୍ପ୍ରଦାୟଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଆଜି ଚିନ୍ତାର ବିଷୟ ପାଲଟିଛି । ଦେଶର ମେରୁଦଣ୍ଡ ଦୋହଲି ଯିବା ପରି ପ୍ରତୀୟମାନ ହେଉଛି, ଜାତିର ପିତା ବଙ୍ଗ ବନ୍ଧୁ ମୁଜିବୁର ରେହେମାନ୍ଙ୍କ ମୂର୍ତ୍ତି ଗୁଡିକୁ ଖଣ୍ଡ ବିଖଣ୍ଡିତ କରି ନଷ୍ଟ କରି ଦିଆଯାଉଛି । ବଙ୍ଗଳା ଦେଶର ବିଶୃଙ୍ଖଳିତ ଜନତା ନିଜ ଇତିହାସକୁ ନିଜ ହାତରେ ଧ୍ୱଂସ କରିବାକୁ ତିଳେ ମାତ୍ର କୁଣ୍ଠାବୋଧ କରୁ ନାହିଁ, ଅନେକ କଠୋର ପନ୍ଥୀ ମୁସଲମାନମାନେ ମାନବିକତାକୁ ଭୂଲିଯାଇ ପଶୁତୁଲ୍ୟ କାର୍ଯ୍ୟରେ ଲିପ୍ତ । ଏହି ସବୁ ବିଶୃଙ୍ଖଳା ପଛରେ ବିଦେଶୀ ଶକ୍ତି କାର୍ଯ୍ୟ କରୁଛି ଏଥିରେ ସନ୍ଦେହ ନାହିଁ । ଚୀନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର କ୍ରୋଧର ଶିକାର ହୋଇ ଶେଖ୍ ହାସିନା ଆଜି ଗାଦିଚ୍ୟୁତ ହୋଇଛନ୍ତି । ସେନା ବାହିନୀ ଅନ୍ତରୀଣ ସରକାର୍ ଗଢ଼ି ପରବର୍ତ୍ତୀ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଶାସନ ଭାର ନିଜ ହାତରେ ରଖିବାକୁ ସ୍ଥିର ହୋଇଛି । ଭାରତ ପାଇଁ ବର୍ତ୍ତମାନ୍ ଏକ ଆହ୍ୱାନ ହେଲା ଯେ, ବଙ୍ଗଳା ଦେଶରେ ସଂଖ୍ୟା ଲଘୁ ହିନ୍ଦୁ ମାନଙ୍କୁ କିପରି ସୁରକ୍ଷା ଦିଆଯିବ ଏବଂ ବାଂଲାଦେଶୀ ଅନୁପ୍ରବେଶ କାରୀମାନଙ୍କୁ କିପରି ରୋକି ହେବ? ଅନ୍ୟଥା ଭାରତ ଉପରେ ପ୍ରାୟ ଏକ କୋଟି ଅନୁପ୍ରବେଶ କାରୀଙ୍କ ଖାଦ୍ୟ ପେୟ ରହିବା ଇତ୍ୟାଦି ର ଚାପ ପଡ଼ିବ । ଆମେ ଭାରତୀୟ ହିସାବରେ ଆମର ପଡୋଶୀ ଦେଶ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ଖୁବ୍ ଶୀଘ୍ର ବାଂଲା ଦେଶରେ ଶାନ୍ତି ଫେରି ଆସୁ ସମସ୍ତେ ପୁନର୍ବାର ସାଧାରଣ ଭାବେ ଜୀବନ ଯାପନ କରନ୍ତୁ, ସୋନାର ବାଂଲା ପୁଣି ଥରେ ସୋନାର ବାଂଲା ହେଉ ଏହାହିଁ କାମ୍ୟ ।

# ଶିଶୁ ସମ୍ପଦର ସୁରକ୍ଷା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ଆଜିର ଶିଶୁ କାଲିର ନାଗରିକ । ଏମାନେ କେବଳ ଦେଶର ଭବିଷ୍ୟତ ନୁହଁନ୍ତି, ଦେଶର ସମ୍ପଦ ଅଟନ୍ତି । ତେଣୁ ଶିଶୁ ସମ୍ପଦର ସୁରକ୍ଷା ଜରୁରୀ ଅଟେ । ପ୍ରତ୍ୟେକ ଶିଶୁ କିପରି ସୁସ୍ଥସୁନ୍ଦର ହୋଇ ବଞ୍ଚିରହିବ ତାର ଦାୟିତ୍ୱ ନେବା ପ୍ରତ୍ୟେକ ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ । ଏଥିପାଇଁ ଯୋଜନାର ଅଭାବ ନାହିଁ, ହେଲେ ଏହି ଯୋଜନା ଗୁଡିକ ଦିଗହରା । ଆମ ଦେଶ କଥା ବିଚାରକୁ ନେଲେ ଏଥିପାଇଁ ସାମ୍ବିଧାନିକ ବିଧିବ୍ୟବସ୍ଥା ଓ ଆଇନଗତ ବ୍ୟବସ୍ଥା ରହିଛି । ଏସବୁ ସତ୍ତ୍ୱେ, ବାଲ୍ୟ ଖୁସି ସତେ ଯେମିତି ତା ପାଇଁ ସାତ ସପନ ହୋଇଛି । ଫଳସ୍ୱରୂପ, ଶିଶୁ ମାନଙ୍କର ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ । ଆମ ଦେଶରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଆହାର ଅଭାବରୁ ହଜିଯାଉଛି ଶିଶୁ ସୁଲଭ ଚପଳତା । ସୂଚନାଯୋଗ୍ୟ ଯେ, ଶିଶୁଟି ଯଦି ଦୁଇଓଳି ଦୁଇମୁଠା ପେଟପୂରା ଖାଦ୍ୟ ଖାଇବାକୁ ପାଇବ ନାହିଁ ଓ ଦି' ଅକ୍ଷର ପାଠ ପଢିବାର ସୁଯୋଗ ପାଇବ ନାହିଁ, ତାହାହେଲେ ସେ ଶିଶୁ ଶ୍ରମିକ ହେବାକୁ ବାଧ ହେବ । ଏକ ପରିସଂଖ୍ୟାନରୁ ଜଣାପଡେ ଯେ ଭାରତରେ ଜନସଂଖ୍ୟାର ଏକ ତୃତୀୟାଂଶ ହେଉଛନ୍ତି ଶିଶୁ ଏମାନଙ୍କ ମଧ୍ୟରୁ ଶିଶୁ ଶ୍ରମିକଙ୍କ ସଂଖ୍ୟା ବିଶ୍ୱର ଅନ୍ୟାନ୍ୟ ଦେଶ ତୁଳନାରେ ଅଧିକ । ଦାରଦ୍ର୍ୟ ଓ ଅଶିକ୍ଷା ଏହାର ପ୍ରମୁଖ କାରଣ । ଫଳରେ ପେଟପାଟଣା ପାଇଁ ବହୁସଂଖ୍ୟାରେ ଶିଶୁ ବିଭିନ୍ନ କ୍ଷେତ୍ରରେ ଦୁଃଖ, ଦୁର୍ଦ୍ଦଶା, ଶୋଷଣ ଓ ନିର୍ଯାତନାର ଶିକାର ହେଉଛନ୍ତି । ପେଟ ଚାଖଣ୍ଡ ପାଇଁ କିଏ ହୋଟେଲ, ଗ୍ୟାରେଜ୍ ତ କିଏ ପୁଣି ବିଡି ବଳିବା, ଖଣିରେ ଇଟା ଭାଙ୍ଗିବା ଭଳି ବିପଦସଂକୁଳ କାମକରୁଛନ୍ତି । ଆଉ ପୁଣି କିଏ ବ୍ୟବସାୟ ପ୍ରତିଷ୍ଠାନ, ଘରୋଇ ଚାକର ଭାବେ କାମ କରୁଛନ୍ତି । ଏପରିକି କେତେକ ରାସ୍ତାରୁ ବା ଅଳିଆଗଦାରୁ ଭଙ୍ଗା ଟିଣ, ଲୁହା, ପ୍ଲାଷ୍ଟିକ୍ ଜରି ଇତ୍ୟାଦି ଗୋଟାଇ ଗୁଜୁରାଣ ମେଣ୍ଟାଇଥାନ୍ତି । ଏକ ହିସାବ ଅନୁଯାୟୀ ଦେଶରେ ଏବେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୧,୦୧,୨୮,୬୬୬ ଥିବା ବେଳେ ଆମ ରାଜ୍ୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୩,୩୪,୪୧୬ । ଶିକ୍ଷାକୁ ସାର୍ବଜନୀନ, ମାଗଣ ଓ ବାଧତାମୂଳକ କରିବାପାଇଁ କେନ୍ଦ୍ର ସରକାର ୨୦୦୯ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଆମ ରାଜ୍ୟରେ ଏହା ୨୦୧୦ମସିହା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେଉଛି । ଏହି ଆଇନ କାର୍ଯ୍ୟ କରିବାର ୧୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ଏ ଦିଗରେ ଆମର ଅଗ୍ରଗତି ସନ୍ତୋଷଜନକ ହୋଇପାରିନାହିଁ । ଯେଉଁ ଶିଶୁମାନେ ମଧ୍ୟାହ୍ନଭୋଜନ ଆକର୍ଷଣରେ ବିଦ୍ୟାଳୟକୁ ଆସନ୍ତି, ପାରିବାରିକ ଦାରିଦ୍ର୍ୟ କାରଣରୁ ସେହି ବିଦ୍ୟାଳୟ ଶିକ୍ଷା ପରେ ପାଠପଢା ଛାଡି ଦେଇଥାନ୍ତି । ଆମ ରାଜ୍ୟରେ ସର୍ବଶିକ୍ଷା ଯୋଜନା ୨୦୦୨-୨୦୦୩ ମସିହାରୁ ଆରମ୍ଭ ହେଲାଣି । ଏଥିପାଇଁ ସ୍କୁଲରେ ମାଗଣା ପୁସ୍ତକ, ପୋଷାକ ଓ ମଧ୍ୟାହ୍ନ ଭୋଜନ ଦିଆଯାଉଛି । ତଥାପି ଆମ ରାଜ୍ୟରେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ବିଦ୍ୟାଳୟ ବାହାରେ ରହିଯାଉଛନ୍ତି । ସ୍କୁଲରେ ଉପସ୍ଥାନ ସଂଖ୍ୟା ବଢିଥିଲେ ମଧ୍ୟ ଅଧାରୁ ଅନେକ ଶିଶୁ ପାଠ ଛାଡିବା ଦେଖାଯାଉଛି । ସବୁ ଉଦ୍ୟମ ସତ୍ତ୍ୱେ ଏବଂ ସ୍ୱାଧୀନତାର ୭୭ ବର୍ଷ ପରେବି ବିଶ୍ୱର ଏକ ତୃତୀୟାଂଶ ନିରକ୍ଷର ଲୋକ ଆମ ଦେଶରେ ଅଛନ୍ତି । ଏହାର କାରଣ ଓ ନିରାକରଣ ସମ୍ପର୍କରେ ତର୍ଜମା କରିବାର ଅଛି । ଶିଶୁ ଶ୍ରମିକ ବ୍ୟବସ୍ଥାର ଜନନୀ ହେଉଛି ଦାରିଦ୍ର୍ୟ । ଅର୍ଥାତ୍ ଦାରିଦ୍ର୍ୟ ଦୂର ନହୋଇପାରିଲେ ଯେତେ ଯୋଜନା କଲେବି ତାହା ଫଳପ୍ରସୂ ହୋଇପାରିବ ନାହିଁ । ଏକ ଆକଳନ ଅନୁଯାୟୀ ଦେଶର ୭୭ ଭାଗ ଲୋକ ଦୈନିକ ୨୦ ଟଙ୍କା ବି ଆୟ କରିପାରୁନାହାନ୍ତି । ମିଳିତ ଜାତିସଂଘର ସହସ୍ରାବ୍ଦୀ ଲକ୍ଷ୍ୟରେ କୁହାଯାଇଥିଲା ୨୦୧୫ ସୁଦ୍ଧା ଦାରିଦ୍ର୍ୟ, କ୍ଷୁଧା ଓ ରୋଗ ବିରୋଧରେ କାର୍ଯ୍ୟକାରୀ ବ୍ୟବସ୍ଥା ଗ୍ରହଣ କରାଯିବ । ମାତ୍ର ଅଦ୍ୟାବଧି ଏହି ଲକ୍ଷ୍ୟ ପୂରଣ ହୋଇପାରିନାହିଁ । ଦାରିଦ୍ର୍ୟ ହେତୁ ଦେଶର ସାକ୍ଷରତା ହାର ୭୫ ପ୍ରତିଶତ ତଳେ ରହିଛି । ୧୦ ବର୍ଷ ବୟସର ଶିଶୁଙ୍କ ମଧ୍ୟରେ ଅର୍ଦ୍ଧେକ ପ୍ରାରମ୍ଭିକ ପର୍ଯ୍ୟାୟରେ ପାଠପଢାର ସୁଯୋଗ ପାଆନ୍ତି ନାହିଁ । ୧୦ ଭାଗରୁ ଏକ ଭାଗ ଶିଶୁ କଲେଜ ପର୍ଯ୍ୟନ୍ତ ପହଞ୍ଚି ଥାଆନ୍ତି । ଏଦିଗରେ କିପରି ସୁଧାର ଆସିବ ସେ ଦିଗରେ ଚିନ୍ତା କରିବାକୁ ପଡିବ ଓ ସମସ୍ତ ଶିଶୁଙ୍କୁ ଶିକ୍ଷା ସୁଯୋଗ ଦେବାକୁ ହେବ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ମୁଖ୍ୟ ଆୟୁଧ ଓ ପ୍ରଗତିର ଚାବିକାଠି । ଏଣୁ, ଶିକ୍ଷା ଅଧିକାର ଆଇନ ବଳରେ ଶିଶୁ ଶ୍ରମିକମାନଙ୍କୁ ବିଦ୍ୟାଳୟ ପରିସରକୁ ଆଣିବା ପାଇଁ ନିର୍ଦ୍ଦିଷ୍ଟ ବ୍ୟବାସ୍ଥା କରାଯିବା ଜରୁରୀ ଏଥିସହିତ ଦେଶର ଗରିବ ଲୋକ ଯେତିକି ରୋଜଗାର କରନ୍ତି ତା'ର ୮୦ ପ୍ରତିଶତ ଖାଦ୍ୟ ପାଇଁ ବ୍ୟୟ କରିଥାନ୍ତି । ତେଣୁ, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସେମାନଙ୍କର ସାମର୍ଥ୍ୟ ରହେନାହିଁ । ଯଦ୍ୱାରା ଦେଶରେ ୪୨ ପ୍ରତିଶତ ଶିଶୁ ପୁଷ୍ଟିହୀନତାର ଶିକାର। ଅର୍ଥାତ୍ ଏମାନଙ୍କ ଓଜନ ବୟସ ଅନୁସାରେ ସ୍ୱଭାବିକ ଓଜନଠାରୁ ଯଥେଷ୍ଟ କମ୍ । ଦେଶର ପ୍ରତି ଏକ ହଜାର ଶିଶୁଙ୍କ ମଧ୍ୟରୁ ୫୩ ଜଣ ଶିଶୁଙ୍କର ଅକାଳ ମୃତ୍ୟୁ ଘଟୁଛି । କେବଳ ସେତିକି ନୁହେଁ ଦେଶରେ ପ୍ରତିଦିନ ୬ ହଜାର ଶିଶୁ ମୃତ୍ୟୁବରଣ କରୁଛନ୍ତି । ଏହା ଏକ ଜାତୀୟ ଲଜ୍ଜା ଆମ ରାଜ୍ୟ କଥା ଆହୁରି ତଦ୍ରୂପ । ଏବେ ଆମ ରାଜ୍ୟରେ ପ୍ରତି ହଜାରରେ ୫୧ ଶିଶୁ ମୃତ୍ୟୁ ମୁଖରେ ପଡୁଛନ୍ତି । ଏଥିପାଇଁ ଅର୍ଥନୈତିକ ମାନଦଣ୍ଡ ଅପେକ୍ଷା ସମ୍ବଳର ଅସମ ବଣ୍ଟନ ଓ ମାନସିକତାର ଅଭାବ ହିଁ ପ୍ରମୁଖ କାରଣ । ସମ୍ପ୍ରତି ଚିନ୍ତା କରିବାର ବେଳ ଆସିଛି । ଶିଶୁମାନଙ୍କର ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ଅଧିକାର ଯୋଗାଇଦେବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଦରକାର । କେବଳ ସରକାରୀ ସ୍ତରରେ ଉଦ୍ୟମ ଶିଶୁମାନଙ୍କ ସମସ୍ୟା ସମାଧାନ କରିବାରେ ଯଥେଷ୍ଟ ହେବନାହିଁ । ଏଥିପାଇଁ ସରକାର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷକ ସମାଜ, ପିତାମାତା ଓ ଅଭିଭାବକ ଆଗେଇଆସିବା ଦରକାର ।

# ଦରିଦ୍ର ହୋଇ କଲି ପାପ



ଡଃ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

ଭାଗବତରେ ଦାରିଦ୍ର୍ୟତାର କୁ-ପରିଣାମ କଥା ଉଲ୍ଲେଖ କରି ସନ୍ଥ ଜଗନ୍ନାଥ ଦାସ ବର୍ଣ୍ଣନା କରିଛନ୍ତି; 'ଦରିଦ୍ର ହୋଇ କଲି ପାପ, ପୁଣି ଦରିଦ୍ର ପୁଣି ପାପ' । ଯେ କୌଣସି ମଣିଷ ଦରିଦ୍ର ହେଲେ ଜୀବନ ବଞ୍ଚାଇବା କିମ୍ବା ପରିବାର ପ୍ରତିପୋଷଣ ପାଇ ଯେକୌଣସି ପାପ କାର୍ଯ୍ୟ କରିବା ପାଇଁ ପଛଘୁଞ୍ଚା ଦିଏ ନାହିଁ । ଏଠାରେ ପାପ-ପୁଣ୍ୟର ସଂଜ୍ଞା କୌଣସି ଧାର୍ମିକ ବିଷୟ ବସ୍ତୁ ଉପରେ ଆଧାରିତ ନୁହେଁ ବରଂ ଯେକୌଣସି ଅସାମାଜିକ କିମ୍ବା ଅନୈତିକ କାର୍ଯ୍ୟକୁ ବୁଝାଇଥାଏ । ମଣିଷ ଜାଣେ ଯେ ଉକ୍ତ କାମରେ ହାତ ଦେଲେ ତାକୁ ନିନ୍ଦା ଓ ଅପବାଦର ଶରବ୍ୟ ହେବା ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡ ବ୍ୟବସ୍ଥାର ସାମ୍ନା କରିବାକୁ ପଡ଼ିବ ତଥାପି ବର୍ତ୍ତମାନର ଆବଶ୍ୟକତା ଆଗରେ ଭବିଷ୍ୟତର ନିନ୍ଦା, ଅପମାନ ଓ ଦଣ୍ଡ ତା' ପାଇଁ ତୁଚ୍ଛ ବୋଲି ମନେ ହୁଏ । ଯାହାକୁ ଲକ୍ଷ୍ୟ କରି ପଣ୍ଡିତ ବିଷ୍ଣୁଶର୍ମା ଲେଖିଛନ୍ତି 'ବୁଭୁକ୍ଷିତଃ କିଂ ନ କରୋତି ପାପମ୍' । ତେଣୁ ଉକ୍ତ ଗର୍ହିତ କାର୍ଯ୍ୟ ଯୋଗୁଁ ଦଣ୍ଡିତ କିମ୍ବା ଅପମାନିତ ହେବା ଦ୍ୱାରା ସେହି ଲୋକମାନେ ଦାରିଦ୍ର୍ୟରୁ ମୁକୁଳିବା କ'ଣ ପୁଣି ସେହି ଦାରିଦ୍ର୍ୟର ଅମା ଅନ୍ଧାର ମଧ୍ୟକୁ ଠେଲି ହୋଇ ଯାଆନ୍ତି ।

ଯଦିଓ କିଛି ଦାର୍ଶନିକ ଦାରିଦ୍ର୍ୟରୁ ମୁକୁଳିବା ତଥା ଉନ୍ନତି କରିବା ପାଇଁ ବିଭିନ୍ନ ସୂତ୍ରରୁ ଋଣ ଆଣି ଚଳିବା ପାଇଁ ଉପଦେଶ ଦେଇଛନ୍ତି ତଥାପି ଋଣକୁ ସଠିକ ଭାବେ ଉପଯୋଗ କରିବାର କଳା କୌଶଳ ସମସ୍ତଙ୍କୁ ଜଣା ନଥାଏ ତେଣୁ ଋଣକୁ ଯନ୍ତା ସହିତ ତୁଳନା କରାଯାଇଛି । ଏଠାରେ ଏକ ବେକାରୀ ଦୂରୀକରଣ ତଥା ଆୟ ସୃଷ୍ଟିକାରୀ ପ୍ରକଳ୍ପର ଉଦାହରଣ ନିଆ ଯାଇପାରେ । ଥରେ ଗୋଟିଏ ବେସରକାରୀ ସଂସ୍ଥା ଗରୀବ ଲୋକଙ୍କର ଉନ୍ନତି କଥା ଚିନ୍ତା କରି ସେମାନଙ୍କୁ କୁକୁଡ଼ା ଚାଷ, ଗୋପାଳନ, ଛତୁ ଚାଷ ଆଦି ବିଭିନ୍ନ ପ୍ରକଳ୍ପ ପାଇଁ ଆରମ୍ଭ କରିବା ଭିତ୍ତିଭୂମି ତଥା ଅର୍ଥରାଶି ଯୋଗାଇ ଦେଲା । କିନ୍ତୁ କିଛିଦିନ ପରେ ଲକ୍ଷ୍ୟ କରାଗଲା ଯେ ଉକ୍ତ ହିତାଧିକାରୀ ମାନଙ୍କର ଆୟରେ ସେମିତି କିଛି ଆଖିଦୃଶିଆ ପରିବର୍ତ୍ତନ ଆସିଲା ନାହିଁ ବରଂ ସେମାନଙ୍କୁ ଋଣରାଶି ଫେରାଇବା କଥା କହିବା ବେଳକୁ ସେମାନେ ନିଜର ଦୈନନ୍ଦିନ ଖାଇବା ପିଇବା ତଥା ଅନ୍ୟାନ୍ୟ ଖର୍ଚ୍ଚ ମେଣ୍ଟାଇବା ପାଇଁ ଦିଆ ଯାଇଥିବା ଋଣ ରାଶିକୁ ଚଳୁ କରି ଦେଇଛନ୍ତି କିମ୍ବା ଭିତ୍ତିଭୂମିକୁ ବନ୍ଧକ ପକାଇ ଦେଇଛନ୍ତି । ସେଥିପାଇଁ ଉକ୍ତ ବେସରକାରୀ ସଂସ୍କାର ପ୍ରକଳ୍ପ ଅଧିକାରୀଙ୍କୁ ନିଲମ୍ବନ କରାଗଲା ସତ କିନ୍ତୁ ଏଥିରୁ ସ୍ପଷ୍ଟ ଜଣା ପଡ଼ିଲା ଯେ ମଣିଷ ପ୍ରଥମେ ତାର ସର୍ବନିମ୍ନ ଆବଶ୍ୟକତା ପୂର୍ଣ୍ଣ କରିବା ପାଇଁ ବ୍ୟାକୁଳ ତେଣିକି ଭବିଷ୍ୟତ କଥା ଚୁଲିକୁ ଯାଉ ।

ଅନ୍ୟ କେତେକ ସମୟରେ ଦରିଦ୍ରତାକୁ କେବଳ ଆର୍ଥିକ ଭିତରେ ସୀମିତ ନରଖି ଏହା ମନର ଦାରିଦ୍ର୍ୟ କଥାକୁ ମଧ୍ୟ ସୂଚାଇ ଥାଏ । ଯେମିତି ନିର୍ବାଚନ ସମୟରେ ଭୋଟର ମାନଙ୍କର ଦାରିଦ୍ର୍ୟତା (ଶରୀର, ମନ ତଥା ସାମାଜିକ)କୁ ଆଳ କରି ବିଭିନ୍ନ ରାଜନୈତିକ ଦଳ ତଥା ନେତୃବୃନ୍ଦ ମାନେ ସେମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଥାଆନ୍ତି । ବିଭିନ୍ନ ଜିନିଷ ମାଗଣାରେ ପାଇବା ନାଁରେ ଭୋଟର ମାନେ ମଧ୍ୟ ଭଲ ମନ୍ଦ ଭିତରେ ଫରକ କଥା ନ ଭାବି କିମ୍ବା ବିଚାର ନକରି ନିଜର ମୂଲ୍ୟବାନ ଭୋଟକୁ ବିକ୍ରି କରି ଦିଅନ୍ତି। ଅନ୍ୟ ପକ୍ଷରେ ଦେଶର ଖଣି ଖାଦାନ ବିକ୍ରିକରି ଗରିବ ମାନଙ୍କୁ ସାମାଜିକ ସୁରକ୍ଷା ଆଳରେ ମାଗଣା ଜିନିଷ ଦେବା ଫଳରେ ଦେଶର ଗରିବ ତଥାକଥିତ ଭାବେ କିଛିଦିନ ପାଇଁ ଦୂରେଇ ଯାଇପାରେ କିନ୍ତୁ ଭବିଷ୍ୟତ ପିଢ଼ୀ ଋଣ ଯନ୍ତା ମଧ୍ୟକୁ ଠେଲି ହୋଇଯାଏ ଏବଂ ଦେଶ ପୁଣି ଉପନିବେଶବାଦ ଆଡ଼କୁ ଗତି କରିଥାଏ ।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**



# ଚତୁର ଠେକୁଆ



ସନ୍ତୋଷ କୁମାର ଅଦାବର

ଗୋଟିଏ ଘଞ୍ଚ ଜଙ୍ଗଲ ଭିତରେ ଅନେକ ପଶୁପକ୍ଷୀ ରହୁଥାଆନ୍ତି । ସେ ଜଙ୍ଗଲରେ ଥାଏ ଗୋଟିଏ ଚଲାକ ଠେକୁଆ । ଦିନେ ସେ ଜଙ୍ଗଲରେ ଯାଉ ଯାଉ ଅଳ୍ପ ଦୂରରେ ଗୋଟିଏ ସିଂହକୁ ଦେଖିଲା । ଭାବିଲା, କାଳେ ସେ ସିଂହର ଶିକାର ହୋଇଯିବ । ତେଣୁ ସେ ଭୟରେ ଏକ ବୁଦାମୂଳରେ ଲୁଚି ଦେଖିଲା । ଠିକ୍ ଏହି ସମୟରେ ଏକ ହରିଣ ସେହି ରାସ୍ତା ଦେଇ ଯାଉଥାଏ । ଅତି ସୁନ୍ଦର ହରିଣଟିଏ । ଠେକୁଆ ମନରେ ତା'ପ୍ରତି ଦୟା ଆସିଲା । ହରିଣଟି ମଧ୍ୟ ତା'ର ଭଳି ତୃଣଭୋଜୀ ପ୍ରାଣୀ । କିନ୍ତୁ ଆଗରେ ସିଂହ ଥିବା କଥା ହରିଣକୁ ସେ କହିବା ଆଗରୁ ହରିଣଟି ସିଂହର ପାଖାପାଖି ପହଞ୍ଚି ଯାଇଥିଲା । କେମିତି ହରିଣଟିକୁ ବଞ୍ଚାଇବ ଏକ ଉପାୟ ପାଞ୍ଚିଲା ।

ନିରୀହ ହରିଣଟି ସିଂହର ସାମ୍ନାସାମ୍ନି ହେଇଗଲା । ସିଂହ ଗର୍ଜନ କରି ହରିଣକୁ ଧରିବା ପାଇଁ ତା' ଉପରକୁ ଲମ୍ଫ ପ୍ରଦାନ କରୁଥିବା ସମୟରେ ହରିଣ ଯେମିତି ପ୍ରାଣ ବିକଳରେ ଦୌଡ଼ିବାକୁ ଚେଷ୍ଟା କରିଛି ତା'ର ପଛର ବାମ ଗୋଡ଼ଟି ଭାଙ୍ଗିଗଲା । ସେ ଆଉ ଦୌଡ଼ି ପାରିଲାନାହିଁ । ସିଂହ ଭାବିଲା- ହରିଣ ତ ଦୌଡ଼ି ପାରୁନି, ଆରାମରେ ଯାଇକି ଧରି ଖାଇବି । ତରବର ହୋଇ ଦୌଡ଼ିବାର କିଛି ଆବଶ୍ୟକତା ନାହିଁ । ଏମିତି ଭାବିକି ସିଂହଟି ଜୋର୍‌ରେ ହସି ହସି ହରିଣ ପାଖକୁ ଧିରେ ଧିରେ ଆସୁଥାଏ । ହରିଣଟି ଭୟରେ ଥରି ଯାଉଥାଏ । ସିଂହଟି ଯେତେ ପାଖକୁ ଆସୁଥାଏ, ହରିଣଟି ସେତିକି ଥରୁଥାଏ । ଏପଟେ ଭଙ୍ଗା ଗୋଡ଼ର ଯନ୍ତ୍ରଣା, ପୁଣି ସିଂହର ଭୟ । ଆଜି ଆଉ ତା'ର ଜୀବନ ରହିବନି । ଏମିତି ଭୟରେ ସେ ସେଠି ପଡ଼ିରହିଥାଏ । ସିଂହ ତା' ପାଖକୁ ଆସି ଆହୁରି ଜୋର୍‌ରେ ହସିଲା । ଠିକ୍ ଏହି ସମୟରେ ବୁଦା ମୂଳରେ ଲୁଚିଥିବା ଠେକୁଆଟି ତା'ର ସାହସ ଜୁଟାଇ ଆସି ସେ ମଧ୍ୟ ହରିଣଟିକୁ ଦେଖି ହସିଲା ଏବଂ ନାଚିଲା । ହଠାତ୍ ଠେକୁଆଟିଏ ଆସି ହସିଲା ଦେଖି ସିଂହ ଏବଂ ହରିଣ ଆଶ୍ଚର୍ଯ୍ୟ ହୋଇଗଲେ । ଏଥର ଠେକୁଆ କହିଲା- ଦୁଷ୍ଟ ଛୋଟା ହରିଣ ତୋତେ ମୁଁ ବହୁତ ସମୟ ହେଲା ଖୋଜୁଛି । ଏବେ ପାଇଗଲି । ଠେକୁଆର କଥା ଶୁଣି ସିଂହ ପଚାରିଲା- କାହିଁକି ତୁ ଏଇଟାକୁ ଖୋଜୁଛୁ ? ତୋର କ'ଣ କାର୍ଯ୍ୟ ତା'ଠାରେ ଅଛି ? ଏଇଟା ମୋର ଶିକାର । ଠେକୁଆଟି କହିଲା- ତମେ ଜାଣିନ ଏ ହରିଣ ବିଷୟରେ ସିଂହ ଭାଇ । ଏଇ ହରିଣ ଜଣେ ବାବାଙ୍କ ଠାରୁ ଆଶୀର୍ବାଦ ପାଇଛି ଯେଉଁଦିନ ତା'ର ପଛ ବାମ ଗୋଡ଼ ଭାଙ୍ଗିବ ସେଦିନ ସେ ଏ ରାଜ୍ୟର ରାଜାଙ୍କ ଲୋକ ଆସି ଏହାକୁ ନେଇଯିବେ । ରାଜାଙ୍କର ଏହା ଏକ ପଣ୍ଡିତ ଭାବରେ ସବୁ କଥା କହିପାରିବ । ସିଂହ କହିଲା- ଯା.. ଏ ତ ଘଞ୍ଚ ଜଙ୍ଗଲ ଏଠାକୁ କାହାର ସାହସ ଯେ ଏହାକୁ ନେଇ ଆସିବ । ଏଇଟା ମୋର ଶିକାର । ତା'ପରେ ତୋତେ ବି ଖାଇବି ।

ଠେକୁଆ ଭୟରେ ଛେପ ଢୋକିକି ଭାବିଲା ଆଉ କିଛି ଗୋଟିଏ କହିବି ନ ହେଲେ ଏ ସିଂହଟା ଆମ ଦୁହିଁଙ୍କୁ ସଫା କରିଦେବ । ସେ କହିଲା- ରହ ସିଂହ ଭାଇ ମୁଁ ତ କ୍ଷୁଦ୍ର ଜୀବଟିଏ ମୋତେ ଖାଇଲେ ତୁମ ପେଟ ପୂରିବ ନାହିଁ । ଆଉ ଗୋଟିଏ ମୁଖ୍ୟ କଥା ରହିଗଲା । ଯିଏ ଏହାର ଗୋଡ଼ ଛୋଟା ଭାବିକି ଖାଇବ ସିଏ ବି ହରିଣ ହୋଇଯିବ, କିନ୍ତୁ ତାକୁ ରାଜାଙ୍କ ଲୋକ ନେବେ ନାହିଁ ସେ ଏ ଜଙ୍ଗଲରେ ଅନ୍ୟ ହିଂସ୍ର ପଶୁଙ୍କ ଶିକାର ହେଇଯିବ । ଏକଥା ସେ ବାବାଜି ଜଣକ ହରିଣ ଭାଇକୁ କହିଛନ୍ତି । ହରିଣ ବି ଠେକୁଆ ତାକୁ ବଞ୍ଚାଇବାକୁ ଯାଇ ମିଛ କଥା ସବୁ ସଜେଇକି କହୁଥିବାର ଜାଣି ପାରୁଥାଏ ଏବଂ ହଁ ହଁ କରୁଥାଏ । ଯଦି ତୁମେ ଏହାକୁ ଖାଇବାକୁ ଚାହୁଁଛ, ତେବେ ପ୍ରଥମେ ତୁମ ଦାନ୍ତଗୁଡ଼ିକୁ ଏବଂ ପଞ୍ଝାର ନଖଗୁଡ଼ିକୁ ପଥରରେ କାମୁଡ଼ି ଘଷିକି ଧାରୁଆ କରିବାକୁ ହେବ । ଦାନ୍ତ ଓ ନଖ ଧାରୁଆ କରି ଖାଇଲେ ଆଉ ତୁମେ ହରିଣ ହୋଇପାରିବନାହିଁ । ଏ ସବୁ ସେ ବାବାଙ୍କ କଥା ।

ଏକଥା ଶୁଣି ସିଂହଟି ପାଖରେ ଥିବା ଏକ ବଡ଼ ପଥରକୁ ଜୋର୍‌ରେ କାମୁଡ଼ି ଦେବାରୁ ତା'ର ଦାନ୍ତଗୁଡ଼ାକ ଭାଙ୍ଗି ରକ୍ତ ବାହାରି ଅନେକ କଷ୍ଟ ଦେଲା । ତା'ର ପଞ୍ଝାର ନଖ ଗୁଡ଼ିକ ମଧ୍ୟ ଥୁଣ୍ଟା ହୋଇଗଲା । ସେ ହରିଣ ଓ ଠେକୁଆକୁ ଖାଇବା କଥା ଭୁଲିଯାଇ ନିଜର ଯନ୍ତ୍ରଣାରେ ଛଟପଟ ହେଲା । ଏତେ ସମୟ ଭିତରେ ପ୍ରକୃତରେ ହରିଣର ଅଳ୍ପ ଆଘାତ ଲାଗିଥିବା ଗୋଡ଼ଟି ଟିକିଏ ଭଲ ହୋଇଯାଇଥିଲା । ସିଂହଟି ତାଙ୍କ ଆଡ଼କୁ ଦେଖିବା ଆଗରୁ ସେ ଦୁହେଁ ସେଠାରୁ ଜୋର୍‌ରେ ଦୌଡ଼ି ପଳାଇ ଗଲେ । ବହୁ ଦୂରକୁ ଯାଇ ସେ ଦୁହେଁ ଛିଡ଼ା ହେଲେ ଏବଂ ହରିଣକୁ ମରଣ ମୁହଁରୁ ବଞ୍ଚେଇଥିବାରୁ ସେ ଠେକୁଆକୁ ସାବାସ ସାବାସ କହିଲା । ଠେକୁଆ କହିଲା- ଜୀବନକୁ ବିପଦ ଆସିଲେ ଶତ୍ରୁକୁ ମିଥ୍ୟା କହି ବଞ୍ଚିବା ହିଁ ଏକ ମାତ୍ର ରାହା ଅଟେ ।

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*

# ଶିବଙ୍କୁ ପୂଜିବା ଜଗତ ହିତେ

*ରାମଚନ୍ଦ୍ର ବେହେରା*



ଧରମ ମାସରେ ଶିରାବଣ ଗଣା
ହସିଉଠେ ସାରା ଦେଶ
କାଉଡ଼ିଆ ଭାଇ କାନ୍ଧେ ଜଳ ନେଇ
ପୂଜନ୍ତି ପ୍ରଭୁ ମହେଶ
କାଉଡିଆମୟ ଦିଶେ ରାସ୍ତାଘାଟ
ଶ୍ରାବଣ ସୋମବାରରେ
ନଈ ତୁଠ ଠାରୁ ଶିବାଳୟ ଯାଏ
ଚାଲନ୍ତି ଶୋଭାଯାତ୍ରାରେ
ପୂଣ୍ୟ ଜଳଦାନ ପୁଷ୍ପ ବେଲପତ୍ର
ଚଢ଼ାନ୍ତି ଭକତ ଜନେ
ଜୟ ଭୋଳାନାଥ ପବିତ୍ର ଧ୍ୱନିରେ
ଭକ୍ତି ଜାଗିଉଠେ ପ୍ରାଣେ
ସୋମବାର ଦିନ ଜଳଦାନ କଲେ
ଶିବ ହୁଅନ୍ତି ପ୍ରସନ୍ନ
ଶିରାବଣ ବ୍ରତ ଯେ ପାଳେ ହରଷେ
ପାଇଥାଏ ଦିବ୍ୟଜ୍ଞାନ
ଧାରା ଶିରାବଣ ଆସିଛି ମରତେ
ପୂଣ୍ୟର ପସରା ନେଇ
ଆସ କୁନି ମୁନି କାଉଡିଆ ସାଜି
ଯିବା କାନ୍ଧେ ଜଳ ନେଇ
ଜଳଦାନ କରି ପୂଜିବା ପ୍ରଭୁଙ୍କୁ
ଆମ ଗାଆଁ ଶିବପୀଠେ
ଜଗତ ହିତରେ ପ୍ରାର୍ଥନା କରିବା
ଶ୍ରଦ୍ଧାଭାବ ରଖି ଚିତ୍ତେ ।



*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*

# ଆଖି ନାହିଁ କାନ ନାହିଁ

*ସୁସ୍ମିତା ପଟେଲ*



ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷ ନାହିଁ
କୁନା ଆମ ସୁନା ପିଲା
କେବେ ସିଏ ରଷେ ନାହିଁ

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷ ନାହିଁ
କୁନା କୁନି ଭାଇ ଭଉଣୀ
ମିଛ କେବେ କହନ୍ତି ନାହିଁ

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷ ନାହିଁ
ଉତ୍କଳମଣି ଗୋପବନ୍ଧୁ ଯେ
ବଞ୍ଚିଥିଲେ ଅନ୍ୟର ପାଇଁ

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷ ନାହିଁ
ଜାତିର ପିତା ବାପୁଜୀ ଆମ
ସ୍ୱାଧିନ କଲେ ଭାରତ ଭୂଇଁ

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷ ନାହିଁ
ଦିଲ୍ଲୀଚଲୋ ସୁବାଷ ଡାକ
ଆଜାଦହିନ୍ଦ ଫଉଜ ନେଇ

ଆଖି ନାହିଁ କାନ ନାହିଁ
ବାଜି ଗଲେ ଦୋଷ ନାହିଁ
ବାରବରଷର ବାଜିରାଉତ
ବନ୍ଧୁକ ଆଗରେ ପାତିଲା ଛାତି

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷ ନାହିଁ
କୋଣାରକରେ ଧରମା ଦେଖ
ମୁଣ୍ଡି ମାରଇ ଜୀବନ ଦେଇ

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷନାହିଁ
ଚରମପନ୍ଥୀ ଭଗତ ସିଂହ
ଫାଶୀରେ ଝୁଲିଲେ ଭାରତ ପାଇଁ

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷ ନାହିଁ
ଲାଲ, ବାଲ ଆଉ ପାଲର ପାଇଁ
ଭାରତ ହସେ ଛାତି ଫୁଲେଇ

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷନାହିଁ
ଲାଲବାହାଦୁର, ଚାଚା ନେହେରୁ
ଲୌହମାନବ ସର୍ଦ୍ଦାର ଭାଇ

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷନାହିଁ
ବୀରପୁଙ୍ଗବର ଦେଶ ଭାରତ
ତାଙ୍କ ପାଦତଳେ ମୁଣ୍ଡିଆ ମାରି

ଆଖି ନାହିଁ କାନ ନାହିଁ
ବାଜିଗଲେ ଦୋଷ ନାହିଁ
ନିଜ ପାଇଁ ତ ବଞ୍ଚନ୍ତି ସଭିଏଁ
ଆମେ ବଞ୍ଚିବା ଅନ୍ୟର ପାଇଁ ।

*କୁଚିଣ୍ଡା, ସମ୍ବଲପୁର*
*ମୋ- ୭୮୯୪୬୬୧୧୨୩*

# ଶ୍ରାବଣ ଝଡ଼ି

ଧ୍ରୁବ ଚରଣ ବେହେରା

ଶ୍ରାବଣ ବରଷା ପଡୁଛି ଝରି
ନଦୀ ଓ ପୋଖରୀ ଗଲାଣି ପୂରି
ବେଙ୍ଗୁଲୀ ଦେଲାଣି ଡାକ
ହଂସ ହଂସରାଳି ଖେଳନ୍ତି ମଉଜେ
ଖୁସି ନାଚେ ଗାଆଁ ଯାକ

ଗିରି ଶିଖରରେ ମୟୁର ନାଚେ
ଭାଲେରୀର ଶୋଭା ମନ ହରଷେ
ଗେଣ୍ଡାଳିଆ ଗଲେ ଉଡି
ଆକାଶେ ଦୁନ୍ଦୁଭି ବଜାଏ ବାଇଦ
ଶୁଭେ ମେଘ ଘଡ ଘଡି


କୃଷକ ଭାଇଟି ହଳଟେ ଧରି
ବାହାରେ କ୍ଷେତକୁ ନକରି ଡେରି
ରୁଆ ବେଉଷଣ ପରେ
ଫଳାଏ ସବୁଜ ଫୁଲ ଫଳ କେତେ
ନାନା କ୍ଷେତ ବଗିଚାରେ

ଚରିଆଡେ ଦିଶେ ଶୀତଳ ଛାଇ
କଅଁଳ ପବନ ଯାଆଇ ବହି
କୁନା ହସି ଦିଏ ଧିରେ
ଭସାଇ ଦିଅଇ କାଗଜ ଡଙ୍ଗାଟି
ଗାଆଁ ଦାଣ୍ଡ ସୁଅ ଧାରେ

ଜହ୍ନି ଓଷା ପାଳି କୁଆଁରୀ ମାନେ
ହସା ହସି ପ୍ରେମେ ହୁଅନ୍ତି ମନେ
ଗଭାରେ କୁସୁମ ଛଇ
ବୀଜ ଅଙ୍କୁରିତ ନଦୀ ପୂର୍ଣ୍ଣ ଗର୍ଭା
ଏହି ସେ ଶ୍ରାବଣ ପାଇଁ

ଆ..ରେ..ବଉଦ ଆ..ତୁ ଝରି
ପୂରି ରହୁ କ୍ଷେତ ବଗିଚା ବାଡି
ମହ୍ଲାରେ ଗାଇ ଦେ ଗୀତ
ତୁ ପରା ଆମ ଜୀବନର ରାହା
ପ୍ରଜା ପ୍ରାଣୀଙ୍କର ମିତ

*ଭାରତୀୟ ସାମରିକ ସେବା , ଅଠରବାଟିଆ, ବାଲୁଗାଁ (ଖୋର୍ଦ୍ଧା)*
*ମୋ- ୮୩୨୮୯୩୦୫୫୪*



# ସରଗୁ ଖସେ ପାଣି

*ଶରତ କୁମାର ଦାସ*



ମଥାରେ ଦେଇ କଳା ଓଢଣି
ଆସେ ବରଷା ରାଣୀ,
ପାଦରେ ତାର ନୂପୁର ବାନ୍ଧି
ଦେଖାଏ କେତେ ଠାଣି

ଟୁପୁରୁଟୁପୁ ଝୁପୁରୁଝୁପୁ
ସରଗୁ ଖସେ ପାଣି,
ସୁନ୍ଦର ଦିଶେ ପାଣି-ଫୋଟକା
ମନକୁ ନିଏ ଟାଣି

ଉପରୁ ତଳ ଯାଏତ ଗଡି
ପାଣି ଧାରକୁ ଧାର,
ଦେଖିଲେ ଥରେ ଦେଖଣାହାରୀ
ଦେଖନ୍ତି ବାରବାର

ପିଲାଏ ପରା କାଗଜ ଚିରି
ଗଢନ୍ତି ଡଙ୍ଗା କେତେ,
ପାଣିସୁଅରେ ଭସାଇଦେଇ
ମାରନ୍ତି ତାଳି ଯେତେ

ଗଛପତର ଗହଳ ଲତା
ହସନ୍ତି କିରିକିରି,
ଆ' ରେ ମେଘ ଯା' ବରଷି-
କହନ୍ତି ଥିରିଥିରି

ଫୁଲଫଳରେ ଶାଗୁଆ ଦିଶେ
ଏଇ ଧୂସର ମାଟି,
ପଡିଲେ ଟୋପା ଆକାଶ ବୁକୁ
ଖୁସିରେ ପଡେ ଫାଟି

ନଈ-ଝରଣା-ବଣ-ପାହାଡ଼
ଗାଆନ୍ତି ଧୀରେ ଗୀତ,
ଚାହିଁ ଥାଆନ୍ତି ମେଘ ସାଥିରେ
ବସିବା ପାଇଁ ମିତ

ସାରୁ ଗଛର ପତର ତଳେ
ବେଙ୍ଗ ମାରଇ ରଡ଼ି,
ଫାପୁଲା ଧଣ୍ଡ ସାପକୁ ଦେଖି
ଧାଏଁଟି ଉଠିପଡ଼ି

ସଂଜ ଆସିଲେ ଗାଆଁ ମୁଲକ
ନୀରବେ ମାରେ ହାଇ,
ଜଗୁଆ ଅଜା ଡିବିରି ଜାଳି
ରହିଥାଏଟି ଚାହିଁ

ବରଷା ରାତି ଥରାଏ ଛାତି
ସଭିଙ୍କୁ ଲାଗେ ଡର,
ବରଷା ମାଡ଼େ ଭାଙ୍ଗିଯିବଟି
କାଳେ ଛପର ଘର ।

*ବିଭାଗ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ, ବଡବିଲ ମହାବିଦ୍ୟାଳୟ, କେନ୍ଦୁଝର*
*ମୋ- ୮୨୪୯୧୩୭୦୯୧*



# ରାକ୍ଷୀ ପୁନେଇଁ

*ଜୟନ୍ତ କୁମାର ମଲ୍ଲିକ*

ଭାଇ ଭଉଣୀର ପବିତ୍ର ସମ୍ପର୍କ
ଅତୁଟ ରଖିବା ପାଇଁ
ଶ୍ରାବଣରେ ଭିଜି ରାକ୍ଷୀ ପୁନେଇଁଟା
ଧରାକୁ ଆସଇ ଧାଇଁ,
ତାର ଆଗମନେ ମନ ଉପବନେ
ଫୁଟି ବାସେ ଖୁସି ଫୁଲ
ବାନ୍ଧି ହାତେ ରାକ୍ଷୀ ଭାଇଠୁଁ ଭଉଣୀ
ମାଗେ ମମତାର ମୂଲ,
ପ୍ରତି ଘରେ ଘରେ ଭାସେ ଖିରୀ ପୁରି
ହୋଇଥାଏ ବିରିପିଠା –
ଦୀପରେ ବନ୍ଦେଇ ଭାଇକୁ ଭଉଣୀ
ଖୋଇ ଦେଇଥାଏ ମିଠା,
ଅଧା ମିଠା ଖାଇ ଅଧା ଖୋଇ ଦିଏ
ଭଉଣୀ ପାଟିରେ ଭାଇ –
ଦୁହିଁଙ୍କ ହସରେ ପୁରି ଉଠେ ଘର
ମହାଭାବ ଯାଏ ଛାଇ,
ସବୁ ପୁନେଇଁଠୁଁ ଅଟଇ ନିଆରା
ଏ ରାକ୍ଷୀ ପୁନେଇଁ ଜାଣ
କୁହଇ ଭଉଣୀ-ଭୁଲିବୁନି ଭାଇ,
ରହିଲା ତତେ ମୋ ରାଣ ।

*ଶୁରଡିହ, ନନ୍ଦିପୁର,*
*ଦଶରଥପୁର, ଯାଜପୁର*
*ମୋ- ୯୪୩୭୮୬୫୭୨୭*

# ରାକ୍ଷୀ

*ପ୍ରଦ୍ୟୁମ୍ନ ପଟ୍ଟନାୟକ*

ବାନ୍ଧି ଦେବି ହାତେ ତୋର ଭାଇ ମୋର ରାକ୍ଷୀ ଟିଏ
ତୁ ପରା ମୋ ସହୋଦର ଇଏ ତାର ସାକ୍ଷୀ ଟିଏ

ଲଗାଇବି ମଥାରେ ତୋ ଚନ୍ଦନର ଚିତା ଟିଏ
ଖୁଆଇବି ପାଟିରେ ତୋ ଲଡୁ ପେଡା ମିଠା ଟିଏ

ମମତାରେ ବନ୍ଧା ଆମେ ଭଉଣୀ ଓ ଭାଇ ଦୁହେଁ
ଶରଧାର ନଦୀ ପରା ଆମ ଘରେ ସଦା ବହେ

କେବେ ପର କରିବୁନି ଭାଇ ମୁଁ ଯେ ନିରିମାଖି
ତୋ କୁଶଳ ପାଞ୍ଚୁଥିବି ରାକ୍ଷୀ ହେବ ତୋର ରକ୍ଷୀ

ଲାଗିବନି ଆଉ କାର କୁ ନଜର ପାପ ଆଖି
ଥିଲେ ଦୂରେ ମନ ମୋର ତୋ ପାଖରେ ରହେ ଲାଖି

ଗଲେ କାହିଁ ଫେରିବାର ବାଟ ତୋର ଚାହିଁ ରହେ
ଭଉଣୀର ହିତାକାଂକ୍ଷୀ ଭାଇ ପରି ହେବ କିଏ ।

*ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର,*
*ଜୟଦୁର୍ଗା ନଗର, ଭୁବନେଶ୍ୱର- ୭୫୧୦୦୬*
*ମୋ- ୯୯୬୮୨୮୦୮୯୬*

# ଠୁକି

*ସୁରେଶ କୁମାର ଜେନା*



ମନର ଭାଷାକୁ କହିବା ପାଇଁକି
ଶବଦକୋଷକୁ ଛାଡି ଦେ
ଓଠରେ ବି ଭାଷା ପାଉନାହୁଁ ଯଦି
ଠୁକି ଲଗାଇକି କହି ଦେ

ଖରା ଠୁକିଦେଲା ଗଛା ମରିଗଲା
ଭଲ କରି ଟିକେ ପାଣି ଦେ
ଯେତିକି ବି ଅଛି ଢେଏର ଫଳିବ
କଡା ସାର ଟିକେ ଠୁକି ଦେ

ବରଷା ଠୁକି ଲା ଅମଳ ଦିନରେ
ଠେକି ରେ ଧାନକୁ ବୋହି ଦେ

ମଳା ଦଳା କରି ବରଷକ ପାଇଁ
ଭାଡ଼ିରେ ଜତନେ ଠୁକି ଦେ

ଅମାନିଆଁ ପୁଅ ଦୋଳି ଉଡଉଛି
ଆଣ୍ଠ କରି ଖୁଣ୍ଟ ପୋତି ଦେ
ପଟା ଖୋଲି ଯାଇ ପଡି ଯିବ କାଳେ
ଭଲକି କୀଳା ଟେ ଠୁକି ଦେ

ଏଡିକି ବକଟେ ଆଜିଠୁଁ ଏତିକି
ଛୁଆବେଳୁ ତାକୁ ଜାରି ଦେ
ଏକା ଦିନକରେ ସିଧା ହୋଇଯିବ
ଦିଇ କର୍ଣ୍ଣମୁଳି ଠୁକି ଦେ

କେତେ ଠୁକିବୁ ରେ ସକାଳରୁ ସଂଜ
ଘଣ୍ଟେ ଖଣ୍ଡେ ଫୁରୁସତ ଦେ
ବାହାଘର ଭୋଜି ମାଗଣା ମିଳୁଛି
ତର୍ଣ୍ଣି ଯାକେ ପଛେ ଠୁକି ଦେ

ଆଜି କାଶ କାଲି ଜର ଠୁକି ଦେଲା
ସତ କିବା ମିଛ ଶୁଣି ଦେ
ବାହାନା କରୁଛି ଡାକ୍ତର ଦେଖାଇ
ଇଂଜେକସନ ଦିଇଟା ଠୁକି ଦେ

ନୂଆ ଗାଡିଟାକୁ ଠୁକିଲା ତା ଗାଡି
କେତେ କ୍ଷତି ହେଲା ବୁଝେଇ ଦେ
ଭଲରେ ଭଲରେ ନ ମାନିଲା ଯଦି
ତା ଗାଡିକୁ ତୁ ବି ଠୁକି ଦେ

ପାଚେରୀ ଠୁକିଲା ତୋ ଜାଗା ଉପରେ
ପାଞ୍ଚ ଲୋକ ଡାକି ବୁଝେଇ ଦେ
ଅତିଶତି ହୋଇ ଅବୁଝା ଧଇଲେ
ଥାନାରେ କେଶଟେ ଠୁକି ଦେ

କେତେ ଆପଣାର ଶବଦଟି ସତେ
ସାହିତ୍ୟରେ ତାଲୁ ଧ୍ୟାନ ଦେ
ଓଠରେ ବି ଭାଷା ପାଉନାହୁଁ ଯଦି
ଠୁକି ଲଗାଇକି କହି ଦେ ।

*ମୋ- ୯୧୭୮୦୨୫୩୨୫*

# କାଲି ହେବ ନିର୍ବାଚନ

*ସୁରମା ମିଶ୍ର*



ଚହଳ ପଡ଼ିଛି ବଣ ମୁଲକରେ
କାଲି ହେବ ନିର୍ବାଚନ
ଆମ ରଜା ଏବେ ବୁଢ଼ା ହୋଇଲେଣି
ଢିଲା ହେଲାଣି ଶାସନ

ମନଇଚ୍ଛା ସବୁ ପଶୁପକ୍ଷୀ ମାନେ
ଏଣେତେଣେ ବୁଲୁଛନ୍ତି
ଡରଭୟ ଆଉ କାହାକୁ ନାହିଁରେ
ଯାହା ଇଚ୍ଛା ତା କରନ୍ତି

ଭାର ବିଶୃଙ୍ଖଳା ହେଉଛ ବଣରେ
କେହି କାହାକୁ ନ ମାନି
ବଣ ମୁଲକଟା ହୁଲସ୍ଥୁଲ କରି
କରୁଛନ୍ତି ମନମାନୀ

ବୁଢ଼ା ବିଲୁଆଟା ମୁରବୀ ମାନଙ୍କୁ
ଡାକି କହିଲା ବୁଝାଇ
କେତେଦିନ ଆଉ ଏପରି ଚାଲିବ
କିଛି ଗୋଟେ କର ଭାଇ

ଭାବିଛି ମୁଁ ଆମେ ନିର୍ବାଚନ କରି
ବାଛିବା ଜଣେ ମୁଖିଆ
ନୋହିଲେ ବଣଟା ଛାରଖାର ହେବ
ହେବେ ସବୁ ଅମାନିଆଁ

ବିଲୁଆ କଥାଟା ମନକୁ ପାଇଲା
ଖୁସି ହୋଇଗଲା ମନ
କହିଲେ ସଭିଏଁ ଡେରି କରିବାନି
କାଲି ହେବ ନିର୍ବାଚନ

ଏ କଥାଟା ସବୁ ପଶୁପକ୍ଷୀଙ୍କିରେ
ସଅଳ ଦିଅ ଜଣାଇ
ଯିଏ ଯେଉଁଠାରେ ଅଛନ୍ତି ଆସିବେ
ମତଦାନ ଦେବା ପାଇଁ

ଖାଇବା ପିଇବା ବନ୍ଦୋବସ୍ତ କର
ଭୋକିଲା ଯିବେନି କେହି
ପେଟପୁରା ଆଉ ମନଭରି କରି
ସଭିଏଁ ଯିବରେ ଖାଇ ।

*ବିଏଲ-୩୯, ଭିଏସଏସ ନଗର,*
*ଭୁବନେଶ୍ୱର*
*ମୋ- ୯୮୫୩୩୪୩୯୬୫*

# ଲୁସିର ଖୁସି

*ପ୍ରଫୁଲ୍ଲ କୁମାର ସାହୁ*



ଆକାଶୁ ଖସି ତଳକୁ ଆସି,
ଝିପି ଝିପି ମେଘ ଯାଏ ବରଷି । ୧
ଦୁଆରେ ବସି ଆମରି ଲୁସି,
ବରଷାକୁ ଦେଖି ହେଉଛି ଖୁସି । ୨
ଚାଳରୁ ଗଡ଼ି ମାଟିରେ ପଡ଼ି,
ପାଣି ସୁଅ ଯାଏ ଆଗକୁ ମାଡ଼ି । ୩
କାଗଜ ଚିରି ହାତରେ ଧରି,
ଲୁସି ଦେଲା ଡଙ୍ଗା ତିଆରି କରି । ୪
ବରଷା ପାଣି ନେଉଛି ଟାଣି,
ଡଙ୍ଗା ଭାସିଯାଏ ଦେଖାଇ ଠାଣି । ୫
ଡଙ୍ଗାକୁ ଦେଖି ଲୁସିର ଆଖି,
ଖୁସିରେ ଯାଇଛି ସେଥିରେ ଲାଖି । ୬
ଆମରି ଲୁସି ଅଳପ ହସି,
ଦେଉଛି ବିଦାୟ ଯାଆ ତୁ ଭାସି । ୭

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବାଲିପଡ଼ା, ମାହାଙ୍ଗା, କଟକ- ୭୫୪୨୦୭*
*ମୋ- ୭୬୦୯୦୪୪୩୮୩*

# ବର୍ଷା ଭାରି ଅମାନିଆ

*ନିରଞ୍ଜନ ସାହୁ*

ମେଘ ବରଷିଲା ଟପରଟପର
ବେଙ୍ଗୁଲି ଡେଇଁଲା ଖପରଖପର
ଜଳଚର ସୁଖୀ ହୋଇଲେ
ଚାଷୀ ବିଲବାଡ଼ି କରେ ବେଉଷଣ
କେଉଁଠି ବି ଧାନ ରୋଇଲେ

ଦାଣ୍ଡଘାଟ ସବୁ ପଚରପଚର
କୁକୁର ବିଲେଇ ନସରପସର
ଦିନ ଦିଶେ ରାତି ପରିକା
ଗାଈଆଳ ଭାଇ ଗୋଠ ନେଇଯାଏ
ଗାଈ ଚାଲେ ଚରିଚରିକା

ମଣ୍ଡୁକେ ରାବିଲେ କଟରକଟର
ଚାଷୀ କାଦୁଅରେ ନଟରପଟର
ଛତୁ ଛତ୍ର ପ୍ରାୟ ଦିଶିଲା
ଆକାଶରେ ଇନ୍ଦ୍ରଧନୁ ଦେଖାଗଲା
ଆଖି ତା ସାଥିରେ ମିଶିଲା

ଚଡଚଡି ମାରେ ଚଡରଚଡର
ଖାଲଢିପେ ଗାଡି ଧଡ଼ରଧଡ଼ର
ଜଳସ୍ଥଳେ ଫୁଲ ଫୁଟିଲେ
ବରଷାକାଳୀନ ପର୍ବପର୍ବାଣୀରେ
ଜେଜେ ମାଆ ଚୁନା କୁଟିଲେ

ବିଲେଇ ହେଉଛି ଘୁଡୁରୁଘୁଡୁରୁ
ପାମ୍ପଡ ଖାଇବା କୁଡୁରୁମୁଡୁରୁ
ବରା, ପକୁଡ଼ିର ଆଦର
ଆଷାଢ଼, ଶ୍ରାବଣ ମାସ ସରିଗଲେ
ଆସିଯିବ ମାସ ଭାଦର ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଭିନେଶଙ୍କ ଡିସକ୍ୱାଲିଫାଏଡ୍‌କୁ ନେଇ ବଡ଼ କଥା କହିଲେ ବିଶ୍ୱ ରେସଲିଂ ମୁଖ୍ୟ



**ପ୍ୟାରିସ୍**

ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ(ୟୁଡବ୍ଲୁଡବ୍ଲୁ)ମୁଖ୍ୟ ନେନାଡ ଲାଲୋଭିକ ଭାରତୀୟ କୁସ୍ତି ଯୋଦ୍ଧା ଭିନେଶ ଫୋଗାଟଙ୍କୁ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷଣା କରାଯିବା ଘଟଣା ଉପରେ ବଡ଼ ପ୍ରତିକ୍ରିୟା ରଖିଛନ୍ତି। ସେ ଏପରି ଦୁର୍ଭାଗ୍ୟଜନକ ଘଟଣା ଉପରେ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ନିୟମର ଅର୍ଥ ନିୟମ ଓ ଏହା ସମସ୍ତଙ୍କ ପାଇଁ ସମାନ ବୋଲି ମତ ରଖିଛନ୍ତି।

ପ୍ୟାରିସ୍ ଅଲିମ୍ପିକ୍ସର ମହିଳା ୫୦ କେଜି ବର୍ଗ କୁସ୍ତିର ଫାଇନାଲ ବାଉଟ୍ ଲଢ଼ିବା ପାଇଁ ଭିନେଶ ଯୋଗ୍ୟତା ଅର୍ଜନ କରିଥିଲେ। ଆମେରିକାର ସାରା ହିଲଡେବ୍ରାଡାଙ୍କ ସହ ତାଙ୍କର ଲଢ଼େଇ ହେବାର ଥିଲା କିନ୍ତୁ ଲଢ଼େଇର କିଛି ଘଣ୍ଟା ପୂର୍ବରୁ ୧୦୦ ଗ୍ରାମ ଅଧିକ ଓଜନ ପାଇଁ ଭିନେଶଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଭିନେଶଙ୍କ ଅଲିମ୍ପିକ୍ସ ଯାତ୍ରା ବିନା ପଦକରେ ଶେଷ ହୋଇଛି।

ଏହି ଖବର ସାମ୍ନାକୁ ଆସିବା ପରେ ରେସଲିଂ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଜଡ଼ିତ ଲୋକମାନେ ଭିନେଶଙ୍କୁ ସାନ୍ତ୍ୱନା ଦେବାରେ ଲାଗି ପଡ଼ିଛନ୍ତି। କାରଣ ଭିନେଶ ଭାରତର ପ୍ରଥମ ମହିଳା ରେସଲର ଭାବେ ଫାଇନାଲକୁ ପ୍ରବେଶ କରିଥିଲେ। ଏସବୁ ଭିତରେ ବିଶ୍ୱ କୁସ୍ତିର ମୁଖ୍ୟ ଲାଲୋଭିକ୍ ନିଜର ମତ ରଖିଛନ୍ତି।

ସେ କହିଛନ୍ତି, ଆମକୁ ନିୟମକୁ ସମ୍ମାନ ଦେବାକୁ ପଡ଼ିବ। ଭିନେଶଙ୍କ ସହ ଯାହା ହେଲା, ସେଥିପାଇଁ ଦୁଃଖିତ। ସେ ବହୁତ କମ୍ ମାତ୍ରାରେ ଓଭର ୱେଟ୍ ଘୋଷିତ ହୋଇଛନ୍ତି। କିନ୍ତୁ ନିୟମ ହେଉଛି ନିୟମ ଓ ସବୁ କିଛି ପବ୍ଲିକ ଡୋମେନରେ ରହିଛି ସମସ୍ତ ଆଥଲେଟ୍ସ ସେଠାରେ ଥିଲେ।

ଧାର୍ଯ୍ୟ ଓଜନ ସୀମାକୁ ପୂରଣ କରୁ ନଥିବା ଜଣେ ଆଥଲେଟ୍‌ଙ୍କୁ ଲଢ଼େଇ କରିବାକୁ ଅନୁମତି ଦେବା ଅସମ୍ଭବ। କାରଣ ବ୍ରାକେଟ ପରିବର୍ତ୍ତନ ହେଉଛି ସବୁ କିଛି ବଦଳୁଛି ତଥାପି ନିୟମ ଗୋଟିଏ ପରବର୍ତ୍ତୀ ଦିନରେ ଆବେଦନର ବିକଳ୍ପ ରହିଛି। କିନ୍ତୁ କିଛି ବଦଳିବା ଭଳି ଲାଗୁନି। ପ୍ରତିଯୋଗିତା ଚାଲିବ ନିଷ୍ପତ୍ତି ବଦଳିବା ଭଳି ଲାଗୁ ନାହିଁ। ଭିନେଶଙ୍କ ଡିକ୍ୱାଲିଫାଏଡ୍ ବିରୋଧରେ ଭାରତୀୟ ଅଲିମ୍ପିକ୍ସ ଆସୋସିଏସନ ଆବେଦନ କରିଛି। ଏହାକୁ ବିଚାରକୁ ନିଆଯାଇଛି। ହେଲେ ନିଷ୍ପତ୍ତି ବଦଳିବାର ସମ୍ଭାବନା ନଥିବା କୁହାଯାଉଛି।

# ମଉଳିଲା ଫାଇନାଲ ଆଶା : ଭିନେଶ ଡିସ୍‌କ୍ୱାଲିଫାଏଡ୍

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ଲାଗିଲା ବଡ଼ ଝଟ୍‌କା। ମଉଳିଲା ଗୋଲ୍ଡ ମେଡାଲ ଆଶା। ଫାଇନାଲ୍ ଫାଇଟ୍ ପୂର୍ବରୁ ଡିସ୍‌କ୍ୱାଲିଫାଏଡ୍ ଘୋଷିତ ହେଲେ ଭାରତୀୟ ରେସଲର ଭିନେଶ ଫୋଗାଟ୍। ଧାର୍ଯ୍ୟଠାରୁ ଅଧିକ ଓଜନ ପାଇଁ ତାଙ୍କୁ ଡିସ୍‌କ୍ୱାଲିଫାଏଡ୍ ଘୋଷଣା କରାଯାଇଛି। ୫୦ କେଜିଠାରୁ ଭିନେଶ ମାତ୍ର କିଛି ଗ୍ରାମ୍ ଅଧିକ ଓଜନର ଥିବା ସୂଚନା ମିଳିଛି।



ରିପୋର୍ଟ ଅନୁସାରେ ଭିନେଶଙ୍କ ଓଜନ ଧାର୍ଯ୍ୟ ସୀମାଠାରୁ ମାତ୍ର ୧୦୦ ଗ୍ରାମ ଅଛି। ଏଥିପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ମଙ୍ଗଳବାର ୫୦ କେଜି ଫ୍ରି-ଷ୍ଟାଇଲ ଫାଇନାଲରେ ପହଞ୍ଚିଥିଲେ ଭିନେଶ। ସେମିଫାଇନାଲରେ କ୍ୟୁବା ପ୍ରତିଯୋଗୀଙ୍କୁ ଭିନେଶ ୫-୦ ପଏଣ୍ଟରେ ହରାଇଥିଲେ। ମ୍ୟାଚ୍ ଆରମ୍ଭରୁ ଶେଷ ଯାଏଁ ବିପକ୍ଷ ପ୍ରତିଯୋଗୀଙ୍କୁ ଚାପରେ ରଖିଥିଲେ। ଭିନେଶ ଆଟାକିଂ ଜାରି ରଖିଥିଲେ। ଫାଷ୍ଟ ହାଫରେ ୧-୦ରେ ଆଗୁଆ ଥିବା ଭିନେଶ ସେକେଣ୍ଡ ହାଫ୍‌ରେ ଆଉ ୪ ପଏଣ୍ଟ ପାଇ ୫-୦ରେ ଜିତିଥିଲେ।

ଫାଇନାଲ୍‌ରେ ଆମେରିକାର ରେସଲରଙ୍କ ବିପକ୍ଷରେ ସ୍ୱର୍ଣ୍ଣ ପଦକ ପାଇଁ ଭିନେଟ୍ ମ୍ୟାଚ୍ ଖେଳିଥାନ୍ତେ। କିନ୍ତୁ ବର୍ତ୍ତମାନ ସେ ଏହି ମ୍ୟାଚ୍‌ରୁ ଡିସ୍‌କ୍ୱାଲିଫାଏଡ୍ ହୋଇଯାଇଛନ୍ତି। ଏପରିକି ତାଙ୍କୁ ରୌପ୍ୟ ପଦକ ମଧ୍ୟ ମିଳିବ ନାହିଁ।

# ଭିନେଶଙ୍କ ପାଇଁ ସବୁ ବିକଳ୍ପ ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିବାର ଅତି ନିକଟରେ ପହଞ୍ଚିଥିବା ଭିନେଶ ଫୋଗାଟଙ୍କୁ ବୁଧବାର ଏକ ଅପ୍ରାତ୍ୟାଶିତ ଘଟଣାକ୍ରମରେ ଡିସକ୍ୱାଲିଫାଏଡ କରି ଦିଆଯାଇଛି। ଫାଇନାଲ ମ୍ୟାଚ୍ ଆରମ୍ଭର କେଇ ଘଣ୍ଟା ପୂର୍ବରୁ ଭିନେଶ ଅଯୋଗ୍ୟ ବିବେଚିତ ହୋଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ଅଲିମ୍ପିକ୍ସ ଆସୋସିଏସନକୁ ଡିସକ୍ୱାଲିଫାଏଡ ନିଷ୍ପତ୍ତି ବିରୋଧରେ ଆବେଦନ କରିବାକୁ ସବୁ ପ୍ରକାରର ବିକଳ୍ପ ବ୍ୟବହାର କରିବାକୁ କହିଛନ୍ତି। ମୋଦିଙ୍କ ନିର୍ଦ୍ଦେଶ ପରେ ଆସୋସିଏସନ ମଧ୍ୟ ଡିକ୍ୱାଲିଫାଏଡ୍ ବିରୋଧରେ ଆବେଦନ କରିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ଆଇଓଏ ଆଗରେ ସମାନ ଦାବି ରଖିଛନ୍ତି।

ଅଲିମ୍ପିକ୍ସରୁ ଭିନେଶଙ୍କୁ ଡିସକ୍ୱାଲିଫାଏଡ କରାଯିବା ନିଷ୍ପତ୍ତିକୁ ଆଇଓଏ ଦୃଢ଼ ଭାବେ ଚ୍ୟାଲେଞ୍ଜ କରୁ। ଦେଶର ଝିଅଙ୍କୁ ନ୍ୟାୟ ମିଳୁ। ଡିସ୍‌କ୍ୱାଲିଫାଏଡ୍ କରାଯିବା ଦୁର୍ଭାଗ୍ୟଜନକ ଘଟଣା। କିନ୍ତୁ ଭିନେଶ ଫୋଗାଟ ଶକ୍ତିଶାଳୀ ଢଙ୍ଗରେ କମ୍‌ବ୍ୟାକ୍ କରିବେ ବୋଲି ରାହୁଲ ଆଶା ରଖିଛନ୍ତି।

ଡିସ୍‌କ୍ୱାଲିଫାଏଡ୍ ବିରୋଧରେ ଆବେଦନ କରାଯାଇଥିଲେ ହେଁ ଅଧିକ ଓଜନ କ୍ଷେତ୍ରରେ ବୁଝାମଣାର ସୁଯୋଗ ବହୁତ କମ୍। ଥରେ ଜଣେ



ଆଥଲେଟ୍ ଧାର୍ଯ୍ୟ ସୀମା ରେଖାକୁ ପାର କରିଗଲେ, ତାଙ୍କୁ ପୁନଃ ସୁଯୋଗ ମିଳିବାର ସମ୍ଭାବନା ନାହିଁ କହିଲେ ଚଳେ।

ଭିନେଶ ଅଯୋଗ୍ୟ ବିବେଚିତ ହେବା ପରେ ମୋଦି ତାଙ୍କ ସମର୍ଥନରେ ମତ ରଖିଥିଲେ। ଭିନେଶଙ୍କୁ ସେ ଚାମ୍ପିୟନମାନଙ୍କ ମଧ୍ୟରେ ଚାମ୍ପିୟନର ଆଖ୍ୟା ଦେଇଛନ୍ତି। ଏହାପରେ ସେ ଆଇଓଏ ସଭାପତି ପିଟି ଉଷାଙ୍କ ସହ ବ୍ୟକ୍ତିଗତ ଭାବେ କଥା ହୋଇ ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି।

ଭିନେଶଙ୍କୁ ସବୁ ପ୍ରକାରର ସମର୍ଥନ ଯୋଗାଇ ଦେବାକୁ ମୋଦି କହିବା ସହ ଦରକାର ପଡ଼ିଲେ ଡିସ୍‌କ୍ୱାଲିଫାଏଡ୍ ବିରୋଧରେ କଡ଼ା ବିରୋଧ ପ୍ରଦର୍ଶନ କରିବାକୁ ମଧ୍ୟ ସେ ପିଟି ଉଷାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏବେ ଆଇଓଏ ଡିସ୍‌କ୍ୱାଲିଫାଏଡ୍ ବିରୋଧରେ ଆବେଦନ କରିଥିବା ବେଳେ ଏହା ବିଚାରାଧୀନ ରହିଥିବା ଜଣାପଡ଼ିଛି। କିନ୍ତୁ ଏହା ଖାରଜ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି।

# ପ୍ୟାରିସ୍ ଅଲିମ୍ପିକ୍ସରେ ନିରାଶ କଲା ଭାରତୀୟ ହକି ଟିମ୍




**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ ନିରାଶ କଲା ଭାରତ। ହକିରେ ଜର୍ମାନୀ ସହ ସେମିଫାଇନାଲ ଖେଳିଥିବା ଭାରତର ସ୍ୱର୍ଣ୍ଣ ପଦକ ଆଶା ମଉଳିଯାଇଛି। ପରାଜୟର ସାମ୍ନା କରିଛି ଭାରତୀୟ ହକି ଟିମ୍। ଜର୍ମାନୀ ୩-୨ରେ ଭାରତକୁ ହରାଇ ଫାଇନାଲକୁ ଯାଇଛି। ସ୍ୱର୍ଣ୍ଣ ପଦକ ପାଇଁ ନେଦରଲାଣ୍ଡସ ସହ ଜର୍ମାନୀ ଖେଳିବ। ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲ ହାରିଥିବା ଭାରତ ଗୁରୁବାର ବ୍ରୋଞ୍ଜ ପଦକ ପାଇଁ ସ୍ପେନ ସହ ମୈଦାନକୁ ଓହ୍ଲାଇବ। ସ୍ୱର୍ଣ୍ଣ, ରୌପ୍ୟ ପଦରୁ ବଞ୍ଚିତ ଥିବା ଭାରତ ଗୁରୁବାର ମ୍ୟାଚ ଜିଣି ବ୍ରୋଞ୍ଜ ପଦକ ନିଜ ନାଁରେ କରିବ ବୋଲି ହକି ପ୍ରେମୀ ଆଶା ରଖିଛନ୍ତି। ମଙ୍ଗଳବାର ମ୍ୟାଚ୍‌ରେ ପ୍ରଥମ କ୍ୱାର୍ଟରରୁ ହିଁ ଭାରତ ନିଜ ଆକ୍ରମଣାତ୍ମକ ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲା। ଫଳରେ ହର୍ମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଦଳ ପ୍ରଥମେ ପେନାଲ୍ଟି କର୍ଣ୍ଣର ଅର୍ଜନ ଧାରାରେ ରହିଥିଲା। ଦ୍ୱିତୀୟ ମିନିଟ୍‌ରେ ଭାରତ ପାଇଁ ପ୍ରଥମ ପେନାଲ୍ଟି କର୍ଣ୍ଣର ଅର୍ଜନ କରିଥିଲେ ହାର୍ଦ୍ଦିକ ସିଂହ। ସପ୍ତମ ମିନିଟ୍‌ରେ ହର୍ମନପ୍ରୀତ ସିଂହଙ୍କ ସୁନ୍ଦର ଡ୍ରାଗ ଫ୍ଲିକ୍ ଭାରତକୁ ପ୍ରଥମ ଗୋଲ ଦେଇଥିଲା। ପ୍ରଥମ କ୍ୱାର୍ଟରକୁ ଭାରତ ୧-୦ରେ ଶେଷ କରିଥିଲେ ମଧ୍ୟ ୧୮ତମ ମିନିଟ୍‌ରେ ଗଞ୍ଜାଲୋ ପିଲାଟ୍‌ଙ୍କ ଶକ୍ତିଶାଳୀ ସଟ୍ ପିଆର ଶ୍ରୀଜେଶ ଓ ହର୍ମନପ୍ରୀତ ସିଂହଙ୍କ ମଝିରେ ଚାଲିଯିବାରୁ ମ୍ୟାଚ୍ ବରାବର ସ୍ତରକୁ ଚାଲି ଆସିଥିଲା। ଶେଷ ମୁହୂର୍ତ୍ତରେ କିନ୍ତୁ ମାର୍କୋ ମିଲଟାକୁଙ୍କ ଗୋଲ ଭାରତକୁ ଫାଇନାଲ ଯିବାର ବାଟ ଓଗାଳିଥିଲା।

# ଭିନେଶଙ୍କ ପାଇଁ ଭାବୁକ ପୋଷ୍ଟ କଲେ ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସର ଫାଇନାଲ ମ୍ୟାଚ୍‌ରୁ ବିନେଶ ଫୋଗଟଙ୍କୁ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଏହାକୁ ନେଇ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ଏକ୍ସରେ ଭାବୁକ ପୋଷ୍ଟ କରିଛନ୍ତି। ସେ କହିଛନ୍ତି, ପୂରା ଦେଶ ଭିନେଶଙ୍କ ପାଇଁ ଛିଡ଼ା ହୋଇଛି।



ରାହୁଲ ଗାନ୍ଧୀ ସୋସିଆଲ ମିଡିଆରେ ଲେଖିଛନ୍ତି, ଦୁର୍ଭାଗ୍ୟଜନକ ଯେ, ବିଶ୍ୱ ଚାମ୍ପିୟନ କୁସ୍ତିଯୋଦ୍ଧାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ଭାରତର ଗର୍ବ ଭିନେଶ ଫୋଗଟଙ୍କୁ ବୈଷୟିକ କାରଣରୁ ଅଯୋଗ୍ୟ କରାଯାଇଛି। ଆମର ସମ୍ପୂର୍ଣ୍ଣ ଆଶା ଅଛି ଯେ, ଭାରତୀୟ ଅଲିମ୍ପିକ ଆସୋସିଏସନ ଏହି ନିଷ୍ପତ୍ତିକୁ ଦୃଢ଼ ଭାବରେ ଚ୍ୟାଲେଞ୍ଜ କରିବ ଏବଂ ଦେଶର ଝିଅକୁ ନ୍ୟାୟ ପ୍ରଦାନ କରିବ। ଭିନେଶ କେବେ ହାର ମାନିବା ଝିଅ ନୁହେଁ। ଆମେ ନିଶ୍ଚିତ ଯେ ସେ ଆହୁରି ଶକ୍ତିଶାଳୀ ହୋଇ ଫେରିବେ। ତୁମେ ସବୁବେଳେ ଦେଶକୁ ଗର୍ବିତ କରିଛ। ଭିନେଶ ଆଜି ବି ପୂରା ଦେଶ ତୁମ ସହିତ ଛିଡ଼ା ହୋଇଛି।

# ସିରିଜ୍ ହାରିଲା ଟିମ୍ ଇଣ୍ଡିଆ : ଶେଷ ମ୍ୟାଚ୍ ୧୧୦ ରନ୍‌ରେ ଜିତିଲା ଶ୍ରୀଲଙ୍କା

**କଲମ୍ବୋ**

କଲମ୍ବୋସ୍ଥିତ ଆର ପ୍ରେମାଦାସା ଷ୍ଟାଡିୟମରେ ଆୟୋଜକ ଶ୍ରୀଲଙ୍କା ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍‌ର ଶେଷ ତଥା ଅନ୍ତିମ ମ୍ୟାଚ୍‌ରେ ପରାଜୟ ସହିତ ଟିମ୍ ଇଣ୍ଡିଆ ଏକଦିବସୀୟ ହାରିଛି। ଶ୍ରୀଲଙ୍କା ଦୁଇଟି ମ୍ୟାଚ୍ ଜିତି ସିରିଜ୍‌କୁ ୨-୦ରେ ଜିତି ନେଇଛି। ୩ ଟିକିଆ ସିରିଜ ମଧ୍ୟରେ ଶ୍ରୀଲଙ୍କା ୨ଟି ଜିତିଥିବାବେଳେ ଗୋଟିଏ ମ୍ୟାଚ୍ ଡ୍ର' ରହିଥିଲା।



ଧାର୍ଯ୍ୟ ୨୪୯ ରନ୍‌ର ପିଛା କରି ଟିମ୍ ଇଣ୍ଡିଆ ୨୬.୧ ଓଭରରେ ୧୦ ୱିକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା। ରୋହିତ ଶର୍ମା ୩୫ ରନ କରିଥିବାବେଳେ ବିରାଟ କୋହଲି ୨୦ ରନ କରିଥିଲେ। ସେହିପରି ରିୟାନ ପରାଗ ୧୫ ଏବଂ ୱାଶିଂଟନ ସୁନ୍ଦର ୩୦ ରନ କରିଥିଲେ। ଅନ୍ୟ ୭ ଜଣ ବ୍ୟାଟ୍ସମ୍ୟାନ ଏକ ଅଙ୍କରେ ରହିଥିଲେ।

ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୪୮ ରନ ସଂଗ୍ରହ କରିଥିଲା। ଗତ ଦୁଇଟି ମ୍ୟାଚ୍ ତୁଳନାରେ ଏଥର ଶ୍ରୀଲଙ୍କା ଓପନରମାନେ ନିଜ ଦଳର ଭଲ ଆରମ୍ଭ କରିଥିଲେ ଏବଂ ପ୍ରଥମ ୱିକେଟ ପାଇଁ ୮୯ ରନ ଯୋଡିଥିଲେ। କିନ୍ତୁ ପ୍ରଥମ ନିସଙ୍କା ୪୫ ରନ କରି ଅର୍ଦ୍ଧ ଶତକରୁ ବଞ୍ଚିତ ହୋଇଥିବାବେଳେ ଅଭିସ୍କା ଫର୍ନାଣ୍ଡୋ ୯୬ କରି ଶତକରୁ ବଞ୍ଚିତ ହୋଇଥିଲେ।

ସେ ପାଭିଲୟନକୁ ଫେରିବା ପରେ କୁସାଲ ମେଣ୍ଡିସ ୫୯ ରନ କରିଥିଲେ। ସେ ଗୋଟିଏ ପଟେ ରହିଥିବାବେଳେ ୱିକେଟରେ ପତନ ଜାରି ରହିଥିଲା। କାମିଣ୍ଡୁ ମେଣ୍ଡିସ ୨୩ ରନ କରିଥିଲେ। ଶ୍ରୀଲଙ୍କା ୭ ୱିକେଟ ହରାଇ ୨୪୮ ରନ କରିଥିଲା।

# ଅନ୍ୟତମ ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ

# ଓଡ଼ିଶାକୁ ଲମ୍ବିଛି 'ନିଟ୍' ପେପର୍ ଲିକ୍ ଚେର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ମେଡ଼ିକାଲ ପ୍ରବେଶିକା ପରୀକ୍ଷା (ନିଟ୍ ୟୁଜି) ପେପର ଲିକ୍ର ଚେର ଓଡ଼ିଶାକୁ ବି ଲମ୍ବିଛି। ସାରା ଦେଶରୁ ୪୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରିଥିବାବେଳେ ସମଗ୍ର ଘଟଣାକ୍ରମର ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ କୁମାର ସାମନ୍ତକୁ ସିବିଆଇ ଭୁବନେଶ୍ୱରରୁ ଗିରଫ କରିଛି। ସୁଶାନ୍ତ ଗିରଫ ପରେ ଏହି ମାମଲାରେ ଓଡ଼ିଶାରୁ ଗିରଫ ସଂଖ୍ୟା ୫ରେ ପହଞ୍ଚିଛି ଏବଂ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ସିବିଆଇ ସୂତ୍ରରୁ ସୂଚନା ମିଳିଛି। ଦୁଇଦିନ ତଳେ ଅତ୍ୟନ୍ତ ଗୋପନରେ ସିବିଆଇ ସୁଶାନ୍ତଙ୍କୁ ଗିରଫ କରି ପାଟନା କୋର୍ଟରେ ହାଜର କରିଛି। ନିଟ୍ ପ୍ରବେଶିକା ପ୍ରଶ୍ନପତ୍ର ଲିକ୍ ଘଟଣାରେ ସୁଶାନ୍ତର ହାତ ଥିବା କୁହାଯାଉଛି। ଏପରିକି କିଛି ଜାତୀୟ ଗଣମାଧ୍ୟମ ସୁଶାନ୍ତକୁ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଭାବରେ ଚିତ୍ରଣ କରିଛନ୍ତି। ତେବେ କାହା ସହଯୋଗରେ କିପରି ଏହି ଘଟଣାରେ ସାମିଲ ହେଲା ଓ ତା' ଦ୍ୱାରା କେଉଁ କେଉଁ ପରୀକ୍ଷାର୍ଥୀ ଉପକୃତ ହୋଇଛନ୍ତି ସେ ସମ୍ପର୍କରେ ଏଯାଏ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପଚାରଉଚରା ପରେ ସୁଶାନ୍ତଠାରୁ ଅନେକ ତଥ୍ୟ ମିଳିବ ବୋଲି କୁହାଯାଇଛି।

ଅଦାଲତରେ ହାଜର ପରେ ସିବିଆଇ ସୁଶାନ୍ତକୁ ପଚରାଉଚରା ଲାଗି ୧୦ ଦିନିଆ ରିମାଣ୍ଡ ନିମନ୍ତେ ଅନୁରୋଧ କରିଥିଲା; କିନ୍ତୁ କୋର୍ଟ ୫ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ତଦନ୍ତରେ ସିବିଆଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୟୋଗ କରିବା ସହ ଅତ୍ୟାଧୁନିକ ଫୋରେନସିକ୍ ପ୍ରମାଣ କରୁଛି। ନିଟ୍ ପେପର ଲିକ୍ ମାମଲାରେ ସିବିଆଇ ଏ ପର୍ଯ୍ୟନ୍ତ ଓଡ଼ିଶାରୁ ୫ ଜଣକୁ ମିଶାଇ ମୋଟ୍ ୪୨ ଜଣଙ୍କୁ ଗିରଫ କରିଛି। ଗତ ୪ ତାରିଖରେ ସିବିଆଇ ସଲଭର୍ ଗ୍ୟାଙ୍ଗର ଜଣେ ସଦସ୍ୟକୁ ଗିରଫ କରିଥିଲା। ସଲଭର ସନ୍ଦୀପ ରାଜସ୍ଥାନର ଭିଲୱାଡ଼ା ମେଡ଼ିକାଲ କଲେଜରେ ଏମବିବିଏସ କରୁଛି। ସଲଭରକୁ ଗିରଫ ପରେ ପାଟନା କୋର୍ଟରେ ହାଜର କରାଯାଇଥିଲା। ଏହାପରେ ସନ୍ଦୀପକୁ ମଧ୍ୟ ସିବିଆଇ ୫ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ସେପଟେ ଆଉ ଜଣେ ଓଡ଼ିଆ ଯୁବକ ମଧ୍ୟ ସିବିଆଇ ସ୍କାନରରେ ରହିଛି। ପରୀକ୍ଷାରେ ଅନିୟମିତତା ନେଇ ସିବିଆଇ ୬ଟି ବିଭିନ୍ନ ରାଜ୍ୟରେ ମାମଲା ରୁଜୁ କରିଛି। ଉଲ୍ଲେଖଯୋଗ୍ୟ ଯେ, ନିଟ୍ ପରୀକ୍ଷାରେ ହୋଇଥିବା ହେରଫେର ଘଟଣାକୁ ନେଇ ସମଗ୍ର ଦେଶରେ ବ୍ୟାପକ ଚର୍ଚ୍ଚା ଜାରି ରହିଛି।

# 'ଆମେରିକାରେ ମଧ୍ୟ ଏତିକି ସୁବିଧା ନାହିଁ' : ଭାରତୀୟ ଆଥଲେଟ୍‌ଙ୍କ ଉପରେ ବର୍ଷିଲେ ପ୍ରକାଶ ପାଦୁକନ

**ନୂଆଦିଲ୍ଲୀ**

ଭାରତୀୟ ବ୍ୟାଡ୍‌ମିଣ୍ଟନ ତଥା ଅନ୍ୟ ଖେଳାଳିମାନେ ପ୍ୟାରିସ୍ ଅଲମ୍ପିକ୍ସରେ ଏପର୍ଯ୍ୟନ୍ତ କୌଣସି ଖାସ ପ୍ରଦର୍ଶନ କରି ପାରି ନାହାନ୍ତି। ଖେଳାଳିମାନଙ୍କର ଏଭଳି ନୈରାଶ୍ୟ-ଜନକ ପ୍ରଦର୍ଶନ ପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ପ୍ରକାଶ ପାଦୁକୋନ। ଅଲମ୍ପିକ୍ସ ଆରମ୍ଭର ୧୦ ଦିନ ହୋଇ ଯାଇଥିଲେ ମଧ୍ୟ ଭାରତ ଖାତାରେ ମାତ୍ର ୩ଟି ବ୍ରୋଞ୍ଜ ପଦକ ପଡିଛି। ଯାହା କେବଳ ସୁଟିଂରୁ ଆସିଛି।

ଅନ୍ୟତମ ପଦକ ଦାବିଦାର ଲକ୍ଷ୍ୟ ସେନ ମଧ୍ୟ ନିରାଶ କରିଥିଲେ। ବ୍ରୋଞ୍ଜ ମେଡାଲ ମ୍ୟାଚ୍‌ରେ ଲକ୍ଷ୍ୟ ପ୍ରଥମ ସେଟ୍ ଜିତିଥିଲା ବେଳେ ପରବର୍ତ୍ତୀ ଦୁଇ ସେଟ୍‌ରେ ହାରି ପଦକ ଜିତିବାର ସୁଯୋଗ ହରାଇ ଚତୁର୍ଥ ସ୍ଥାନରେ ନିଜର ଅଭିଯାନ ଶେଷ କରିଥିଲେ। ଏହାପରେ ପ୍ରକାଶ ପାଦୁକୋନ ଦେଶର ଖେଳାଳିମାନଙ୍କର ପ୍ରଦର୍ଶନ ଉପରେ ପ୍ରଶ୍ନ ଉଠାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଆମେରିକା ଖେଳାଳିମାନଙ୍କୁ ମଧ୍ୟ ଏତିକି ସୁବିଧା ମିଳୁ ନ ଥିବ ଯେତିକି ଭାରତରେ ମିଳୁଛି।

ଗଣମାଧ୍ୟମ ସହିତ ଆଲୋଚନା କରି ସେ କହିଛନ୍ତି, 'ଏବେ ସମୟ ଆସିଯାଇଛି କି ଖେଳାଳିମାନେ ଉତ୍ତରଦାୟିତ୍ୱ ହୁଅନ୍ତୁ। ବର୍ତ୍ତମାନର ଅଲମ୍ପିକ୍ସ ଏବଂ ପୂର୍ବ ଅଲମ୍ପିକକୁ ଦେଖିଲେ ଆପଣ ସରକାର ଏବଂ ଫେଡ଼େରେସନକୁ ଦୋଷ ଦେଇ ପାରିବେ ନାହିଁ। ଯାହା ସେମାନେ କରି ପାରିବେ ସେମାନେ କରିଛନ୍ତି। ସେମାନେ ସୁବିଧା ପ୍ରଦାନ କରିପାରିବେ କିନ୍ତୁ ଶେଷରେ ଖେଳାଳିମାନଙ୍କୁ ପ୍ରଦର୍ଶନ କରିବାକୁ




ପଡ଼ିବ। ସମାନ ପ୍ରତିଯୋଗୀଙ୍କୁ ସେମାନେ ଅନ୍ୟ ଟୁର୍ଣ୍ଣାମେଣ୍ଟରେ ହରାଇ ଦେଉଛନ୍ତି। କିନ୍ତୁ ଅଲମ୍ପିକ୍ସରେ ଏଭଳି କରି ପାରୁନାହାନ୍ତି। ଖେଳାଳିମାନଙ୍କୁ ଆତ୍ମଚିନ୍ତନ କରିବା ଆବଶ୍ୟକ। ସେମାନଙ୍କୁ ଚିନ୍ତା କରିବାକୁ ହେବ ଯେ ସେମାନେ ପର୍ଯ୍ୟାପ୍ତ ପରିଶ୍ରମ କରୁଛନ୍ତି। ଆପଣ ସେ ଦିଗରେ କାମ କରୁଛନ୍ତି କି?

ସେ ଆହୁରି କହିଛନ୍ତି ସମସ୍ତ ଖେଳାଳିଙ୍କ ପାଖରେ ନିଜର ଫିଜିଓ, କଣ୍ଡିସନିଂ ଟ୍ରେନର, ନ୍ୟୁଟ୍ରିସିଆନ ଅଛନ୍ତି। ଆଉ କ'ଣ କରାଯିବ? ମୋତେ ଲାଗୁ ନାହିଁ କି ଆମେରିକା ସମେତ ଅନ୍ୟ ଦେଶରେ ଏଭଳି ସୁବିଧା ମିଳୁଥିବ। ମୁଁ ଆଶା କରୁଛି କି ଖେଳାଳିମାନେ ଅନୁଭବ କରିବେ ଏବଂ ଉତ୍ତରଦାୟୀ ହେବେ। ସେମାନଙ୍କୁ ପ୍ରଦର୍ଶନ କରି ଫେଡେରେସସନକୁ ଦେଖାଇବାକୁ ପଡ଼ିବ। ତେବେ ଏହା ସହଜ ହେବ ନାହିଁ, କାରଣ ଏଠାରେ ଏନେକ ଷ୍ଟାର ଖେଳାଳି ରହିଛନ୍ତି। ଯଦି ସେମାନଙ୍କୁ କୌଣସି ସୁବିଧା ମିଳୁ ନାହିଁ ତେବେ ତାହା ବଡ଼ ବିଷୟ ହୋଇଯାଉଛି। କିନ୍ତୁ ଖେଳିମାନେ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିବାରେ ମୁଁ ସନ୍ତୁଷ୍ଟ ନୁହେଁ। ଲକ୍ଷ୍ୟ ମେଡାଲ ଜିତି ପାରିଥାନ୍ତା କିନ୍ତୁ ସେ ସୁଯୋଗ ହରାଇଲା।"

ମୀଲଖା ସିଂ ଏବଂ ୮୦ ଦଶକରେ ପିଟି ଉଷା ପରେ ଆମର ଅନେକ ଖେଳାଳି ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି। ମୁଁ ଭାବୁଛି ଯେ ଏହା ସଠିକ୍ ସମୟ ଯେ ଖେଳାଳିମାନେ ମଧ୍ୟ ଦାୟିତ୍ୱର ଗ୍ରହଣ କରନ୍ତୁ। ଏହି ଅଲିମ୍ପିକ୍ସର ଫଳାଫଳ ଏବଂ ପୂର୍ବର ଫଳାଫଳ ପାଇଁ, ଆପଣ ଫଳାଫଳ ପାଇଁ ଫେଡେରେସନ୍ ଏବଂ ସରକାରଙ୍କୁ ଦାୟୀ କରିପାରିବେ ନାହିଁ। ପାଦୁକୋନ୍ ଦର୍ଶାଇଛନ୍ତି ଯେ ଫେଡେରେସନମାନଙ୍କ ପାଇଁ ସେମାନଙ୍କ ପାଇଁ ଅଧିକ କରିବାକୁ ଦାବି କରିବା ପରିବର୍ତ୍ତେ ଏହା ପ୍ରକୃତରେ ଖେଳାଳିଙ୍କ ଉପରେ ଦୃଷ୍ଟି ରଖିବା ଏବଂ ଜିତିବାର ରାସ୍ତା ଖୋଜିବା ଉଚିତ।

# ସେପ୍ଟେମ୍ବରରେ ରାଜ୍ୟସ୍ତରୀୟ ରଗ୍‌ବି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବନାନୀ କଳା ସଙ୍ଗମ ପରିସରରେ ରାଜ୍ୟସ୍ତରୀୟ ରଗ୍‌ବି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ନିମନ୍ତେ କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ଓ କ୍ରୀଡ଼ାପ୍ରେମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କ୍ରୀଡ଼ାବିତତ, ତଥା ଆସର୍ଟ ସମ୍ପାଦକ ମହମ୍ମଦ ଜିଆ ଉଦିନ, ଅବସର ପ୍ରାପ୍ତ କାମାଣ୍ଡାଣ୍ଟ ନବୀନ କିଶୋର ପଣ୍ଡା, କ୍ରୀଡ଼ାବିତ୍ ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ରଗ୍‌ବି ଫୁଟ୍‌ବଲ୍‌ର ପ୍ରଚାର ପ୍ରସାର ପାଇଁ ଆସନ୍ତା ସେପ୍ଟେମ୍ବର ମାସ ଦ୍ୱିତୀୟ ସପ୍ତାହରେ ଫୁଲବାଣୀ ଠାରେ ୧୨ ବର୍ଷରୁ କମ୍ ରାଜ୍ୟସ୍ତରୀୟ ରଗ୍‌ବି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ନିମନ୍ତେ ମତ ରଖିଥିଲେ।



ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇଂ ଅବନୀ କହଁର, ସନ୍ତୋଷ ଡିଗାଲ, ଅଶୋକ ମହାନ୍ତି, ସନାତନ ପ୍ରଧାନ, ରଗ୍‌ବି ଖେଳାଳି ଅର୍ଚ୍ଚିତା ପ୍ରଧାନ, ଶର୍ମିଳା ପ୍ରଧାନ, ଉଥପ ପ୍ରଧାନ ସଂଗୀତଜ୍ଞ ତଥା ସିନେ ଅଭିନେତା ଜଳନ୍ଧର କଂହର, ରଂଜିତ ଡିଗାଲ, ଅମୀୟ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ମତାମତ ଦେବା ସହ ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ଜିଲ୍ଲା ସ୍ତରୀୟ ପରିଚାଳନା କମିଟି ଗଠନ ପାଇଁ ଏକ କମିଟି ଗଠନ କରିବାକୁ ମତ ରଖିଛନ୍ତି। ଜିଲ୍ଲା ଆୟୋଜକ କମିଟିର ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକ, ଉପସଭାପତି ରାଧା ମୋହନ ମହାପାତ୍ର, ସିନେ ଆର୍ଟିଷ୍ଟ ତଥା କ୍ରୀଡ଼ାପ୍ରେମୀ ଜଳନ୍ଧର ବେହେରା, ସାଧାରଣ ସମ୍ପାଦକ ତଥା ଆବାହକ ମହମଦ ଜିଆ ଉଦିନ, ସହ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଅଶୋକ ମହାନ୍ତି ମନୋନୀତ ହୋଇ ଥିବାବେଳେ କୋଷାଧ୍ୟକ୍ଷ ଭାବେ ସମୀର ଘଟକ୍ଷଲ, ସଂଗଠନ ସମ୍ପାଦକ ଭାବେ ରଞ୍ଜିତ ଡିଗାଲ ମନୋନୀତ ହୋଇଛନ୍ତି।

## ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଓ.ପି ଜିନ୍ଦଲଙ୍କ ୯୪ତମ ଜନ୍ମବାର୍ଷିକୀ ପାଳିତ

# ଅନୁଗୁଳରେ ୧୨ ଦିନିଆ ଓ.ପି ଜିନ୍ଦଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ଓ.ପି. ଜିନ୍ଦଲ ଗ୍ରୁପ୍‌ର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲ (ବାଉଜୀ)ଙ୍କ ୯୪ତମ ଜନ୍ମ ବାର୍ଷିକୀକୁ ବେଶ୍ ଶ୍ରଦ୍ଧା ଓ ଉତ୍ସାହର ସହ ଅନୁଗୁଳ ପ୍ଲାଣ୍ଟ ଏବଂ ଆଖପାଖ ଅଞ୍ଚଳରେ ପାଳନ କରାଯାଇଛ। ସକାଳେ ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ଓ.ପି. ଜିନ୍ଦଲ (ବାଉଜୀ)ଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ବହୁ ବରିଷ୍ଠ ଅଧିକାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର। ଗ୍ରାମବାସୀ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସମ୍ମାନିତ ପ୍ରତିଷ୍ଠାତାଙ୍କ ପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କରିଥିଲେ।

ପଙ୍କଜ ମଲହାନ ତାଙ୍କ ସମ୍ବୋଧନରେ ଓ.ପି ଜିନ୍ଦଲଙ୍କ ଦୂରଦୃଷ୍ଟି ଏବଂ କମ୍ପାନୀ ତଥା ସମାଜ ପାଇଁ ତାଙ୍କର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଦାମୋଦର ମିତଲ ବାଉଜୀଙ୍କ ସହ କାର୍ଯ୍ୟ କରିବାର ନିଜ ବ୍ୟକ୍ତିଗତ ଅଭିଜ୍ଞତା ବିଷୟରେ ପ୍ରକାଶ କରି କହିଥିଲେ ଯେ, ଓ.ପି ଜିନ୍ଦଲ କିପରି ସ୍ୱଦେଶୀ ଜ୍ଞାନ କୌଶଳ ଦ୍ୱାରା ଏବଂ ସ୍ୱଦେଶୀ କଞ୍ଚାମାଲର ବ୍ୟବହାର କରି ଉତ୍କୃଷ୍ଟ ମାନର ଇସ୍ପାତ ନିର୍ମାଣ କରିହେବ ସେଥି ନିମନ୍ତେ ସେ ସର୍ବଦା ପ୍ରୟାସରତ ଥିଲେ ଏବଂ ଆଜି ଆମର ସଫଳତା ପଛରେ ତାଙ୍କର ହିଁ ମାର୍ଗ ଦର୍ଶନ ଏବଂ ଆଶୀର୍ବାଦ ସର୍ବଦା ରହିଅଛି।

ସୁବାଷ ଜୈନ, ଅତୁଲ ଦୁବେ,



ଏସ୍.କେ ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ଜେଏସ୍‌ପି ଅଧିକାରୀ ମଧ୍ୟ ବାଉଜୀଙ୍କ ଜୀବନୀ ବିଷୟରେ ପ୍ରେରଣାଦାୟୀ କଥା ସବୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହି ଅବସରରେ ଜେଏସ୍‌ପି ଫାଉଣ୍ଡେସନ ଏବଂ ଓଡ଼ିଶା ରକ୍ତ ଭଣ୍ଡାର, ଅନୁଗୋଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ୬ ଅଗଷ୍ଟରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଜେଏସପି କର୍ମଚାରୀ ଏବଂ ସହଯୋଗୀ ୧୮୩ ୟୁନିଟ ରକ୍ତ ଦାନ କରିଥିଲେ, ଯାହା ଅନୁଗୁଳ ଜିଲ୍ଲାରେ ଅନେକ ଜୀବନ ରକ୍ଷା ପାଇଁ ସହାୟକ ହୋଇପାରିବ।

ଏହି ଅବସରରେ ରାଜ୍ୟସ୍ତରୀୟ ଓ.ପି ଜିନ୍ଦଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ-୨୦୨୪, ଅନୁଗୋଳ ମଧ୍ୟ ପିଟିସି ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଡିଏମ୍, ଅନୁଗୁଳ ପ୍ରତାପ ପ୍ରୀତିମୟ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମଲହାନ, ଜିଲ୍ଲା ପରିବାର କଲ୍ୟାଣ ଅଧିକାରୀ ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଜିଲ୍ଲା କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ କିଶୋର କୁମାର କର, ଓ.ପି ଜିନ୍ଦଲ କମ୍ୟୁନିଟି କଲେଜର ଅଧ୍ୟକ୍ଷ ପ୍ରସନ୍ନ ପାତ୍ର ଏବଂ ଜେଏସ୍‌ପି, ଅନୁଗୁଳ ସିଏସ୍‌ଆର ବିଭାଗୀୟ ମୁଖ୍ୟ ଜୟନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଜିଲ୍ଲାରୁ ୧୨ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୧୮ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୮ ଅଗଷ୍ଟ ୨୦୨୪ ଗୁରୁବାର





# ପ୍ରତ୍ୟେକ ଗେଟ୍‌ରେ ପୂର୍ବତଟ ରେଳପଥ ସୌରଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଭାରତୀୟ ରେଳବାଇର ସବୁଜ ପଦକ୍ଷେପ ନୀତି ଅନୁଯାୟୀ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନ ଏବଂ ସର୍ଭିସ ବିଲଡିଂର ଛାତ ଉପରେ ସୌରଶକ୍ତି ଅଥବା ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା କରିଥିବାବେଳେ ରେଳପଥ ପରିସୀମା ମଧ୍ୟରେ ଅନ୍ୟ ସ୍ଥାନ ମାନଙ୍କରେ ସବୁଜ ଶକ୍ତି ଉତ୍ପାଦନ ପାଇଁ ବିଭିନ୍ନ ପଦକ୍ଷେପଗୁଡ଼ିକ ମଧ୍ୟ ଗ୍ରହଣ କରୁଛି। ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ବାର୍ଷିକ ପ୍ରାୟ ୨୧୮୨୬ କ୍ଷମତା ସୌରଶକ୍ତି କେନ୍ଦ୍ର ସ୍ଥାପନ କରିବାକୁ ଯୋଜନା କରିଛି, ଯାହାଫଳରେ ଶକ୍ତି ବାବଦରେ ବ୍ୟୟ ବାବଦରେ ପ୍ରାୟ ଛ ୧୪ କୋଟି ଏବଂ କାର୍ବନ କ୍ରେଡିଟ୍ ଅଥବା କ୍ରୟ କ୍ଷେତ୍ରରେ ପ୍ରାୟ ୯୧.୪୧ ଲକ୍ଷ ଟଙ୍କା ସଞ୍ଚୟ କରିପାରିବ।

ଏହି ପ୍ରକଳ୍ପ ଅଧୀନରେ, ପୂର୍ବତଟ ରେଳପଥ ୧୪୯ ଟି ଷ୍ଟେସନ ବିଲଡିଂ, ୨୪୮ ଟି ସର୍ଭିସ ବିଲଡିଂ, ୬୯୨୪ ଟି ଆବାସିକ ବିଲଡିଙ୍ଗ ଏବଂ ୩୬୬ଟି ଲେଭଲ କ୍ରସିଂ ଗେଟ୍‌ମାନଙ୍କରେ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରିବାକୁ ସ୍ଥିର କରିଛି।

ଉପରୋକ୍ତ ପ୍ରକଳ୍ପ ବାବଦରେ ପୂର୍ବତଟ ରେଳପଥ ଇତିମଧ୍ୟରେ ପ୍ରାୟ ୮୩.୭୯ କୋଟି ଟଙ୍କାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଛି ଯେଉଁଥିରେ ଛାତ ଉପରେ ବିଭିନ୍ନ କ୍ଷମତା ବିଶିଷ୍ଟ ଗ୍ରୀଡ୍ ପ୍ଲାଣ୍ଟରେ ସୌରଶକ୍ତି ପ୍ଲାଣ୍ଟ / ନବୀକରଣଯୋଗ୍ୟ ସୌରଶକ୍ତି ଉତ୍ସ ସ୍ଥାପନ କରିବ ଏହି ସ୍ଥାନ ଗୁଡ଼ିକୁ ନିମ୍ନ ମତେ ପ୍ରଦତ୍ତ କରାଯାଇଅଛି :

ବ୍ରହ୍ମପୁର-ପଲାସା ରେଳ ସେକ୍ସନରେ ସୌରଶକ୍ତି ସ୍ଥାପନ ବାବଦରେ ପ୍ରାୟ ୦୯.୧୩ କୋଟି ଟଙ୍କା ବ୍ୟୟ ବରାଦ। ଭୁବନେଶ୍ୱର-କଟକ-ପାରାଦୀପ-ଭଦ୍ରକ ରେଳ ସେକ୍ସନ ପାଇଁ ୮.୮୬ କୋଟି ଟଙ୍କା। ଅନୁଗୁଳ ରେଳ ସେକ୍ସନ ପାଇଁ ୯.୪୮ କୋଟି ଟଙ୍କା। ଭୁବନେଶ୍ୱର ମୁଖ୍ୟାଳୟ ସମେତ ନିକଟସ୍ଥ ରେଳବାଇ ଅଞ୍ଚଳ ପାଇଁ ଛ ୯.୧୦ କୋଟି ଟଙ୍କା। ଖୋର୍ଦ୍ଧା ରୋଡ଼ - ପୁରୀ ରେଳ ସେକ୍ସନ ପାଇଁ ୮.୭୪ କୋଟି ଟଙ୍କା। ପାରାଦୀପ-କେନ୍ଦୁଝରଗଡ ରେଳ ସେକ୍ସନ ପାଇଁ ୮.୧୦ କୋଟି ଟଙ୍କା। ବିଶାଖାପାଟନମ ଅଞ୍ଚଳ ପାଇଁ ୭.୨୫ କୋଟି ଟଙ୍କା। ବିଶାଖାପାଟନମ ଇଲେକ୍ଟ୍ରିକ ଲୋକୋ ସେଡ୍ ଅଞ୍ଚଳ ପାଇଁ ୭.୧୦ କୋଟି ଟଙ୍କା। ଦୁଭାଡା-ପଲାସା ମୁଖ୍ୟ ଲାଇନ/ ନୌପଡା-ଗୁଣୁପୁର/ ବିଜୟନଗରମ-ରାୟଗଡା ଅଞ୍ଚଳ ପାଇଁ ୮.୭୮ କୋଟି ଟଙ୍କା। କୋଟାଭାଲାସା-କିରାଣ୍ଡୁଲ ରେଳ ଲାଇନ ପାଇଁ ୭.୫୩ କୋଟି ଟଙ୍କା।

ରେଳପଥର ମୁଖ୍ୟାଳୟ ବିଲଡିଂ, ରେଳ ସଦନ ପରି ଅନ୍ୟ ସେବା ବିଲଡିଙ୍ଗ ମାନଙ୍କରେ ମଧ୍ୟ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରାଯାଇଅଛି। ଚନ୍ଦ୍ରଶେଖରପୁରରେ ରେଳ ସଦନ ଛାତ ଉପରେ ସ୍ଥାପନ କରାଯାଇଥିବା ସୋଲାର ପାୱାର ପ୍ଲାଣ୍ଟ / ନବୀକରଣଯୋଗ୍ୟ ଶକ୍ତି ଉତ୍ସ କ୍ଷମତା ବାର୍ଷିକ ପ୍ରାୟ ୬୭୯୦ ଅଟେ। ସେହିଭଳି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଅଧିକାଂଶ ସ୍ଥାନରେ ଲେଭଲ କ୍ରସିଂ ଗେଟ୍ ମାନଙ୍କରେ ମଧ୍ୟ ସୌରଶକ୍ତି / ନବୀକରଣ ଯୋଗ୍ୟ ଶକ୍ତି ଉତ୍ସ ପ୍ରଣାଳୀ ସ୍ଥାପିତ ହୋଇଛି।

ପୂର୍ବତଟ ରେଳପଥ ଏହାର ଶକ୍ତି ଆବଶ୍ୟକତା ପୂରଣ ପାଇଁ ସୌରଶକ୍ତିର ବ୍ୟବହାରକୁ ସର୍ବାଧିକ କରିବାକୁ ପ୍ରତିଶ୍ରୁତିବଦ୍ଧ। ଷ୍ଟେସନ ଏବଂ ଅନ୍ୟାନ୍ୟ ସେବା ବିଲଡିଙ୍ଗର ଦୈନନ୍ଦିନ ଶକ୍ତି ଆବଶ୍ୟକତା ପୂରଣ କରିବାରେ ଏହି ବ୍ୟବସ୍ଥା ସହାୟକ ହୋଇପାରିବ। ପରିବେଶ ଅନୁକୂଳ ହେବା ବ୍ୟତୀତ ଏହା ରେଳବାଇ ପାଇଁ ବହୁମୂଲ୍ୟ ଖର୍ଚ୍ଚ ପରିବର୍ତ୍ତେ ସଞ୍ଚୟ କରିପାରିବ।

# ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଓ.ପି. ଜିନ୍ଦଲଙ୍କ ଜନ୍ମ ବାର୍ଷିକୀରେ ସମାଜ ସେବା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସଏଲ) ବୁଧବାର ଏହାର ପ୍ରତିଷ୍ଠାତା ସ୍ୱର୍ଗତ ଓ.ପି. ଜିନ୍ଦଲଙ୍କ ଜନ୍ମ ବାର୍ଷିକୀକୁ ସମ୍ମାନ ଜଣାଇବା ପାଇଁ ଅନେକ ସମାଜ ସେବା ପଦକ୍ଷେପ ଆୟୋଜନ କରିଛି। ଏହି କାର୍ଯ୍ୟକଳାପରେ ରକ୍ତଦାନ ଡ୍ରାଇଭ୍, ସ୍ଥାନୀୟ ଡାକ୍ତରଖାନାଗୁଡ଼ିକରେ ଫଳ ଟୋକେଇ ବଣ୍ଟନ ଏବଂ ଲେପ୍ରୋସି କଲୋନୀରେ ଗ୍ରୋସରୀ ପ୍ୟାକେଟ ଯୋଗାଇବା ସହ ଅନାଥାଶ୍ରମ ଓ ବୃଦ୍ଧାଶ୍ରମରେ ଖାଦ୍ୟ ବଣ୍ଟନ ଅନ୍ତର୍ଭୁକ୍ତ ଥିଲା। କେନ୍ଦ୍ରୀୟ ରେଡ୍‌କ୍ରସ୍ ସୋସାଇଟି, କଟକ ସହିତ ମିଳିତ ସହଯୋଗରେ ରକ୍ତ ଦାନ ଡ୍ରାଇଭରେ କର୍ମଚାରୀ ଏବଂ ଠିକା କର୍ମଚାରୀମାନେ ରକ୍ତଦାନ କରିବାକୁ ଉତ୍ସାହ ଓ ଉଦ୍ଦୀପନା ସହ ଆଗେଇ ଆସିଥିଲେ, ଯାହାଫଳରେ ୪୧୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯାହାକି କୌଣସି କାରଖାନାରେ ଗୋଟିଏ ଦିନରେ ଏପରି ରେକର୍ଡ ସଂଖ୍ୟକ ରକ୍ତ ସଂଗ୍ରହ ହେବା ଏକ ବିରଳ ଘଟଣା। ଏହି ଗୁରୁତ୍ୱପୂର୍ଣ୍ଣ ଅବଦାନ ସ୍ଥାନୀୟ ଡାକ୍ତରଖାନା ଏବଂ ଆବଶ୍ୟକ ରୋଗୀଙ୍କୁ ଉପଲବ୍ଧ ରକ୍ତ ଯୋଗାଣକୁ ବଢ଼ାଇବ। ଏହା ସହିତ, ଜିନ୍ଦଲ ଷ୍ଟେନଲେଶ ଦ୍ୱାରା ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଯାଜପୁର ରୋଡ୍ ଏରିଆ ହସ୍ପିଟାଲରେ ରୋଗୀଙ୍କୁ ଫଳ ଟୋକେଇ ବଣ୍ଟନ କରାଯାଇଥିଲା। ଏହା ପରେ ବୃଦ୍ଧାଶ୍ରମ (ଶାନ୍ତି ହୋମସ) ଓ ଅନାଥାଶ୍ରମ (ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାର ସେଣ୍ଟର)ରେ ଅନ୍ତେବାସୀ ମାନଙ୍କୁ ଭୋଜନ ପ୍ରଦାନ କରାଯାଇଥିଲା। ଏହି ସେବା କାର୍ଯ୍ୟ ମାଧ୍ୟମରେ ଆମର ପ୍ରତିଷ୍ଠାତା ସ୍ୱର୍ଗତ ଓ.ପି. ଜିନ୍ଦଲଙ୍କ ଜୟନ୍ତୀ ପାଳନ କରି ଆମେ ଗର୍ବିତ ବୋଲି ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର କାରଖାନା ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି। ସେ ଅନ୍ୟ କାରଖାନା ମାନଙ୍କୁ ମଧ୍ୟ ଏହିପରି ରକ୍ତଦାନ ଶିବିର ଆୟୋଜନ କରିବାକୁ ଆହ୍ୱାନ ଦେଇଛନ୍ତି, ଯାହାଦ୍ୱାରା ରାଜ୍ୟ ତଥା ଦେଶରେ ରକ୍ତ ଅଭାବ କିଛି ମାତ୍ରା ରେ ଦୂର ହେଇ ପାରିବ। ଏକ ସାମାଜିକ ଦାୟିତ୍ୱ ପ୍ରାପ୍ତ ସଂଗଠନର ତାଙ୍କର ଦୃଷ୍ଟିକୋଣ ଆମକୁ ଅନ୍ୟମାନଙ୍କ ଜୀବନରେ ସକରାତ୍ମକ ପ୍ରଭାବ ପକାଇବା ପାଇଁ ପ୍ରେରଣା ଯୋଗାଇଥାଏ। ଆମେ ବିଶ୍ୱାସ କରୁ ଯେ ମିଳିତ ଭାବରେ କାର୍ଯ୍ୟ କରି ଆମେ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ସୃଷ୍ଟି କରିପାରିବା।

# କର୍ମଚାରୀଙ୍କୁ ସରକାରଙ୍କ ତାଗିଦ୍ : ସିଧାସଳଖ ଯାଇପାରିବେନି କୋର୍ଟ କି ବଦଳି-ପଦୋନ୍ନତି ପାଇଁ ପକାଇବେ ନାହିଁ ଚାପ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଏଣିକି ରାଜ୍ୟର ଉଭୟ ସରକାରୀ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରମାନେ ନିଜର ଆପତ୍ତି ଅଭିଯୋଗର ସମାଧାନ ପାଇଁ ସିଧାସଳଖ କୋର୍ଟ ଯାଇପାରିବେ ନାହିଁ। ଏପରିକି ନିଜର ନିଯୁକ୍ତି, ପଦୋନ୍ନତି, ଦେୟ ଓ ଅନ୍ୟାନ୍ୟ ସେବା ସର୍ତ୍ତ ପ୍ରସଙ୍ଗରେ କୌଣସି କର୍ତ୍ତୃପକ୍ଷଙ୍କ ଉପରେ କାହା ମାଧ୍ୟମରେ ବି ଚାପ ପକାଇ ପାରିବେ ନାହିଁ। ଯଦି କୌଣସି କର୍ମଚାରୀ ସିଧାସଳଖ କୋର୍ଟକୁ ଯାଆନ୍ତି, ତା'ହେଲେ ତାଙ୍କ ରିଟ୍ ପିଟିସନକୁ ଖାରଜ କରିବା ପାଇଁ ସରକାର ମଧ୍ୟ କୋର୍ଟଙ୍କୁ ଅନୁରୋଧ କରିବାକୁ ପଛାଇବେ ନାହିଁ। କର୍ମଚାରୀ ଯଦି ତାଙ୍କ ସରକାରୀ ସ୍ୱାର୍ଥକୁ ଆଗକୁ ନେବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପରେ ଯେକୌଣସି ମାଧ୍ୟମରେ ଚାପ ପକାଇବେ ତାକୁ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ବିଧି ନିୟମ-୧୯୫୯ର ୨୩ର ଉଲ୍ଲଂଘନ ଭାବେ ବିବେଚନା କରାଯିବ।" ରାଜ୍ୟ ସରକାର ନିଜର ସମସ୍ତ ସରକାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଏଭଳି ୧୬ ଦଫା ଗାଇଡଲାଇନ୍ ଜାରି କରିଛନ୍ତି।

ସାଧାରଣ ପ୍ରଶାସନ ବିଭାଗ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ଅଧିସୂଚନା ଅନୁସାରେ, ଜନଶୁଣାଣି ପୋର୍ଟାଲର ଉନ୍ନୀତିକରଣ ପାଇଁ ଓ ସରକାରୀ କର୍ମଚାରୀ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଅଭିଯୋଗର ସମାଧାନ ପାଇଁ ଆନୁଷ୍ଠାନିକ ପ୍ଲାଟଫର୍ମ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଏହି ଗାଇଡଲାଇନ୍ ଜାରି କରିଛନ୍ତି।

ସରକାର ଖୁବଶୀଘ୍ର ଜନଶୁଣାଣି ପୋର୍ଟାଲରେ ସରକାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗ ଗୁଡ଼ିକର ପରିଚାଳନା ପାଇଁ ଏକ ନିର୍ଦ୍ଦିଷ୍ଟ ପେଜ୍ ପ୍ରସ୍ତୁତ କରିବେ। ଯେଉଁଥିରେ ସମସ୍ତ ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକ ଉପଖଣ୍ଡସ୍ତରଠୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକ/ସ୍ତରଗୁଡ଼ିକୁ ଚିହ୍ନଟ କରିବେ। ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀ, ସେବା କରୁଥିବା ଓ ଅବସରପ୍ରାପ୍ତ କର୍ମଚାରୀ ଏହି ଜନଶୁଣାଣି ପୋର୍ଟାଲରେ ନିଜର ଅଭିଯୋଗ ଦାଖଲ କରିବା ଆବଶ୍ୟକ। ଅଭିଯୋଗ ଦାଖଲ କରିବା ପୂର୍ବରୁ ସମସ୍ତ କର୍ମଚାରୀ ଥରେ ପଞ୍ଜିକରଣ କରିବା ବାଧ୍ୟତାମୂଳକ।

ଅଭିଯୋଗ ଦାଖଲ କରିବା ପରେ ତାହା ନିକଟ ଉପରିସ୍ଥ ରିପୋର୍ଟିଂ ଅଧିକାରୀଙ୍କ ପାଖକୁ ପଠାଯିବ, ଯିଏ ସର୍ବାଧିକ ୩୦ଦିନ ମଧ୍ୟରେ ନିୟମ ଅନୁସାରେ ତା'ର ସମାଧାନ କରିବେ, ଯଦି ତାହା ଉକ୍ତ ଅବଧି ମଧ୍ୟରେ ସମାଧାନ ନହୁଏ ଉକ୍ତ ଅଭିଯୋଗ ସ୍ୱତଃପ୍ରବୃତ୍ତ ଭାବେ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବ। ସେଠାରେ ସମାଧାନ ନହେଲେ ତାହା ପରବର୍ତ୍ତୀ ସମୟରେ ସ୍ୱୟଂଚାଳିତ ଭାବେ ସମ୍ପୃକ୍ତ କର୍ମଚାରୀ କାର୍ଯ୍ୟରତ ଥିବା ନିର୍ଦ୍ଦେଶାଳୟ ଓ ବିଭାଗସ୍ତରକୁ ଯିବ। ପ୍ରତ୍ୟେକ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗର ସମାଧାନ ପାଇଁ ସର୍ବାଧିକ ୩୦ଦିନ ପର୍ଯ୍ୟନ୍ତ ସମୟ ଉପଲବ୍ଧ ରହିବ। ଯଦି ସମସ୍ତ ସ୍ତରରେ ଅଭିଯୋଗ ପରେ ମଧ୍ୟ କର୍ମଚାରୀଙ୍କ ଅଭିଯୋଗର ସମାଧାନ ହୋଇନପାରେ ତା'ହେଲେ ସେ ଚାହିଁଲେ ବିଭାଗୀୟ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ଭେଟିପାରିବେ। ସେହି ଭେଟିବା ପାଇଁ ତାଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ନିଜର ଉପରିସ୍ଥ ଅଧିକାରୀଙ୍କଠୁ ଅନୁମତି ନେଇ ଛୁଟିରେ ଆସିବାକୁ ପଡ଼ିବ। ପଞ୍ଜିକରଣଠୁ ଅଭିଯୋଗ ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରତ୍ୟେକ ପର୍ଯ୍ୟାୟରେ ଯିବାର ସ୍ଥିତି ସମ୍ପର୍କରେ ଆବେଦନକାରୀଙ୍କୁ ଏସଏମଏସ୍ ମାଧ୍ୟମରେ ଅବଗତର ସୁଯୋଗ ମିଳିବ।

ସେହିପରି ଧାର୍ଯ୍ୟ ସମୟସୀମା ସମାଧାନ ହୋଇନଥିବା ସମସ୍ତ ଅଭିଯୋଗଗୁଡ଼ିକ ସ୍ୱୟଂଚାଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଚାଲିଯିବ। ତେବେ ଏହାସହିତ ବିଭାଗୀୟ ମୁଖ୍ୟଙ୍କୁ ଅଭିଯୋଗ ସମାଧାନ ନହେବାର ଯଥାର୍ଥ କାରଣ ଦର୍ଶାଇବାକୁ ପଡ଼ିବ। ଯଦି କୌଣସି କର୍ମଚାରୀ ସବୁସ୍ତରରେ ଅଭିଯୋଗ ନଜଣାଇ ଓ ଅଭିଯୋଗର ସମାଧାନର ସମସ୍ତ ସ୍ତରରେ ବିଫଳ ହେବା ପୂର୍ବରୁ କୋର୍ଟରେ ମାମଲା ଦାଏର କରନ୍ତି ତା'ହେଲେ ରାଜ୍ୟ ସରକାର ଉକ୍ତ କର୍ମଚାରୀଙ୍କ ଲିଖିତ ଆବେଦନକୁ ଖାରଜ କରିବା ପାଇଁ କୋର୍ଟରେ ପ୍ରାର୍ଥନା କରିବେ। କେବଳ ସେତିକି ନୁହେଁ, ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ବିଧି ନିୟମ-୧୯୫୯ର ଧାରା ୨୩କୁ ଉଲ୍ଲଂଘନ କରି କୌଣସି କର୍ମଚାରୀ ତାଙ୍କର ସରକାରୀ ନିଯୁକ୍ତି, ପଦୋନ୍ନତି, ଦେୟ, ଅନ୍ୟାନ୍ୟ ସେବା ସର୍ତ୍ତ ପ୍ରସଙ୍ଗରେ କୌଣସି କର୍ତ୍ତୃପକ୍ଷଙ୍କ ଉପରେ କୌଣସି ପ୍ରଭାବ ପକାଇବାକୁ ଚେଷ୍ଟା କରିବେ ନାହିଁ। ସମସ୍ତ ସେବାରେ ଥିବା ସରକାରୀ କର୍ମଚାରୀଙ୍କ ପାଇଁ ଏହି ନିୟମ ଲାଗୁ ହେବ ବୋଲି ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ସରକାରୀ କର୍ମଚାରୀମାନଙ୍କ ସମସ୍ୟାର ସମାଧାନ ପ୍ରଶାସନିକ ସ୍ତରରେ କରିବା ସଂକ୍ରାନ୍ତ ଓଡ଼ିଶା ହାଇକୋର୍ଟରେ ୨୦୨୩ ମସିହାର ଏକ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲାର ଶୁଣାଣିବେଳେ ରାଜ୍ୟ ସରକାର ନିଜର ପକ୍ଷ ରଖି ଏହି ପ୍ରକ୍ରିୟାକୁ ଅନୁସରଣ କରିବେ ବୋଲି ଅବଗତ କରାଇଛନ୍ତି। ଯାହା ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅଧିସୂଚନା ଆକାରରେ ଜାରି ହୋଇଛି।

# ପୁନରୁଦ୍ଧାର ହେବ ଅଚଳ ଉଠାଜଳସେଚନ ପ୍ରକଳ୍ପ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅଚଳ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ସହ ପୁରୁଣା ସଚଳ ପ୍ରକଳ୍ପର ସୁଦୃଢ଼ୀକରଣ ଯୋଜନା'କୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ୨୦୨୪-୨୫ରୁ ୨୦୨୮-୨୯ ମସିହା ପର୍ଯ୍ୟନ୍ତ ଯୋଜନାକୁ ବୃଦ୍ଧି କରାଯାଇଥିବା ବେଳେ ଏଥିପାଇଁ ୧୦୮୪ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏନେଇ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ସଂକଳ୍ପପତ୍ର ପ୍ରକାଶ ପାଇଛି। ଏହି ସଂକଳ୍ପପତ୍ରରେ ଯୋଜନାର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ବିଭାଗ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ରାଜ୍ୟରେ ଅଚଳ ତଥା ଅବ୍ୟବହୃତ ହୋଇ ପଡ଼ିଥିବା ୨୦୬୫ଟି ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ୫୯୨୯୨ ହେକ୍ଟର ଚାଷଜମିକୁ ପୁନଃ ଜଳସେଚନ ଯୋଗାଇ ଦିଆଯିବ। ସେହିପରି ବହୁ ଯୋଜନା ବଢ଼ିଲା ୫ ବର୍ଷ, ଖର୍ଚ୍ଚ ହେବ ୧୦୮୪ କୋଟି – ମୋଟ ୨୮୬୧୭୮ ହେକ୍ଟର ଜମିକୁ ପୁନଃ ଜଳସେଚନ ଦିନରୁ ବ୍ୟବହୃତ ହୋଇଆସୁଥିବା ୧୦୧୫୨ଟି ଉଠାଜଳସେଚନ ପ୍ରକଳ୍ପର ସୁଦୃଢ଼ୀକରଣ ମଧ୍ୟ କରାଯିବ। ଏହାଦ୍ୱାରା ୨୨୬୮୮୬ ହେକ୍ଟର ଜମିକୁ ନିରବଚ୍ଛିନ୍ନ ଭାବରେ ଜଳଯୋଗାଣ ସହ ଅଚଳ ପ୍ରକଳ୍ପର ସଂଖ୍ୟା ହ୍ରାସ କରାଯାଇପାରିବ। ୨୦୨୪-୨୫ ଅର୍ଥାତ୍ ଏହି ବର୍ଷରେ ଅଚଳ ଥିବା ୧୦୦୦ଟି ଅଚଳ ଉଠା ଜଳସେଚନ ପ୍ରକଳ୍ପକୁ ସଚଳ କରାଯିବାକୁ ବିଭାଗ ଲକ୍ଷ୍ୟ ରଖୁଛି। ଏହାଦ୍ୱାରା ୨୭୫୬୩ ହେକ୍ଟର ଜମିକୁ ପାଣି ମାଡ଼ିବାକୁ ଥିବା ବେଳେ ଏଥିପାଇଁ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ୧୭୨୦ଟି ପୁରୁଣା ସଚଳ ପ୍ରକଳ୍ପକୁ ଚଳିତ ବର୍ଷ ଜଳସମ୍ପଦ ବିଭାଗ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏହାଦ୍ୱାରା ୩୬୧୨୬ ହେକ୍ଟର ଚାଷଜମିକୁ ପୁନଃ ଜଳସେଚନ ବ୍ୟବସ୍ଥା କରାଯାଇପାରିବ। ଏଥିପାଇଁ ୧୨୪ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଯାଉଛି। ଏହିପରି ଭାବେ ଆସନ୍ତା ୫ ବର୍ଷ ପାଇଁ ପ୍ରକଳ୍ପର ସଂଖ୍ୟା, ଏହାଦ୍ୱାରା ଜଳସେଚିତ ହେବାକୁ ଥିବା ଜମିର ପରିମାଣ ଏବଂ ଏଥିପାଇଁ ଖର୍ଚ୍ଚ ହେବାକୁ ଥିବା ଅର୍ଥ ବାବଦରେ ବିଶଦ୍ ଯୋଜନା ପ୍ରସ୍ତୁତ କରିଛି ଜଳସମ୍ପଦ ବିଭାଗ। ପ୍ରକଳ୍ପ ଆରମ୍ଭ ପୂର୍ବରୁ, କାର୍ଯ୍ୟ ଚାଲୁଥିବା ସମୟରେ ଏବଂ କାର୍ଯ୍ୟ ସମାପ୍ତ ହେବା ପରେ ଏହାର ଭିଜୁଆଲ୍ ଡକ୍ୟୁମେଣ୍ଟେସନ କରାଯିବ। ପ୍ରତିବର୍ଷ ଆର୍ଥିକ ବ୍ୟୟବରାଦ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାମ ସାରିବାକୁ ବିଭାଗ ଲକ୍ଷ୍ୟ ରଖୁଛି।

# ସତର୍କବାଣୀ ଶୁଣି ମଧ୍ୟ ନିଜ ପାଦରେ କୁରାଢ଼ି ମାରିଛନ୍ତି ଶେଖ୍ ହସିନା

**ନୂଆଦିଲ୍ଲୀ**

ବାଂଲାଦେଶର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଶେଖ୍ ହସିନା ଏବେ ରାଜନୈତିକ ଶରଣାର୍ଥୀ ହିସାବରେ ଭାରତ, ଇଂଲଣ୍ଡ କିମ୍ବା ଅନ୍ୟ କୌଣସି ଦେଶରେ ଆଶ୍ରୟ ନେବେ। ତାଙ୍କୁ ଇସ୍ତଫା ଦେବାକୁ ଓ ଭଉଣୀ ରିହାନାଙ୍କୁ ସଙ୍ଗରେ ନେଇ ଭାରତ କିମ୍ବା ଭାରତରୁ ଅନ୍ୟତ୍ର ପଳାୟନ କରି ରାଜନୈତିକ ଶରଣାର୍ଥୀ ଭାବେ କାଳ କଟାଇବାକୁ ବାଧ୍ୟ କରିଥିଲେ ସେ ଦେଶର ସେନା ମୁଖ୍ୟ ଜେନେରାଲ ୱାକର-ଉସ୍- ଜମାନ। ୨୩ ଜୁନ୍ ୨୦୨୩ରେ ହସିନା ଜେନେରାଲ ୱାକର-ଉସ୍-ଜମାନଙ୍କୁ ସେନା ମୁଖ୍ୟ ଭାବେ ନିଯୁକ୍ତି ଦେଇଥିଲେ। ତା' ପୂର୍ବରୁ ଭାରତ ପକ୍ଷରୁ ହସିନାଙ୍କୁ ସତର୍କ କରାଇ ଦିଆଯାଇଥିଲା ଯେ ଜେନେରାଲ ଜମାନ ଚୀନ ସପକ୍ଷବାଦୀ ଆଭିମୁଖ୍ୟ ରଖନ୍ତି ଓ ସୁଯୋଗ ପାଇଲେ ସେ ମୌଳବାଦୀ ଇସଲାମ ପନ୍ଥୀଙ୍କୁ କ୍ଷମତା ଅକ୍ତିଆର କରିବାରେ ସହଯୋଗ ଦେଇପାରନ୍ତି। ପ୍ରଧାନମନ୍ତ୍ରୀ ହସିନା କିନ୍ତୁ ସେ ସତର୍କ ସୂଚନାକୁ ଗୁରୁତ୍ୱ ନ ଦେଇ ଜେନେରାଲ ଜମାନଙ୍କୁ ସେନା ମୁଖ୍ୟ ପଦବୀରେ ଅଧିଷ୍ଠିତ କରାଇଥିଲେ। ଛାତ୍ରଙ୍କ ସଂରକ୍ଷଣ ଆନ୍ଦୋଳନ ହିଂସାମୁଖୀ ହୋଇ ପରିଶେଷରେ ହସିନାଙ୍କ ଇସ୍ତଫା ଦାବିରେ ପହଞ୍ଚିଥିଲା। ସେନା ମୁଖ୍ୟ ଜେନେରାଲ ଜମାନ ସରକାରଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଇସ୍ତଫା ଦେଇ ଦେଶ ଛାଡ଼ି ଅନ୍ୟତ୍ର ପଳାୟନ କରିବାକୁ ପ୍ରଧାନ ମନ୍ତ୍ରୀ ହସିନାଙ୍କୁ ଚରମବାଣୀ ଶୁଣାଇଥିଲେ, ଯାହା ମାନିବା ବ୍ୟତୀତ ହସିନାଙ୍କ ପାଖରେ ଅନ୍ୟ ଉପାୟ ନ ଥିଲା। ବାଂଲାଦେଶ ନ୍ୟାସ୍‌ନାଲିଷ୍ଟ ପାର୍ଟି(ବିଏନ୍‌ପି) ନେତ୍ରୀ ଖାଲେଦା ଜିଆଙ୍କୁ ଜେଲରୁ ତୁରନ୍ତ ମୁକ୍ତ କରାଯିବା ପ୍ରସ୍ତାବନାକୁ ମଧ୍ୟ ଜେନେରାଲ ଜମାନ ସମର୍ଥନ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ହୋଇଛି, ବାଂଲାଦେଶର ରାଜନୀତିରେ ଜମାତ୍-ଇ- ଇସଲାମୀ ଓ ଇସଲାମୀ ଛାତ୍ର ଶିବିର ଭଳି କଠୋରପନ୍ଥୀ ଇସଲାମିକ୍ ସଂଗଠନ ଅଗ୍ରଣୀ ତଥା ପ୍ରଭାବୀ ଭୂମିକା ଗ୍ରହଣ କରିବେ। ୨୦୨୪ର ନିର୍ବାଚନ ଲଢ଼ିବାକୁ ହସିନା ପ୍ରଥମେ ଅନିଚ୍ଛୁକ ଥିଲେ। ଆୱାମୀ ଲିଗ୍ ନେତାଙ୍କ ଓ ସମର୍ଥକଙ୍କ ଚାପରେ ସେ ନିର୍ବାଚନ ଲଢ଼ିବାକୁ ସମ୍ମତ ହୋଇଥିଲେ। ତାଙ୍କ ପରିବାରର କେହି ସଦସ୍ୟ ତାଙ୍କ ରାଜନୈତିକ ଉତ୍ତରାଧିକାରୀ ହେବା ହସିନା କେବେ ଚାହିଁନଥିଲେ, କାରଣ ସେ ଜାଣିଥିଲେ, ସୁଯୋଗ ପାଇବା ମାତ୍ରେ ଇସଲାମୀ କଠୋରପନ୍ଥୀମାନେ ତାଙ୍କ ଦାୟାଦଙ୍କୁ ହତ୍ୟା କରିବେ। ଇସଲାମୀ କଠୋରପନ୍ଥୀଙ୍କୁ ଯେକୌଣସି ମତେ ରୋକିବାକୁ ହସିନା ବଦ୍ଧପରିକର ଥିଲେ କିନ୍ତୁ ସେନା ମୁଖ୍ୟ ଜେନେରାଲ ଜମାନ ତାଙ୍କୁ ପ୍ରତାରିତ କରିବାରୁ ସେ କ୍ଷମତାଚ୍ୟୁତ ହୋଇ ଦେଶ ଛାଡ଼ିଛନ୍ତି ଓ ଏବେ ଭାରତ ଇଂଲଣ୍ଡ କିମ୍ବା ଅନ୍ୟ କେଉଁ ଦେଶରେ ରାଜନୈତିକ ଆଶ୍ରୟ ନେବେ। ହସିନାଙ୍କୁ ବିତାଡ଼ିତ କରିପାରିଥିବାରୁ ଇସଲାମୀ କଠୋରପନ୍ଥୀମାନେ ପ୍ରମତ୍ତ ହର୍ଷୋଲ୍ଲାସରେ ମାତିଛନ୍ତି, କିନ୍ତୁ ବାସ୍ତବ ଚିତ୍ର ହେଲା, ପାକିସ୍ତାନ, ମାଲଡେଭିସ୍ ଓ ଶ୍ରୀଲଙ୍କା ଭଳି ବାଂଲାଦେଶ ମଧ୍ୟ ଏବେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ଉତ୍କଟ ବେକାରୀ ସମସ୍ୟା ଯୁବବର୍ଗଙ୍କୁ ନୈରାଶ୍ୟ ଓ ବିଷାଦର ଅନ୍ଧକାରକୁ ଠେଲିଦେଇଛି। ଆଇଏସ୍‌ଏଫ୍, ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଓ ବିଶ୍ୱ ବ୍ୟାଙ୍କ ଭଳି ବୈଶ୍ୱିକ ବିତ୍ତୀୟ ସଂସ୍ଥାନଗୁଡ଼ିକ ଯଦି ବାଂଲେଦେଶର ସେନା ସମର୍ଥିତ ଇସଲାମୀ କଠୋରପନ୍ଥୀଙ୍କ ଦ୍ୱାରା କବଳିତ ସରକାରକୁ ଆର୍ଥିକ ସହାୟତା ଦେବାକୁ ଅନିଚ୍ଛୁକ ବା କୁଣ୍ଠିତ ହୁଅନ୍ତି ତେବେ ଅବସ୍ଥା ଅସମ୍ଭାଳ ହେବ ଓ ବାଂଲାଦେଶରେ ରାଜନୈତିକ ଅସ୍ଥିରତା ବଢ଼ିବ ଯାହା ନିଶ୍ଚିତ ଭାବେ ଭାରତ ପାଇଁ ଶୁଭଙ୍କର ନୁହେଁ। ଭୁଟାନକୁ ଛାଡ଼ି ଭାରତର ସମସ୍ତ ପଡ଼ୋଶୀ ଦେଶ ଏବେ ରାଜନୈତିକ ଅସ୍ଥିରତାର ସମ୍ମୁଖୀନ ହୋଇଛନ୍ତି ଓ ଭବିଷ୍ୟତରେ ଏହି ଅସ୍ଥିରତାର କମ୍ପନ ଆହୁରି ତୀବ୍ର ଓ ମାରାତ୍ମକ ହେବାର ଆଶଙ୍କା ରହିଛି। ନିଜ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଇ ସୀମାପାର ଚ୍ୟାଲେଞ୍ଜଗୁଡ଼ିକର ଓ ନକ୍ସଲବାଦ, ଉଗ୍ରବାଦ, ଆତଙ୍କବାଦ ଭଳି ଆଭ୍ୟନ୍ତରୀଣ ଓ ବାହ୍ୟ ଅପଶକ୍ତିଙ୍କ ସଫଳ ମୁକାବିଲା କରିବା ବ୍ୟତୀତ ଭାରତ ନିକଟରେ ଅନ୍ୟ ବିକଳ୍ପ କିଛି ନାହିଁ।

## ପତଞ୍ଜଳି ମାମଲାରେ ଆଇଏମ୍ ଅଧ୍ୟକ୍ଷଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ**

ପତଞ୍ଜଳି ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ଇଣ୍ଡିଆନ ମେଡିକାଲ ଆସୋସିଏସନ୍ (ଆଇଏମ୍)ର ଅଧ୍ୟକ୍ଷ ଡ. ଆର ଭି ଅଶୋକନଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏକ ସାକ୍ଷାତକାରରେ ଅଶୋକାନ ଦେଇଥିବା ମନ୍ତବ୍ୟକୁ ନେଇ ସେ କ୍ଷମା ମାଗିଛନ୍ତି କି ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ ପଚାରିଛନ୍ତି। ସାକ୍ଷାତକାର ଦେଇଥିବା ଖବରକାଗଜରେ କ୍ଷମା ପ୍ରାର୍ଥନା ପ୍ରକାଶ ପାଇଛି କି ବୋଲି ପ୍ରଶ୍ନ କରିଛନ୍ତି। ଆଇଏମଏ ପରିବର୍ତ୍ତେ ନିଜ ଟଙ୍କାରେ ଖବରକାଗଜରେ ବିଜ୍ଞାପନ ଜାରି କରି କ୍ଷମା ମାଗିବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୭ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଲୋପାଥି ଡାକ୍ତରମାନେ ଘରୋଇ ସ୍ତରରେ ପ୍ରାକ୍ଟିସ୍ କରିବାକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଥିଲା ବେଳେ ଡାକ୍ତରମାନଙ୍କ ଏଭଳି ଆଭିମୁଖ୍ୟକୁ ନିନ୍ଦା କରି ଏହା ସମୀଚିନ ନୁହେଁ ବୋଲି କହିଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ମନ୍ତବ୍ୟକୁ ନେଇ ଆଇଏମଏ ଅଧ୍ୟକ୍ଷ ଅଶୋକାନ ପିଟିଆଇକୁ ଏକ ସାକ୍ଷାତକାର ଦେବା ବେଳେ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ସୁପ୍ରିମକୋର୍ଟଙ୍କ ଏଭଳି ଟିପ୍ପଣୀ ଡାକ୍ତରମାନଙ୍କୁ ନିରାଶ କରିବା ସହିତ ସେମାନଙ୍କ ମନୋବଳ କମାଇବ ବୋଲି ଟିପ୍ପଣୀ ଦେଇଥିଲେ। ତେବେ ଏହାକୁ ସୁପ୍ରିମକୋର୍ଟ ଗ୍ରହଣ କରି ନଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ସଙ୍ଗଠନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝୀ ଏବଂ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ସଂଗଠନ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ପ୍ରତ୍ୟାଖ୍ୟାନ ପ୍ରାର୍ଥୀଙ୍କ ଆଖିରୁ ଲୁହ ପୋଛିଦେବା ସହ ଭିନ୍ନକ୍ଷମ ପିଲାମାନଙ୍କୁ ସେବା କରିବାର ସୁଯୋଗ ମେଇଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ସଙ୍ଗଠନ ପକ୍ଷରୁ ଧନ୍ୟବାଦ ସହ ସାଧୁବାଦ ଜଣାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ନିଯୁକ୍ତିରୁ ପ୍ରତ୍ୟାଖ୍ୟାନ ହୋଇଥିବା ପ୍ରାର୍ଥୀମାନେ ନିଜର ଅସୁବିଧା ଶିକ୍ଷା ବିଭାଗକୁ ଜଣାଇଥିଲେ ଏବଂ ଓଡ଼ିଶା ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ସଂଗଠନ ମାନଙ୍କ ଦ୍ୱାରା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ସମସ୍ୟାର ସମାଧାନ ପାଇଁ ଏକ ଆବେଦନ ପତ୍ର ଦିଆଯାଇଥିଲା। ସଂଗଠନ ଏହି ପ୍ରସଙ୍ଗରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲା ଯେଉଁଥିରେ ବହୁସଂଖ୍ୟକ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଏହି ପ୍ରସଙ୍ଗମର ବ୍ୟାପକ ପ୍ରଚାର କରିଥିଲେ। ଆଶାୟୀ ପ୍ରାର୍ଥୀଙ୍କ ଅସୁବିଧା ପ୍ରସଙ୍ଗକୁ ସରକାରଙ୍କ ଦୃଷ୍ଟିରେ ଆଣିଥିବାରୁ ଫେଡେରେଶନ ଗଣମାଧ୍ୟମକୁ କୃତଜ୍ଞତା ଜଣାଇଛନ୍ତି। ଏହାପରେ ୫ ଅଗଷ୍ଟ ୨୦୨୪ରେ ଫେଡେରେସନର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠମର ସାକ୍ଷାତ କରି ମନୋନୀତ ପ୍ରାର୍ଥୀଙ୍କ ପ୍ରତ୍ୟାଖ୍ୟାନକୁ ପ୍ରତ୍ୟାହାର କରିବାକୁ ନିବେଦନ କରିଥିଲେ ଏବଂ □ତତ୍‌କ୍ଷଣାତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏନସିଟିଇ ନିର୍ଦ୍ଦେଶନାମା ୨୦୧୦ ଉପରେ ଏକ ନିର୍ଦ୍ଦେଶ ପ୍ରକାଶ କରିଛନ୍ତି।

# ସମାଜସେବୀ ଦାମୋଦର ସାହୁଙ୍କୁ ଦ୍ୱିତୀୟ ସରଳା ଦେବୀ ପୁରସ୍କାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଶିଷ୍ଟ ସମାଜସେବୀ ଓ ଗୋପାଳକୃଷ୍ଣ ଗୋଖେଲଙ୍କ ଦ୍ୱାରା ପ୍ରତିଷ୍ଠିତ ହିନ୍ଦ୍ ସେବକ ସମାଜର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କୁ ଦ୍ୱିତୀୟ ସରଳା ଦେବୀ ପୁରସ୍କାର ପାଇଁ ସ୍ଥିର ହୋଇଛି। ଉଲ୍ଲେଖନୀୟ ଯେ ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ଓ ଜଗତ୍‌ସିଂହପୁର ବିକାଶ ପରିଷଦର ମିଳିତ ସହଯୋଗରେ ଆସନ୍ତା ଅଗଷ୍ଟ ୯ ତାରିଖରେ ସରଳା ଦେବୀଙ୍କ ୧୨୧ତମ ଜନ୍ମ ଦିବସ ତଥା ଅଗଷ୍ଟ କ୍ରାନ୍ତି ଦିବସରେ ଶ୍ରୀ ସାହୁଙ୍କୁ ଗୀତ ଗୋବିନ୍ଦ ସଦନଠାରେ ସନ୍ଧ୍ୟାରେ ହେବାକୁ ଥିବା ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏହି ପୁରସ୍କାର ପ୍ରଦାନ କରିବେ। ଉଲ୍ଲେଖନୀୟ ଯେ, ଏହି ପୁରସ୍କାର ବାବଦରେ ଶ୍ରୀ ସାହୁଙ୍କୁ ନଗଦ ଦଶ ହଜାର ଟଙ୍କା ସମେତ ମାନପତ୍ର ଓ ଉତରୀୟ ପ୍ରଦାନ କରାଯିବ ବୋଲି ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଏହି ପ୍ରେସ୍ ବିବୃତିରେ କୁହାଯାଇଛି। ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସାତଜଣଙ୍କୁ ମଧ୍ୟ ଏହି ଉତ୍ସବରେ ସମ୍ମାନିତ କରାଯିବ। ସେମାନେ ହେଲେ ସମାଜସେବୀ ଗୌରାଙ୍ଗ ଚରଣ ହୋତା, ଲେଖିକା ଡାଃ ଅନିତା ପଣ୍ଡା, ଶିକ୍ଷାବିତ୍ ଡକ୍ଟର ଜ୍ୟୋତ୍ସ୍ନା ମହାପାତ୍ର, ଗବେଷକ ଡକ୍ଟର ଭି. ରାଜେନ୍ଦ୍ର ରାଜୁ, ଲେଖିକା ଶ୍ରୀମତୀ ରେଣୁକା ମିଶ୍ର, ସଂଗଠକ ଓ ପ୍ରଶାସକ ସୂର୍ଯ୍ୟରଂଜନ ମହାନ୍ତି ଓ ଆଧ୍ୟାତ୍ମିକ ସାହିତ୍ୟ ସାଧକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିଳ୍ପ ତଥା ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପଦ୍ୟୋଗ ବିଭାଗର ମନ୍ତ୍ରୀ ସଂପଦ ଚରଣ ସ୍ୱାଇଁ ଯୋଗଦେବେ। ଟ୍ରଷ୍ଟର ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବାଲିକୁଦା-ଏରସମା ବିଧାୟକ ସାରଦା ଜେନା ଓ ପ୍ରଫେସର ନିହାର ରଂଜନ ପଟ୍ଟନାୟକ ଏହି ଉତ୍ସବରେ ଯଥାକ୍ରମେ ସମ୍ମାନିତ ଅତିଥି, ସମ୍ମାନିତ ବକ୍ତା ଓ ମୁଖ୍ୟବକ୍ତା ଭାବେ ଯୋଗଦେବେ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆସୁଛି ଆଉ...

ଓ ସୋନପୁରର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ (୭ରୁ ୧୧ ସିଏମ୍) ବର୍ଷା ହେବାର ସମ୍ଭାବନା ଅଛି। ସେଥିପାଇଁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୯ ତାରିଖ ସକାଳ ସାଢ଼େ ୮ଟାରୁ ୧୦ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଏହି ସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୦ ତାରିଖ ସକାଳ ସାଢ଼େ ୮ଟାରୁ ୧୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ କରାଯାଇଛି।

## ପ୍ରଥମ ଥର ପାଇଁ ୫୮.୫୭ ...

କରାଯାଇଛି। ସେ କହିଛନ୍ତି ଯେ ଏହି ବଜେଟରେ ବେତନ ପ୍ରାପ୍ତ କର୍ମଚାରୀମାନଙ୍କୁ ରିହାତି ମଧ୍ୟ ୫୦ ହଜାରରୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ବେତନ ପ୍ରାପ୍ତ କର୍ମଚାରୀଙ୍କ ପାଇଁ ଏହା ୧୭୫୦୦ ଟଙ୍କା ପର୍ଯ୍ୟନ୍ତ ଏକ ପ୍ରଭାବଶାଳୀ ଲାଭ। ଲୋକସଭାରେ ଅର୍ଥ ବିଲ୍ ଉପରେ ହୋଇଥିବା ଆଲୋଚନାର ଉତ୍ତରରେ ଅର୍ଥମନ୍ତ୍ରୀ ସୀତାରମଣ ଗୃହକୁ କହିଛନ୍ତି ଯେ ଅନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପ୍ରୟାସ ଘରୋଇ ଉତ୍ପାଦନକୁ ବୃଦ୍ଧି କରିବ ଏବଂ ରପ୍ତାନୀ ପ୍ରତିଯୋଗିତା ବୃଦ୍ଧି କରିବ। ସେ ଗୃହକୁ କହିଛନ୍ତି ଯେ କୋଭିଡ -୧୯ ର ଖର୍ଚ୍ଚ ପୂରଣ ପାଇଁ ଟିକସ ବୃଦ୍ଧି ନକରିବାକୁ ପ୍ରଧାନମନ୍ତ୍ରୀ ମୋଦି ନିର୍ଦ୍ଦେଶ ଦେଇଛନ୍ତି।

## ଇଡି କାର୍ଯ୍ୟକଳାପକୁ ...

ମାମଲାରେ ଦୋଷୀଙ୍କୁ ଦଣ୍ଡ ଦିଆଯାଇଛି। ସେହିପରି ଜଷ୍ଟିସ ସୂର୍ଯ୍ୟ କାନ୍ତ ମାମଲାଗୁଡ଼ିକରେ ଗୁଣବତ୍ତା ସମ୍ପନ୍ନ ଆଇନଗତ କାର୍ଯ୍ୟାନୁଷ୍ଠାନ ଦିଗରେ ଇଡି ମନୋନିବେଶ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଇଡି ଉଦ୍ଦେଶ୍ୟରେ କହିଥିଲେ, ଏଭଳି ଜଘନ୍ୟ ଅଭିଯୋଗ ଦେଶର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରୁଛି। କିନ୍ତୁ ତୁମେମାନେ ଅନ୍ୟ କିଛି ବ୍ୟକ୍ତିଙ୍କ ମନ୍ତବ୍ୟ ଆଧାରରେ ମାମଲା ରୁଜୁ କରିଦେଉଛ। ମାମଲାଗୁଡ଼ିକରେ ବିଜ୍ଞାନଗତ ପ୍ରମାଣ ରହିବା ଉଚିତ ବୋଲି ବିଚାରପତି କହିଥିଲେ।

## ବାଂଲାଦେଶ ହିଂସା ମଧ୍ୟରେ...

ଜାରି ରହିଛି। ଏଭଳି ପରିସ୍ଥିତି ସମ୍ବେଦନଶୀଳ ହୋଇଥିବାରୁ ଭାରତ ସମଗ୍ର ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛି। ଢାକାରେ ଥିବା ଭାରତୀୟ ହାଇ କମିଶନ ଏବଂ କନସୁଲେଟ୍‌ରେ ପୋଷ୍ଟ ହୋଇଥିବା ଅନାବଶ୍ୟକ କର୍ମଚାରୀଙ୍କ ପ୍ରତ୍ୟାବର୍ତ୍ତନ ବ୍ୟବସାୟିକ ବିମାନ ମାଧ୍ୟମରେ ହୋଇଛି। ସମସ୍ତ କୂଟନୀତିଜ୍ଞ ବର୍ତ୍ତମାନ ପର୍ଯ୍ୟନ୍ତ ହାଇ କମିଶନରେ ରହିବେ। ହାଇ କମିଶନରେ କାର୍ଯ୍ୟ ଜାରି ରହିବ ବୋଲି ଏହି ସୂତ୍ରରୁ ପ୍ରକାଶ। ବାଂଲାଦେଶରେ ଫସି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ବାଂଲାଦେଶର ରାଜଧାନୀ ଢାକାକୁ ସ୍ୱତନ୍ତ୍ର ବିମାନ ଚଳାଚଳ କରିଥିଲା। ଏହା ମାଧ୍ୟମରେ ୪୦୦ରୁ ଅଧିକ ଲୋକଙ୍କୁ ଭାରତ ଅଣାଯାଇଥିଲା।

## ରାଜ୍ୟ ସଭାକୁ କିଏ ଯିବେ...

ଓଡ଼ିଶା ସମେତ ୯ଟି ରାଜ୍ୟରେ ରାଜ୍ୟ ସଭା ଉପନିର୍ବାଚନ ଅନୁଷ୍ଠିତ ହେବ। ତେବେ ଏହି ଉପନିର୍ବାଚନ ପାଇଁ ଆସନ୍ତା ୧୪ ତାରିଖରେ ବିଜ୍ଞପ୍ତି ଜାରି ହେବାକୁ ଥିବା ବେଳେ ଅଗଷ୍ଟ ୨୧ରେ ନାମାଙ୍କନ ପାଇଁ ଶେଷ ତାରିଖ ରହିଛି। ୨୨ ତାରିଖରେ ନାମାଙ୍କନ ଯାଞ୍ଚ ହେବ। ଆମ ରାଜ୍ୟ ପାଇଁ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ୨୭ ଅଗଷ୍ଟ ରହିଛି।

# ଶିମିଳିପାଳରୁ ଶିକାରୀ ଗିରଫ : ବାଘ ଏବଂ ହରିଣ ଖପୁରୀ ସହ କଙ୍କାଳ ଜବତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଶିମିଳିପାଳକୁ ଶିକାର ମୁକ୍ତ କରିବାକୁ ବିଭାଗ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଥିଲେ ମଧ୍ୟ ଶିକାରୀମାନେ ଶିକାର କରିବାକୁ ପଛଉନାହାନ୍ତି। ସୂଚନା ମୁତାବକ ଶିମିଳିପାଳ ଟାଇଗର ପ୍ରଟେକସନ ଫୋର୍ସର ଉତ୍ତର ୱାଇଲଡ ଲାଇଫ ରେଞ୍ଜ ବାରେହିପାଣି ରେଞ୍ଜର ଟିମ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମକାବାଡି ଗ୍ରାମର ଲଙ୍କା ବଦ୍ରା (୬୨)ଙ୍କ ଘରେ ଚଢ଼ଉ କରି ଚିତାବାଘର କଙ୍କାଳ ସହ ଖପୁରୀ, ୩ଟି ଫାସ, ୯ଟି ତୀର ଆଦି ଜବଦ କରିବା ସହ ଲଙ୍କା ବଦ୍ରାକୁ ଗିରଫ କରିଥିଲେ। ତେବେ ତଦନ୍ତ ବେଳେ ଲଙ୍କା ବଦ୍ରା କିଭଳି ଜନ୍ତୁ ଶିକାର କରିଥିଲା ତା'ର ସିନ ରିକ୍ରିଏସନ ନଅଣା ନିକଟରେ କରିଥିଲେ। ସେଠାରୁ ତଦନ୍ତକାରୀ ଅଧିକାରୀମାନେ କିଛି ହାଡ଼ ମଧ୍ୟ ଜବଦ କରିଥିଲେ। ଜନ୍ତୁ ଶିକାରରେ ବ୍ୟବହୃତ ମାରଣାସ୍ତ୍ର ତା'ର ଘରେ ଥିବା କହିବାରୁ ପୁଣିଥରେ ମକାବାଡ଼ି ସ୍ଥିତ ଲଙ୍କା ବଦ୍ରାର ଘରେ ଚଢ଼ଉ କରାଯାଇ ଶୁଖିଲା ମାଂସ, ୩ଟି ଫାସ, ହରିଣର ଖପୁରୀ, ଗୋଟିଏ କୁରାଢ଼ୀ, ଗୋଟିଏ ବିଲ ହୁକ, ଜନ୍ତୁ ଶିକାର ପାଇଁ ଉଦିଷ୍ଟ ବିଷ, ଗୋଟିଏ ଗନ ବ୍ୟାଗ ଆଦି ଜବଦ କରିଥିଲେ।

C-384
**CUTTACK MUNICIPAL CORPORATION**
"e" PROCUREMENT NOTICE
Tender ID : 2024_ORULB_104146
Bid Reference No. MC(CMC)CTC_Div-I_No.05/2024-25
Tender Call Notice No. 5872 (PW) Date. 07.08.2024

Name of Works : Civil Works
No of Works : 03 Nos
Bid Value : Rs. 2.50 Lakh to Rs. 23.83 Lakh
Date of Completion : One Calendar Month to Three Calendar Months
Date and Time schedule :

| Start | End | Opening |
|---|---|---|
| 3.00 PM on dt. 08.08.2024 | 5.00 PM on dt.16.08.2024 | 11.00 A.M. on dt. 21.08.2024 |

Tender Details : can be seen from the procurement portal : www.tendersorissa.gov.in

Executive Engineer, City Div-I
OIPR-13031/11/0029/2425

ଭୁବନେଶ୍ୱର
୦୮ ଅଗଷ୍ଟ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର କୋଇଲା ବିଭାଗ ସଚିବ ଅମ୍ରିତ ଲାଲ ମୀନା ଏବଂ କୋଲ୍ ଇଣ୍ଡିଆର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ଅଗଷ୍ଟ ୧୨ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ବନ୍ଦ ରହିବ

**ଭୁବନେଶ୍ୱର,୭।୮: ନ୍ୟୁଜ୍‌ବ୍ୟୁରୋ**

ଚଳିତ ମାସ ଆସନ୍ତା ୧୨ ତାରିଖ ସୋମବାରରେ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଜନ ଅଭିଯୋଗ ଶୁଣାଣିର ପରବର୍ତ୍ତୀ ତାରିଖ ଜନସାଧାରଣଙ୍କୁ ସମ୍ବାଦ ପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତ୍ୟେକ ସୋମବାର ଜନଶୁଣାଣି କରି ସାଧାରଣ ଜନତାଙ୍କ ସମସ୍ୟା ସମ୍ପର୍କରେ ବୁଝୁଛନ୍ତି।



ଭୁବନେଶ୍ୱର : ନବୀନ ନିବାସ ଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ଉତ୍ତର ଭୁବନେଶ୍ୱର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସଭ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନ ଭାରତରେ ସବୁଜ କ୍ରାନ୍ତିର ଆବାହକ ଥିଲେ



**ଭୁବନେଶ୍ୱର,୭।୮: ନ୍ୟୁଜ୍‌ବ୍ୟୁରୋ**

ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ଦ୍ୱାରା ଆୟୋଜିତ 'କ୍ଷୁଧାମୁକ୍ତ ବିଶ୍ୱ : ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନଙ୍କ ଦୃଷ୍ଟିରେ ଚିର ସବୁଜ କ୍ରାନ୍ତି' ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଚେନ୍ନାଇ ଠାରେ ଅନୁଷ୍ଠିତ ହେଉଛି ଏବଂ ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଛନ୍ତି। ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନ ଭାରତରେ ସବୁଜ କ୍ରାନ୍ତିର ଆବାହକ ଥିଲେ। ତାଙ୍କରି ନେତୃତ୍ୱରେ ଭାରତ କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ସୃଷ୍ଟି କରିପାରିଥିଲା। ତାଙ୍କର ମୂଳଲକ୍ଷ୍ୟ ଥିଲା ବିଶ୍ୱକୁ ସମ୍ପୂର୍ଣ୍ଣ କ୍ଷୁଧାମୁକ୍ତ କରିବା। ଏଥି ନିମନ୍ତେ କେବଳ ସବୁଜ କ୍ରାନ୍ତି ନୁହେଁ ବରଂ ଚିର ସବୁଜ କ୍ରାନ୍ତିର ଆବଶ୍ୟକ। ଏହି ଅନ୍ତର୍ଜାତୀୟ ସମ୍ମିଳନୀ ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନଙ୍କ ସ୍ମୃତିରେ ତାଙ୍କର କୃଷି କ୍ଷେତ୍ରରେ ଅବଦାନକୁ ସ୍ମରଣ କରିବା ପାଇଁ ଆୟୋଜିତ କରାଯାଇଛି।

ମନ୍ତ୍ରୀ ଶ୍ରୀ ସିଂହଦେଓ ସମ୍ମିଳନୀର ପ୍ରାରମ୍ଭିକ ଅଭିଭାଷଣରେ କହିଥିଲେ ଯେ ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ଜଳବାୟୁ ପ୍ରତିରୋଧି କୃଷିକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇପାରିବେ। ଚାଷରେ ବିବିଧତା ବା ଏକକାଳୀନ ଏକରୁ ଅଧିକ ଫସଲ ଉତ୍ପାଦନ କରିବା ଦ୍ୱାରା ବିଶ୍ୱ କ୍ଷୁଧାମୁକ୍ତ ହୋଇପାରିବ। ପାରମ୍ପରିକ ଖାଦ୍ୟ ବ୍ୟବହାର ବଢ଼ାଇବା ଦ୍ୱାରା କ୍ଷୁଦ୍ର ଚାଷୀ, ବିଶେଷ କରି ଆଦିବାସୀ ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରିବେ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହୋଇପାରିବେ। ସେହିପରି ଖାଦ୍ୟ ନଷ୍ଟକୁ କମ୍ କରିବା ଦ୍ୱାରା ବିଶ୍ୱ ବହୁତ ଶୀଘ୍ର କ୍ଷୁଧାମୁକ୍ତ ହୋଇପାରିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂହଦେଓ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ନୂଆ ଲୋଗୋକୁ ଉନ୍ମୋଚନ କରିଥିଲେ। ପରେ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ପ୍ରଭାବୀ ରିପୋର୍ଟ ୨୦୨୩-୨୪ ପୁସ୍ତିକା ଉନ୍ମୋଚନ କରିବା ସହିତ ପୁଷ୍ଟିକର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କୃଷି ଓ ଜନଜାତିଙ୍କ ଦ୍ୱାରା ଜୈବିକ ପ୍ରଣାଳୀରେ ଉତ୍ପାଦିତ ଶସ୍ୟ ଜାତୀୟ ଖାଦ୍ୟ ପଦାର୍ଥ ଯଥା କୋରାପୁଟର ମାଣ୍ଡିଆ, ସୁଆଁ, ବାଜରା ପ୍ରଭୃତିର ପ୍ରଦର୍ଶନୀ କରାଯାଇଥିଲା। ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ତଥା ଦେଶବିଦେଶରୁ ବହୁ ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଯୋଗ ଦେଇଛନ୍ତି।

# ରାଜ୍ୟସ୍ତରୀୟ ଦଶମ ଜାତୀୟ ହସ୍ତତନ୍ତ ଦିବସ ପାଳିତ

## ଓଡ଼ିଶାର ସାଂସ୍କୃତିକ, ଐତିହ୍ୟ ଓ ଅର୍ଥନୀତିରେ ହସ୍ତତନ୍ତ ବୁଣାକାରଙ୍କ ପ୍ରମୁଖ ଯୋଗଦାନ ରହିଛି

**ଭୁବନେଶ୍ୱର,୭।୮: ନ୍ୟୁଜ୍‌ବ୍ୟୁରୋ**

ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ବୁଧବାର ରାଜ୍ୟସ୍ତରୀୟ ଦଶମ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ଅର୍ଥନୀତିରେ ହସ୍ତତନ୍ତ ବୁଣାକାରଙ୍କ ପ୍ରମୁଖ ଯୋଗଦାନ ରହିଛି ବୋଲି ପ୍ରକାଶ କରିଛନ୍ତି। ଏଥି ସହ ସେ ଓଡ଼ିଶାର ସମୃଦ୍ଧ ପରମ୍ପରା ତଥା ଭାରତୀୟ ବୟନ ଶିଳ୍ପରେ ହସ୍ତତନ୍ତ ବୁଣାକାରଙ୍କ ବ୍ୟାପକ ଅବଦାନ ଉପରେ ଆଲୋକପାତ କରିଥିଲେ। ଆର୍ଥିକ ସହାୟତା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବାଣିଜ୍ୟ ସହାୟତା ସମେତ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ହସ୍ତତନ୍ତ କ୍ଷେତ୍ରକୁ ସମର୍ଥନ ତଥା ପ୍ରୋତ୍ସାହନ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଡ. ପାଢ଼ୀ ମଧ୍ୟ ଆଲୋକପାତ କରିଥିଲେ।

ଆମର ପୁରୁଣା ବୟନ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଏବଂ ବୁଣାକାରମାନଙ୍କୁ ସମର୍ଥନ କରିବା ଦିଗରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ଦଶମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଏକ ବହୁମୂଲ୍ୟ ଅବସର। ୧୯୦୫ ମସିହାରେ ଏହି ଦିନ କଲିକତା ଟାଉନହଲ୍‌ରେ ଏକ ବିଶାଳ ସଭାରେ ସ୍ୱଦେଶୀ ଆନ୍ଦୋଳନ ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଥିଲା। ଏହି ଆନ୍ଦୋଳନର ଶୁଭ ତିଥି ୭ ଅଗଷ୍ଟକୁ ସ୍ମରଣ କରିବା ପାଇଁ ଏହି ଦିନଟିକୁ ସାରା ଦେଶରେ ଜାତୀୟ ହସ୍ତତନ୍ତ ଦିବସ ଭାବରେ ପାଳନ କରାଯାଉଛି। ହସ୍ତତନ୍ତର ଗୁରୁତ୍ୱ ଓ ଦେଶ ବିଦେଶରେ ସାମାଜିକ ତଥା ଅର୍ଥନୈତିକ ବିକାଶରେ ଏହାର ଅବଦାନ ଉପରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ପ୍ରମୁଖ ଉଦ୍ଦେଶ୍ୟ।



ସାଂସ୍କୃତିକ ଐତିହ୍ୟସମୃଦ୍ଧ ଓଡ଼ିଶା ଏହାର ସୂକ୍ଷ୍ମ ହସ୍ତତନ୍ତ ପରମ୍ପରା ପାଇଁ ପ୍ରସିଦ୍ଧ। ରାଜ୍ୟର ହସ୍ତତନ୍ତ ଶିଳ୍ପ ଏହାର ବୁଣାକାରମାନଙ୍କ ଦକ୍ଷତା ଓ ସୃଜନଶୀଳତାର ପ୍ରମାଣ। ବୁଣାକାରମାନେ ନିଜ କଳାକୁ ଯୁଗଯୁଗ ଧରି ସଂରକ୍ଷଣ କରି ରଖିଛନ୍ତି। ସମ୍ବଲପୁରୀ, ଟସର, ବମକାଇ, ମାଣିଆବନ୍ଧ ଓ ବ୍ରହ୍ମପୁରୀ ଶାଢ଼ି ପରି ଓଡ଼ିଶାର ହସ୍ତତନ୍ତ ଉତ୍ପାଦ ସାରା ବିଶ୍ୱରେ ନିଆରା ଡିଜାଇନ୍ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି। ଏହି ବସ୍ତ୍ର କେବଳ କପଡ଼ାର ଏକ ଖଣ୍ଡ ନୁହେଁ ବରଂ ଆମ ଓଡ଼ିଶାର ପ୍ରତିଟି ଅଞ୍ଚଳର ଇତିହାସ, ସଂସ୍କୃତି ଏବଂ ପରମ୍ପରା ଆଧାରିତ କାହାଣୀର ରୂପାନ୍ତରଣ। ଏପରି ସମାବେଶ ନିଶ୍ଚିତ ଭାବରେ ଆମ ରାଜ୍ୟର ବୁଣାକରମାନଙ୍କୁ ସେମାନଙ୍କର ଉତ୍ତମ ବୃତ୍ତି ବଜାୟ ରଖିବାକୁ ଏବଂ ଯୁବପିଢ଼ିକୁ ଏଥିପ୍ରତି ଆକୃଷ୍ଟ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ମତପ୍ରଦାନ କରିଥିଲେ। ଏହି ଅବସରରେ ଚାରିଜଣ ବିଶିଷ୍ଟ ବୁଣାକାର ଭାଇ ଓ ଭଉଣୀଙ୍କୁ ହସ୍ତତନ୍ତ କ୍ଷେତ୍ରରେ ସଫଳ ଯୋଗଦାନ ପାଇଁ ଉତ୍ସାହିତ କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲାର ଧଳାପରଦା କପଡ଼ା ଓ ଫାବ୍ରିକ୍ସ କାମ ପାଇଁ ସୁରେଶ କୁମାର ରାଉତଙ୍କୁ, ମୟୂରଭଞ୍ଜ ଜିଲ୍ଲାର ଫୁଟା ଶାଢ଼ି/ଗାମୁଛାରେ ପାରଦର୍ଶିତା ପାଇଁ ଶମ୍ଭୁନାଥ ସେନାପତି, କୋରାପୁଟ ଜିଲ୍ଲାର କୋରଙ୍ଗା କପଡ଼ାରେ ବିବିଧ କାରିଗରୀ ପାଇଁ ଭାଗବତୀ ସିସା ଓ କଳାହାଣ୍ଡି ଜିଲ୍ଲାର ହାବାସପୁରି ହସ୍ତତନ୍ତ ଉତ୍ପାଦ ପାଇଁ ଜଳନ୍ଧର ମେହେରଙ୍କୁ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ଶାସନ ସଚିବ ଅନନ୍ୟା ଦାସ, 'ବୟନିକା'ର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ, 'ଉତ୍କଳିକା'ର ପରିଚାଳନା ନିର୍ଦ୍ଦେଶକ କଲ୍ୟାଣୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ, ରେଶମ ଚାଷୀ ସୂର୍ଯ୍ୟନାରାୟଣ ପଟ୍ଟନାୟକ ଏବଂ ବୟନ ଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା ମଧ୍ୟ ଉପସ୍ଥିତ ଥିଲେ। ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ଶୋଭନ୍ କୃଷ୍ଣ ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ବୟନଶିଳ୍ପ ଓ ହସ୍ତତନ୍ତ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜାତୀୟ ହସ୍ତତନ୍ତ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋସିଆଲ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ହସ୍ତତନ୍ତ, ଆମର ଗର୍ବ ଏବଂ ପରିଚୟ। ଜାତୀୟ ହସ୍ତତନ୍ତ ଦିବସ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଆମେ ସମସ୍ତେ ଅଧିକରୁ ଅଧିକ ହସ୍ତତନ୍ତ ସାମଗ୍ରୀ ବ୍ୟବହାର କରି ବୁଣାକାର ଓ କାରିଗର ବନ୍ଧୁଙ୍କ ଆର୍ଥିକ ଉନ୍ନତି ସହ ସମଗ୍ର ବିଶ୍ୱରେ ଏହାର ପ୍ରଚାର ପ୍ରସାର କରିବାରେ ନିଜର ଯୋଗଦାନ ଦେବା।

# ସୁରକ୍ଷିତ ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ


**ଭୁବନେଶ୍ୱର,୭।୮: ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଜଳ ନିଗମ (ୱାଟ୍‌କୋ)ର କାର୍ଯ୍ୟକଳାପ ଓ ଅଗ୍ରଗତି ଆକଳନ ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି। ଜନସାଧାରଣଙ୍କୁ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଏବଂ ଚାଲିଥିବା ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ଶେଷ କରିବା ପାଇଁ ନିଗମର ପ୍ରତିବଦ୍ଧତା ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏକ ମୌଳିକ ଆବଶ୍ୟକତା ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଗୁରୁତ୍ୱ ଉପରେ ଡ. ମହାପାତ୍ର ଆଲୋକପାତ କରିଥିଲେ। ସମୟସୀମା ପୂରଣ କରିବା ଏବଂ ବଢୁଥିବା ଜଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ଚାଲିଥିବା ସମସ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ସେ ୱାଟ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି। ନାଗରିକ ସମସ୍ୟାର ତୁରନ୍ତ ଓ ଫଳପ୍ରଦ ସମାଧାନ ସୁନିଶ୍ଚିତ କରିବା ପାଇଁ ୱାଟ୍‌କୋ ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗଗୁଡ଼ିକୁ ସହାନୁଭୂତି ଏବଂ ଉତ୍ତରଦାୟିତ୍ୱ ସହିତ ଗ୍ରହଣ କରିବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।



ସମୀକ୍ଷା ସମୟରେ ୱାଟକୋ ସିଇଓ ପ୍ରଦୀପ୍ତ କୁମାର ସ୍ୱାଇଁ ନିଗମର ସଫଳତା ଓ ସାମ୍ପ୍ରତିକ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଶ୍ରୀ ସ୍ୱାଇଁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ସମଗ୍ର ଓଡ଼ିଶାରେ ଜଳ ଯୋଗାଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପାଇପ୍ ଲାଇନରେ ଥିବା ଭବିଷ୍ୟତ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ।

ଏହି ଆଲୋଚନାରେ ପାନୀୟ ଜଳ ବ୍ୟବସ୍ଥାର ସାମ୍ପ୍ରତିକ ସ୍ଥିତି ଉପରେ ଗଭୀର ଆଲୋଚନା କରାଯିବା ସହ ଜଳର ଗୁଣବତ୍ତା ଓ ବଣ୍ଟନରେ ଉନ୍ନତି ଆଣିବା ପାଇଁ ୱାଟ୍‌କୋ ପକ୍ଷରୁ କରାଯାଇଥିବା ପ୍ରୟାସ ଉପରେ ଆଲୋକପାତ କରାଯାଇଥିଲା। ଭବିଷ୍ୟତ ଯୋଜନାରେ ରାଜ୍ୟ ପାଇଁ ଏକ ସୁଦୃଢ଼ ଏବଂ ସ୍ଥାୟୀ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଅଭିନବ ସମାଧାନ ଏବଂ ରଣନୀତିକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଖାରବେଳ ଭବନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସାଧାରଣ ଉଦ୍ୟୋଗ ବିଭାଗର କମିଶନର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ, ସାଧାରଣ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଭୁବନେଶ୍ୱର : ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲର ୨୩ତମ ଅଧିଷ୍ଠାନ ଉତ୍ସବ ବୁଧବାର ହୋଟେଲ ନ୍ୟୁ ମାରିଅନରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ ବର୍ଷ ପାଇଁ ରୋଟାରିଆନ୍ ବିଭୁତି ଭୂଷଣ କର ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। (ଫଟୋ : ସମ୍ବାଦ କଳିକା)

# ଭିଜିଲାନ୍ସ ଜାଲରେ ଆଠଗଡ଼ ବିଡିଓ : ୮ ସ୍ଥାନରେ ଚଢ଼ଉ

**ଭୁବନେଶ୍ୱର,୭।୮: ନ୍ୟୁଜ୍‌ବ୍ୟୁରୋ**

ବିଡିଓଙ୍କ ଘରେ ପଶିଲା ଭିଜିଲାନ୍ସ। ଆୟ ବର୍ହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଠଗଡ଼ ବିଡିଓ ପ୍ରଦୀପ କୁମାର ସାହୁଙ୍କ ଘରେ ବୁଧବାର ସକାଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ପ୍ରଦୀପଙ୍କ ପୈତୃକ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼ ଓ ଆଠଗଡ଼ ସମେତ ଏକକାଳୀନ ୮ଟି ସ୍ଥାନରେ ରେଡ୍ କରିଛି ଭିଜିଲାନ୍ସ ଟିମ୍। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଭୁବନେଶ୍ୱର ଗୌତମନଗରସ୍ଥିତ ଶ୍ରୀ ଏନକ୍ଲେଭ୍ ଆପାର୍ଟମେଣ୍ଟ ଦ୍ୱିତୀୟ ମହଲାରେ ଥିବା ଘର, ଖୋର୍ଦ୍ଧା ଭଲିଆବାଡ଼ିରେ ଥିବା ବିଲ୍ଡିଂ, ରାଜସୁନାଖଳାରେ ଥିବା ୩ ମହଲା କୋଠା, ରାଜ ସୁନାଖଳାରେ ଥିବା ପୈତୃକ ଘର, ଖୋର୍ଦ୍ଧା ପିଚୁକୁଳିରେ ଥିବା ସମ୍ପର୍କୀୟଙ୍କ ଘର, ଆଠଗଡ଼ରେ ଥିବା ଅଫିସ ଓ କ୍ୱାର୍ଟସରେ ରେଡ୍ କରାଯାଇଛି। ଏହି ଚଢ଼ଉରେ ୬ ଜଣ ଡ଼ିଏସପି, ୬ ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସଆଇ ଓ ଅନ୍ୟ ଷ୍ଟାଫ ସାମିଲ ହୋଇଛନ୍ତି। ପ୍ରଦୀପ ଆୟ ବର୍ହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଘଟଣାର ତଦନ୍ତ କରି ବୁଧବାର ସକାଳେ ଚଢ଼ଉ କରିଛି। ୨୦୨୩ ମସିହା ଫେବ୍ରୁୟାରୀ ୨୩ ତାରିଖରେ ପ୍ରଦୀପ ଆଠଗଡ଼ରେ ବିଡ଼ିଓ ଭାବେ ନିଯୁକ୍ତି ପାଇଥିଲେ। ଏହା ପୂର୍ବରୁ ସେ ନରସିଂହପୁରରେ ସେ କାର୍ଯ୍ୟରତ ଥିଲେ।



## ତିନିଦିନିଆ ନିବେଶକ ସମ୍ମିଳନୀ

**ଭୁବନେଶ୍ୱର, ୭/୮ ନ୍ୟୁଜ ବ୍ୟୁରୋ**

ତିନିଦିନିଆ ନିବେଶକ ସମ୍ମିଳନୀ କରିଛନ୍ତି ରାଜ୍ୟ ସରକାର । ୯ ତାରିଖ ପର୍ଯ୍ୟନ୍ତ ପୁନେ ଓ ଅହମ୍ମଦାବାଦରେ ଆୟୋଜିତ ହେଉଛି ଏହି ସମ୍ମିଳନୀ । ଏହା ମୋହନ ସରକାରଙ୍କ ପ୍ରଥମ ନିବେଶକ ସମ୍ମିଳନୀ। ଅଟୋମୋବାଇଲ, ଫୁଡ ପ୍ରୋସେସିଂ, ଡାଉନ୍ ଷ୍ଟ୍ରିମ ଇଣ୍ଡଷ୍ଟ୍ରି, ମେଟାଲ କ୍ଷେତ୍ରରେ ନିବେଶକଙ୍କ ସହ ୱାନ ଟୁ ୱାନ ଓ ଗୋଲ ଟେବୁଲ ବୈଠକ କରୁଛନ୍ତି ଶିଳ୍ପ ବିଭାଗର ଅଧିକାରୀ। ସମ୍ମିଳନୀରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶିଳ୍ପ ସଚିବ, ଏମଏସଏମଇ ମନ୍ତ୍ରୀଙ୍କ ସହ ଅନ୍ୟ ଅଧିକାରୀ ଏଥିରେ ଯୋଗଦେଇଛନ୍ତି।

# ପୋଲାଭରମ ପ୍ରକଳ୍ପ କାରଣରୁ ମାଲକାନଗିରିର ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହେବ : ଅତନୁ

**ଭୁବନେଶ୍ୱର, ୦୭/୮ ନ୍ୟୁଜ ବ୍ୟୁରୋ**

ପୋଲାଭରମ ପ୍ରକଳ୍ପ କାରଣରୁ ମାଲକାନଗିରିର ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହେବ । ଏଥିପାଇଁ ମାଲକାନଗିରିର ଅଧିବାସୀମାନେ ଏହି ସମସ୍ୟାକୁ ନେଇ ଆମ ଦଳର ସଭାପତିଙ୍କୁ ଅବଗତ କରାଇଥିଲେ। ବିଜେଡି ଏହି ପ୍ରକଳ୍ପ ପାଇଁ ଆଇନଗତ ଦିଗ ମାଧ୍ୟମରେ ମଧ୍ୟ ଲଢେଇ କରିଛି । ବଜେଟରେ କେନ୍ଦ୍ର ସରକାର ଯେଉଁଭଳି ଭାବରେ ଏହି ପ୍ରକଳ୍ପ ପାଇଁ ଅର୍ଥ ପ୍ରଦାନ କଲେ ତାହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକ। ଶ୍ରୀ ନାୟକ କହିଛନ୍ତି ପୋଲାମଭରମ ପ୍ରକଳ୍ପରେ ଓଡ଼ିଶାର ମାଲକାନଗିରି ଜିଲ୍ଲା ଅଧିକ କ୍ଷତିଗ୍ରସ୍ତ ହେବ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମରେ ସ୍ଥିତି ଅନୁଧ୍ୟାନ ପାଇଁ ବିଜେଡି ଟିମ୍ ବୁଧବାର ମାଲକାନଗିରି ଗସ୍ତ କରିଛି । ଟ୍ରେନ୍‌ରେ ଯାତ୍ରା କରିଛନ୍ତି ବିଜେଡି ନେତା ଅତୁନ ସବ୍ୟସାଚୀ ନାୟକ ଓ ତାଙ୍କ ଟିମ୍ । ପୋଲଭରମ ପ୍ରକଳ୍ପରେ ରାଜ୍ୟର କ୍ଷତି ସମ୍ପର୍କରେ ଅନୁଧ୍ୟାନ କରିବେ ଟିମ୍ । ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଅତୁନ ସବ୍ୟସାଚୀ ନାୟକ କହିଛନ୍ତି ପୋଲାଭରମ ପ୍ରକଳ୍ପ କାରଣରୁ ମାଲକାନଗିରିର ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହେବ । ଏଥିପାଇଁ ମାଲକାନଗିରିର ଅଧିବାସୀମାନେ ଏହି ସମସ୍ୟାକୁ ନେଇ ଆମ ଦଳର ସଭାପତିଙ୍କୁ ଅବଗତ କରାଇଥିଲେ। ବିଜେଡି ଏହି ପ୍ରକଳ୍ପ ପାଇଁ ଆଇନଗତ ଦିଗ ମଧ୍ୟମରେ ମଧ୍ୟ ଲଢେଇ କରିଛି । ବଜେଟରେ କେନ୍ଦ୍ର ସରକାର ଯେଉଁଭଳି ଭାବରେ ଏହି ପ୍ରକଳ୍ପ ପାଇଁ ଅର୍ଥ ପ୍ରଦାନ କଲେ ତାହା ଦୁର୍ଭାଗ୍ୟଜନକ । ତେଣୁ ଆମ ଟିମ୍ ସ୍ଥିତିକୁ ଅନୁଧ୍ୟାନ କରି ଏକ ରିପୋର୍ଟ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବ ବୋଲି ଶ୍ରୀ ନାୟକ କହିଛନ୍ତି।

# ବଢୁଛି ଆତ୍ମହତ୍ୟା ମାନସିକତା: ଗତ ଦେଢ଼ବର୍ଷରେ ଭୁବନେଶ୍ୱରରେ ଗଲାଣି ୬୮୦ ଜୀବନ

**ଭୁବନେଶ୍ୱର,୭।୮: ନ୍ୟୁଜ୍‌ବ୍ୟୁରୋ**

କମୁନି ଆତ୍ମହତ୍ୟା ପ୍ରବଣତା। ଯେଉଁ ହାରରେ ଆତ୍ମହତ୍ୟା ବଢ଼ି ଚାଲିଛି, ତାହା ବର୍ତ୍ତମାନ ସାଧାରଣରେ ଖୁବ୍ ଚିନ୍ତାର ବିଷୟ ପାଲଟିଛି। ଗତ ଦେଢ଼ବର୍ଷରେ ଭୁବନେଶ୍ୱରରେ ୬୮୦ଜଣ ଆତ୍ମହତ୍ୟା କରିଛନ୍ତି। ୨୦୨୩ରେ ୪୨୭ଜଣ ଆତ୍ମହତ୍ୟା କରିଥିଲେ। ଚଳିତବର୍ଷ ପ୍ରଥମ ୬ ମାସରେ ୨୫୩ଜଣ ଆତ୍ମହତ୍ୟା କରିଛନ୍ତି। ସେଥିରୁ ଖଣ୍ଡଗିରି ଥାନା ଅଞ୍ଚଳରେ ସର୍ବାଧିକ ୧୧୮ଜଣ ଆତ୍ମହତ୍ୟା କରିଥିବା ବେଳେ ନନ୍ଦନକାନନ ଥାନା ଅଞ୍ଚଳରେ ସର୍ବନିମ୍ନ ୨ଜଣ ଆତ୍ମହତ୍ୟା କରିଛନ୍ତି। ଅନୁରୂପ ଭାବେ ଭରତପୁର, ମଞ୍ଚେଶ୍ୱର ଓ ଇନ୍‌ଫୋସିଟି ବି ଆତ୍ମହତ୍ୟାର ହଟ୍‌ସ୍ପଟ୍ ଭାବେ ଗଣନା କରାଯାଉଛି। ସେସବୁ ଉପାୟ ମଧ୍ୟରେ କୀଟନାଶକ ସେବନ କରିବା, ବେକରେ ରଶି ଲଗାଇ ଝୁଲିପଡ଼ିବା ଓ ପାଣିକୁ ଡେଇଁ ଏବଂ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରୁଥିବା ନଜିର ରହିଛି।

ସେହିପରି ସହରରେ ଯେତିକି ଏବେ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସୁଛି ୭୦ପ୍ରତିଶତ ଯୁବଗୋଷ୍ଠୀ। ୧୮ରୁ ୨୫ ବର୍ଷର ଯୁବବର୍ଗ ବା ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା କରିବାର ମୁଖ୍ୟ କାରଣ ପ୍ରେମ, ପାଠପଢ଼ାରେ ଚାପ, ପରିବାର ଲୋକଙ୍କ ତାଗିଦ୍। ପ୍ରେମ ଯନ୍ତ୍ରଣାରେ ବୁଡ଼ି ଆତ୍ମହତ୍ୟା କରିବା ହାର ଢେର ଅଧିକ। ପ୍ରେମ-ପ୍ରତାରଣା ଓ ତିକ୍ତତା ପ୍ରହେଳିକାରୁ ଜୀବନ ଚାଲିଯାଉଛି। ଆଉ ଏକ ବର୍ଗ ହେଲେ ୨୫ରୁ ୪୦। ପାରିବାରିକ କହଳ, ସଂସାର ବୋଝ, କର୍ମକ୍ଷେତ୍ରରେ ଚାପ ଆଦିକୁ ନେଇ ମାନସିକ ଚାପରେ ଗତିକରି ଆତ୍ମହତ୍ୟା କରୁଛନ୍ତି। ସେମାନେ ମାନସିକ ଦେବାଳିଆପଣ ଏହି ଆତ୍ମହତ୍ୟା ପ୍ରବୃତ୍ତି ସର୍ବାଧିକ ଦେଖିବାକୁ ମିଳୁଛି।

ରାଜଧାନୀରେ ଗତ ୬ ବର୍ଷରେ ୧୬୦୮ଜଣ ଆତ୍ମହତ୍ୟା କରିଛନ୍ତି। ପାଠପଢୁଆ ଠାରୁ ଶିକ୍ଷିତ ରହୁଥିବା ଏହି ସ୍ମାର୍ଟସିଟିରେ କେଉଁଠି ମାନସିକ ଦୁଶ୍ଚିନ୍ତା ତ ଆଉ କେଉଁଠି ପ୍ରେମଜନିତ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଥିଲା। ଏଥିରେ ନେତାଠୁ ଅଭିନେତା, ପୁଲିସ ବାବୁଙ୍କଠୁ କିରାଣିଙ୍କ ଶେଷ ନିଷ୍ପତ୍ତି ହୋଇଛି ଆତ୍ମହତ୍ୟା। ୨୦୨୨ରେ ୩୪୧ ଜଣ, ୨୦୨୧ରେ ୨୮୨, ୨୦୨୦ରେ ୩୧୦, ୨୦୧୯ରେ ୨୨୦, ୨୦୧୮ରେ ୨୨୪ ଏବଂ ୨୦୧୭ରେ ୨୩୧ଜଣ ଆତ୍ମହତ୍ୟା କରିଥିଲେ। ପରିସଂଖ୍ୟାନ ଦେଖିଲେ, ମହିଳାଙ୍କ ତୁଳନାରେ ପୁରୁଷ ସଂଖ୍ୟା ଅଧିକ ରହିଛି। ପ୍ରେମ କରିବା ମହାପାପ। ପ୍ରେମିକା ଲାଗି ବରବାଦ୍ ହୋଇଗଲି। ଆଉ ଜୀବନକୁ ରଖି ଲାଭ ନାହିଁ। ଏଭଳି ଭାବେ ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍ସଆପ୍ ଓ ଟୁଇଟ୍‌ରରେ ଆତ୍ମହତ୍ୟା ପୂର୍ବରୁ ଅନେକ ବିଷୋଦଗାର କରୁଛନ୍ତି। କିଏ ଜୀବନ ପ୍ରତି ଆସିଯାଇଛି ମତେ ବିତୃଷ୍ଣାଭାବ ବଖାଣୁଥିବା ବେଳେ ଆଉ କିଏ ପ୍ରେମରୁ ଧୋକା ଖାଇବା ପରେ ଜୀବନରୁ ହାରିବା ଲାଗି ଲେଖୁଛନ୍ତି। ଆତ୍ମହତ୍ୟା କରିବା ପୂର୍ବରୁ ସୋସିଆଲ ମିଡ଼ିଆରେ ଏଭଳି ଲମ୍ବା ଚଉଡ଼ା ହୃଦୟ ବିଦାରକ ପୋଷ୍ଟ ଲେଖିବା ପରେ ଲାଇଭ୍‌କୁ ଆସି ଜୀବନ ହାରି ଦେଉଛନ୍ତି। ଅନେକ ସମୟରେ ଆତ୍ମହତ୍ୟା କରିବା ଲାଗି ମନସ୍ଥ କରିଥିବା ବ୍ୟକ୍ତିଙ୍କୁ ସହଯୋଗ ମିଳିଲେ, ଆତ୍ମହତ୍ୟାକୁ ରୋକାଯାଇପାରିବ। ପରିବାର ଲୋକେ ସହଯୋଗ କଲେ ଆତ୍ମହତ୍ୟା ଉପରେ ରୋକ୍ ଲାଗିପାରନ୍ତା। ମାନସିକ ଅବସାଦ ହେଲେ ମନସ୍ତତ୍ତ୍ୱବିତ୍‌ଙ୍କ ସହ ପରାମର୍ଶ କରିବା ସହ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ମନସ୍ତତ୍ତ୍ୱବିତ୍‌ଙ୍କ କହିବା କଥା ମାନସିକ ଚାପରେ ରହିବା ପରେ ଅନେକ ଆତ୍ମହତ୍ୟା କରୁଛନ୍ତି। ସେହି ଗୁରୁତ୍ୱପୂର୍ଣ୍ଣ କେଇ ମିନିଟ୍ ସେମାନଙ୍କ ସହ କେହି କଥାବାର୍ତ୍ତା ହେଲେ ବଡ଼ ବିପଦ ଟଳିଯିବା ସହ ଗୋଟିଏ ଜୀବନ ବଞ୍ଚିଯାଇପାରନ୍ତା।

# ଲାଞ୍ଚ ନେଇ ଫସିଗଲେ ଲାଞ୍ଚୁଆ ପୋଷ୍ଟାଲ ଇନ୍ସପେକ୍ଟର

**ରାଇରଙ୍ଗପୁର, ୭/୮ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେବାବେଳେ ସିବିଆଇ ହାତରେ ଧରାପଡିଛନ୍ତି ଜଣେ ପୋଷ୍ଟାଲ ଇନ୍ସପେକ୍ଟର । ଜନୈକ ବିପିଏମଙ୍କୁ ସାର୍ଟିଫିକେଟ କରାଇ ଦେବାକୁ କହି ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହେଲେ ଧରା ପଡିଗଲେ ସିବିଆଇ ଫାଂସରେ । ସିବିଆଇ ଦୁର୍ନୀତି ନିବାରଣ ବିଭାଗର ଏକ ଟିମ୍ ମଙ୍ଗଳବାର ଦିନ ଉଦଳା ପୋଷ୍ଟାଲ ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ପୃଷ୍ଟିଙ୍କୁ ଲାଞ୍ଚ ନେବାବେଳେ ୧୦ ହଜାର ଟଙ୍କା ସହିତ ଗିରଫ କରିଛି । ଉଦଳା ଡାକ ସର୍କଲ ଅଧୀନ କୁଶଳଦା ପଥୁରୀକଟା ପୋଷ୍ଟ ଅଫିସର ଜିଡ଼ିଏସ ବିପିଏମ ମଳୟ କୁମାର ବେହେରା ବିଭାଗରେ ଚାକିରି କରିଥିବାବେଳେ ଏବେ ସେ ଶିକ୍ଷକ ଭାବେ ଚାକିରି ପାଇଛନ୍ତି । ଉକ୍ତ ଚାକିରି କରିବା ପାଇଁ ପୋଷ୍ଟାଲ ବିଭାଗ ପକ୍ଷରୁ ଇସ୍ତଫା ସହିତ ପୋଷ୍ଟ ୱାର୍କ ଭେରିଫିକେସନ ସାର୍ଟିଫିକେଟର ଆବଶ୍ୟକତା ରହିଥିଲା । ଯେଉଁ ପୋଷ୍ଟ ୱାର୍କ ଭେରିଫିକେସନ ସାର୍ଟିଫିକେଟ ପାଇବା ପାଇଁ ମଳୟ ଉଦଳା ପୋଷ୍ଟାଲ ଇନ୍ସପେକ୍ଟରଙ୍କ ନିକଟରେ ପହଞ୍ଚିଥିଲେ। ହେଲେ ସାର୍ଟିଫିକେଟ ଦେବା ପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଯାହାକି ମଙ୍ଗଳବାର ସନ୍ଧ୍ୟାରେ ଉଦଳାରେ ରାଜେନ୍ଦ୍ରଙ୍କ ଭଡା ବାସଭବନ ନିକଟରେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ମାଡି ବସିଥିଲା ସିବିଆଇ । ତେବେ ଧରା ପଡିବା ପରେ ପୋଷ୍ଟାଲ ଇନ୍ସପେକ୍ଟର ଘଟଣାସ୍ଥଳରେ ଟଙ୍କା ଫୋପାଡ଼ି ଦେଇ ଖସି ଯିବାକୁ ଉଦ୍ୟମ କରିଥିଲେ କିନ୍ତୁ ସିବିଆଇ ହାବୁଡ଼ରୁ ବର୍ତ୍ତି ପାରିନଥିଲେ। ଏନେଇ ଭୁବନେଶ୍ୱର ସିବିଆଇ ଡିଏସ୍‌ପି ଅଶୋକ କୁମାର କହିଛନ୍ତି,'ପୋଷ୍ଟାଲ ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ପୃଷ୍ଟିଙ୍କୁ ଲାଞ୍ଚ ନେଉଥିବା ବେଳେ ଆମେ ଗିରଫ କରିଛୁ । ବର୍ତ୍ତମାନ ତାଙ୍କୁ ଭୁବନେଶ୍ୱର ନିଆଯିବା ଏବଂ ଗୁରୁବାର ସିବିଆଇ କୋର୍ଟରେ ତାଙ୍କୁ ଦାଖଲ କରାଯିବ । 'ପ୍ରକାଶ ଯୋଗ୍ୟ, ସେହିପରି ଗତ ୩ ତାରିଖ ଦିନ ଭିଜିଲାନ୍ସ ହାତରେ ଧରାପଡିଲେ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ମୃତିକା ସଂରକ୍ଷଣ ପରିଦର୍ଶକ ସୁଧାଂଶୁ ଶେଖର ରଣା । ୧୧ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ । ଏକ ଉନ୍ନୟନ ମୂଳକ ପ୍ରକଳ୍ପର ବିଲ୍ କରିଦେବା ପାଇଁ ରାମଚନ୍ଦ୍ର ମହାକୁଡ ନାମକ ଜଣେ ବ୍ୟକ୍ତି ଠାରୁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ସେ ଧରା ପଡିଥିଲେ।